ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଯା ଦେବୀ ସର୍ବଭୂତେଷୁ............

# ଧ୍ୱନି ପ୍ରତିଧ୍ୱନି

*The Dhwani Pratidhwani*

ବାଲେଶ୍ୱର ■ ଶନିବାର ୨୪ ଫେବୃଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 24 FEBRUARY 2024
Vol.No. 35 ■ No.54 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା

website : www.dhwanipratidhwani.net
email: pratidhwani.dhwani@gmail.com

DSPL-703

ଆମ ଓଡ଼ିଶା ନବୀନ ଓଡ଼ିଶା

ଓଡ଼ିଶା ସରକାର



ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା

ସର୍ବୋତ୍ତମ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିଛି BSKY

ବାର୍ଷିକ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା





ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ବିଶେଷତ୍ୱ

୪ କୋଟି ଲୋକ ଉପକୃତ | ମାସିକ ୧ ଲକ୍ଷରୁ ଅଧିକ ହିତାଧିକାରୀ ପାଉଛନ୍ତି ପ୍ରାୟ ₹୨୦୦ କୋଟିର ଦେୟମୁକ୍ତ ଚିକିତ୍ସା

ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR: 15001/13/0431/2324

DSPL-702

ଆମ ଓଡ଼ିଶା ନବୀନ ଓଡ଼ିଶା

ଓଡ଼ିଶା ସରକାର





ବରିଷ୍ଠଙ୍କୁ ସମ୍ମାନ | ଅସହାୟଙ୍କ ଭରସା

୫୮ ଲକ୍ଷରୁ ଉର୍ଦ୍ଧ୍ୱ

ବୃଦ୍ଧ-ବୃଦ୍ଧା, ବିଧବା ଓ ଅସହାୟଙ୍କ ପାଇଁ ନିଶ୍ଚିତ ପେନସନ



ମଧୁବାବୁ ପେନସନ ଯୋଜନାର ବିଶେଷତ୍ୱ

- ମଧୁବାବୁ ପେନସନ ହିତାଧିକାରୀଙ୍କ ସଂଖ୍ୟା ୩୬.୭୫ ଲକ୍ଷକୁ ବୃଦ୍ଧି
- ଏହି ଯୋଜନାରେ ସାମିଲ ହେବେ ୪ ଲକ୍ଷ ଅତିରିକ୍ତ ହିତାଧିକାରୀ
- ବରିଷ୍ଠ ନାଗରିକ, ବିଧବା, ଭିନ୍ନକ୍ଷମ, ଅବିବାହିତା ମହିଳା, କୁଷ୍ଠ ରୋଗୀ, ଏଡ଼ସ ରୋଗୀ, ଛାଡ଼ପତ୍ର ପାଇଥିବା ମହିଳା, କିନ୍ନର ଓ କୋଭିଡ଼ରେ ଅନାଥ ହୋଇଥିବା ପିଲା ଏହି ଯୋଜନାରେ ସାମିଲ

ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR: 15001/13/0430/2324

# ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ତରଫରୁ ମୁଦୁଲିପଡ଼ାରେ ଦିଆଗଲା ଏକ ଆମ୍ବୁଲାନ୍ସ

ମାଲକାନଗିରି, ୨୩/୨ (ନି.ପ୍ର): ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ(ଏସବିଆଇ) ଜୟପୁର ଆଂଚଳିକ ଶାଖା ଆନୁକୂଲ୍ୟରେ ଏବଂ ମାଲକାନଗିରି ଏସବିଆଇ ମୁଖ୍ୟ ଶାଖା ସହଯୋଗରେ ଆଜି ଖଇରପୁଟ ବ୍ଲକ ମୁଦୁଲିପଡ଼ା ଠାରେ ଫାଇନାନ୍ସିଆଲ୍ ଲିଟେରେସି ମିଟ ଅନୁଷ୍ଠିତ ହୋଇଯାଇଛି। ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ କର୍ପୋରେଟ ସାମାଜିକ ଦାୟିତ୍ୱରେ ବିଭିନ୍ନ ଜନ ହିତକର କାର୍ଯ୍ୟ କରାଯାଉଛି। ସେହି ପରିପ୍ରେକ୍ଷୀରେ ଆଜି ଖଇରପୁଟ ବଣ୍ଡାଘାଟୀ ଠାରେ ଏସବିଆଇ ପକ୍ଷରୁ ଆଦିମ ଜନଜାତି ବଣ୍ଡା ତଥା ଆଦିମ ଜନଜାତିଙ୍କ ସ୍ୱାସ୍ଥ୍ୟ ସେବାରେ ସହାୟତା ଯୋଗାଇବା ନିମନ୍ତେ ଏକ ଆମ୍ବୁଲାନ୍ସ ବଣ୍ଡା ଉନ୍ନୟନ କର୍ତୃପକ୍ଷ (ବିଡ଼ିଏ)ଙ୍କୁ ହସ୍ତାନ୍ତର କରାଯାଇଛି। ଏସବିଆଇ ସିଜିଏମ୍ ଦିନେଶ ପୃଥି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଜିଏମ୍, ଉତମ କୁମାର ହାଜରା ଚୌଧୁରୀ, ବ୍ରହ୍ମପୁର ଜୋନ୍ ଡିଜିଏମ୍ ସନ୍ଦୀପ ଚୌଧୁରୀ, ଜୟପୁର ଆଂଚଳିକ ଶାଖା ଆର୍ ଏମ୍, କାବୁଲା ବେହେରା, ଏଲଡିଏମ, ନରସିଂହ ପ୍ରସାଦ ପାଢ଼ୀ, ମାଲକାନାଗିରି ଏସବିଆଇ ସିଏମ୍, ଦେବଦତ ସେଠୀ ଓ ବିଡିଏ ପ୍ରକଳ୍ପ ମୁଖ୍ୟ ସଲମନ ରାଇକା ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ପୃଥୀ କହିଥିଲେ ଯେ ଏସବିଆଇ ସାମାଜିକ ଦାୟିତ୍ୱ ଅଧୀନରେ ଆମ ସଂସ୍ଥା ଅନେକ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ କରୁଛି ଏବଂ ଆଜି ବଣ୍ଡା ଭଳି ଏକ ଆଦିମ ଜନଜାତିଙ୍କ ସ୍ୱାସ୍ଥ୍ୟ ସେବାରେ ସହାୟତା ନିମନ୍ତେ ମୁଦୁଲିପଡାଠାରେ ଆମ୍ବୁଲାନ୍ସ ସେବା ଯୋଗାଇ ଆମେ ଖୁସି ଅନୁଭବ କରୁଛୁ। ଏହି ଅବସରରେ ସ୍ୱାସ୍ଥ୍ୟ ସେବାରେ ଉତମ ସେବା ଯୋଗାଇ ଦେଉଥିବାରୁ ମୁଦୁଲିପଡାରେ ନିୟୋଜିତ ଡା ଚମ୍ପେଶ୍ୱର ପାଣିଗ୍ରାହୀଙ୍କୁ ଏସବିଆଇ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଛି।
ଏହି କାର୍ଯ୍ୟକ୍ରମ ପରେ ସଦର ସଂସ୍କୃତି ଭବନ ଠାରେ ଆୟୋଜିତ ଏସଏଚଜି ମେଳାକୁ ଶ୍ରୀ ପୃଥୀ ଉଦଘାଟନ କରିଥିବା ବେଳେ ଏସବିଆଇର ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ନିଉ ଫାଇନାନ୍ସ ଓ ବ୍ୟାଙ୍କ କ୍ରେଡିଟ ଲିଙ୍କେଜ୍ ଉପରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଆଂଚଳିକ ସ୍ତରୀୟ ଏହି ଏସଏଚଜି ମେଳା ରେ ୩୫୦ ଏସଏଚଜିଙ୍କୁ ୧୬ କୋଟି ୫୦ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଛି। ସେହିପରି ବିଭିନ୍ନ ଏସଏଚଜିଙ୍କ ଦ୍ୱାରା ୧୫ଟି ଷ୍ଟଲ୍ ଖୋଲାଯାଇ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଉତ୍ପାଦ ଗୁଡ଼ିକୁ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଶ୍ରୀ ପୃଥୀ କହିଥିଲେ ଯେ ମାଆ ମାନଙ୍କର ଜୀବନ ଜୀବିକାକୁ ସୁଦୃଢ଼ କରି ସେମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା ନିମନ୍ତେ ଆମେ ଏସଏଚଜିଙ୍କୁ ବ୍ୟାଙ୍କ ଲିଙ୍କେଜ୍ ମାଧ୍ୟମରେ ଋଣ ପ୍ରଦାନ କରିବାର ବ୍ୟବସ୍ଥା କରୁଛୁ। ଯାହା ଦ୍ୱାରା ସେମାନେ ଉପକୃତ ହେବା ସହ ଆର୍ଥିକ ସ୍ୱଚ୍ଛଳ ହୋଇପାରିବେ ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଏପିଡି ବାଲାଜୀ ପଟ୍ଟନାୟକ ଉପସ୍ଥିତ ଥିଲେ।

# ଭୋଟରମାନଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ : ମକ୍ ପୁଲ୍‌ରେ ଅଂଶଗ୍ରହଣ କଲେଣି ୧୧୮୨୪ ଭୋଟର

ଭୁବନେଶ୍ୱର, ୨୩/୨ (ନି.ପ୍ର): ରାଜ୍ୟରେ ଆଗାମୀ ଦିନରେ ଏକକାଳୀନ ହେବାକୁ ଥିବା ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ଭୋଟରଙ୍କୁ ସଚେତନ କରିବା ନିମନ୍ତେ ମୁଖ୍ୟ ନିର୍ବାଚନ କାର୍ଯ୍ୟାଳୟ ତରଫରୁ ଇଭିଏମ୍/ଭିଭିପ୍ୟାଟ୍ ର ସଚେତନତା କାର୍ଯ୍ୟକ୍ରମ ସାରା ରାଜ୍ୟରେ ଆରମ୍ଭ ହୋଇଛି । ପ୍ରତ୍ୟେକ ଜିଲ୍ଲାର ଜିଲ୍ଲା ସଦର ମହକୁମା ଓ ଉପଖଣ୍ଡ ସ୍ତରରେ ଇଭିଏମ୍/ଭିଭିପ୍ୟାଟ ସଚେତନତା କେନ୍ଦ୍ର ଖୋଲାଯାଇଛି । ଏହିସବୁ ସଚେତନତା କେନ୍ଦ୍ରକୁ ଭୋଟରମାନେ ବହୁସଂଖ୍ୟାରେ ଆସି ଇଭିଏମ୍/ଭିଭିପ୍ୟାଟ୍ ମେସିନ୍ ଦେଖିବା ସହ 'ମକ୍ ପୁଲ୍'ରେ ଅଂଶଗ୍ରହଣ କରୁଛନ୍ତି । ବିଶେଷ କରି ନୂତନ ଯୁବଭୋଟରମାନେ ବହୁସଂଖ୍ୟାରେ ଆସି ମକ୍ ପୁଲ୍‌ରେ ଅଂଶଗ୍ରହଣ କରୁଥିବା ଲକ୍ଷ୍ୟ କରାଯାଇଛି। ଜିଲ୍ଲା ଓ ଉପଖଣ୍ଡ ସ୍ତରରେ ଖୋଲାଯାଇଥିବା ଇଭିଏମ୍/ଭିଭିପ୍ୟାଟ୍ ସଚେତନତା କେନ୍ଦ୍ରକୁ ଫେବୃଆରୀ ୧୮ ତାରିଖ ସୁଦ୍ଧା ମୋଟ ୧୨୫୯୯୦ ଜଣ ପରିଦର୍ଶନ କରିଥିବାବେଳେ ୧୧୮୨୪୭ ଜଣ ଭୋଟର 'ମକ୍ ପୁଲ୍'ରେ ଅଂଶଗ୍ରହଣ କରିଥିଲେ । ସେହିପରି ରାଜ୍ୟର ସବୁ ନିର୍ବାଚନ ମଣ୍ଡଳୀରେ ବୁଥ୍ ହୋଇଥିବା ସ୍ଥାନରେ ମଧ୍ୟ ମୋବାଇଲ୍ ଇଭିଏମ୍/ଭିଭିପ୍ୟାଟ୍ ଗାଡ଼ି ଉପସ୍ଥିତ ରହି ଭୋଟରମାନଙ୍କୁ ସଚେତନ କରୁଅଛି । ଫେବୃଆରୀ ୧୮ ତାରିଖ ସୁଦ୍ଧା ମୋଟ ୩୦୬୮୮ ଗୋଟି ଭୋଟଗ୍ରହଣ କେନ୍ଦ୍ର ସ୍ଥାନରୁ ୨୬୪୫୪ ଗୋଟି ଭୋଟଗ୍ରହଣ କେନ୍ଦ୍ର ସ୍ଥାନରେ ଇଭିଏମ୍/ଭିଭିପ୍ୟାଟ୍ ସଚେତନତା କାର୍ଯ୍ୟକ୍ରମ ସରିଛି ଓ ଅବଶିଷ୍ଟ ସ୍ଥାନରେ ଚଳିତ ମାସ ଶେଷ ସୁଦ୍ଧା ସଚେତନତା କାର୍ଯ୍ୟକ୍ରମ ଶେଷ ହେବ ।

## ବସୁଧୈବ କୁଟୁମ୍ବକମ୍ ପ୍ରଦର୍ଶିତ

ଭୁବନ, ୨୩/୨ (ନି.ପ୍ର): ଭୁବନ ର ପୁରାତନ କଳା ସଂସ୍କୃତି ବିଦ୍ୟାଳୟ ମୀରାବାଇ କଳା ବିକାଶ କେନ୍ଦ୍ର ତରଫରୁ ସଙ୍ଗୀତଭିତିକ ନାଟକ ବସୁଧୈବ କୁଟୁମ୍ବକମ୍ ପ୍ରଦର୍ଶିତ ହୋଇଯାଇଛି । ଜାତୀୟ ନାଟ୍ୟ ବିଦ୍ୟାଳୟ ର ୨୫ ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ଆନ୍ତର୍ଜାତୀୟ ନାଟ୍ୟ ମହୋତ୍ସବ ପାଳିତ ହେଉଛି । ଏହି ଅବସରରେ ମୀରାବାଇ କଳା ବିକାଶ କେନ୍ଦ୍ର ର ସମ୍ପାଦକ ଭଗବାନ ଗୁରୁଙ୍କ ରଚନା ଏବଂ ନିର୍ଦ୍ଦେଶନାରେ କଳାକାର ମାନଙ୍କ ଦ୍ୱାରା ଉଚ୍ଚ କୋଟିର ସଙ୍ଗୀତ ନାଟକକୁ ନୂଆଦିଲ୍ଲୀ ରୁ ଆସିଥିବା ଟିମ୍ ସିଧା ପ୍ରସାରଣ କରିଥିଲେ । ଶାନ୍ତନୁ ଦାଶ, ତୁଷାରକାନ୍ତି ମିଶ୍ର, ଓଁ ସାଇ ମିଶ୍ର, ଚନ୍ଦନ ବେହେରା, ସୁରେନ୍ଦ୍ର ପୃଷ୍ଟି, କୈଳାସ ପୃଷ୍ଟି, ଦୀପକ ପୃଷ୍ଟି ପ୍ରମୁଖ ଅଭିନୟ କରିଥିବା ବେଳେ ନାରାୟଣ ସାହୁ ରୂପସଜା ଓ ନିରଞ୍ଜନ ମିଶ୍ର ମଂଚସଜା କରିଥିଲେ।

# ବାଲନ୍ଦାପଡ଼ାରେ ଶିଶୁମାନଙ୍କ ଥଇଥାନ ପାଇଁ ଭ୍ରାମ୍ୟମାଣ ଶିବିର: ଶତାଧିକ ଶିଶୁ ଉପକୃତ

କନ୍ଧମାଳ, ୨୩/୨ (ନି.ପ୍ର): ରାଜ୍ୟ ସରକାର ଶିଶୁ ମାନଙ୍କ ମଙ୍ଗଳ ଓ ଥଇଥାନ ପାଇଁ ଅନେକ ଯୋଜନା କରୁଛନ୍ତି। ସେମାନଙ୍କ ସୁରକ୍ଷା ସୁଦୃଢ କରିବା ସହିତ ପାଠ ପଢା ଜାରି ରଖିବା ପାଇଁ ବ୍ୟବସ୍ଥା କରୁଛନ୍ତି ଏବଂ ସେଥିପାଇଁ ଦୁର୍ଗମ ଅଂଚଳରେ ଭ୍ରାମ୍ୟମାଣ ଶିଶୁ କୋର୍ଟ ଓ ଶିବିର ଆୟୋଜନ କରାଯାଇଛି। ଫଳରେ ଆବଶ୍ୟକ ଶିକ୍ଷା ଓ ସୁରକ୍ଷା ପାଇ ଥଇଥାନ ହେଉଛନ୍ତି ଶିଶୁ ମାନେ ବୋଲି କହିଛନ୍ତି ଫୁଲବାଣୀ ବିଧାୟକ ଅଙ୍ଗଦ କହଁର। ଆଜି ଜିଲ୍ଲାର ଦୁର୍ଗମ ଓ ଅତ୍ୟନ୍ତ ମାଓ ପ୍ରବଣ ଅଂଚଳ ଫିରିଙ୍ଗିଆ ବ୍ଲକ ଗୋଛାପଡା ଥାନା ଅନ୍ତର୍ଗତ ବାଲନ୍ଦାପଡ଼ା ଠାରେ ଜିଲ୍ଲା ଶିଶୁ ମଙ୍ଗଳ କମିଟି ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଆନୁକୁଲ୍ୟରେ ଅନୁଷ୍ଠିତ ଭ୍ରାମ୍ୟମାଣ ଶିବିରରେ ଏପରି ମାତା ଦେଉଛନ୍ତି ବିଧାୟକ। ବାଲନ୍ଦାପଡା ପଂଚାୟତ ସଭାଗୃହରେ ଅନୁଷ୍ଠିତ ଏହି ଶିବିରକୁ ବିଧାୟକ ଉଦଘାଟନ କରିଥିବାବେଳେ ସ୍ୱାତୀ ଅନୁଷ୍ଠାନର ପ୍ରଦୀପ ସ୍ୱାଇଁ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିସିପିଓ ରଶ୍ମିତା କରନ୍, ସିଡବ୍ଲୁସି ଅଧ୍ୟକ୍ଷ ରଜତ ଦିଗାଲ, ଯୁବ ନେତା ବିଷ୍ଣୁ ମଲ୍ଲିକ, ସରପଂଚ ନିରାକାର ନାୟକ, ସିଡ଼ବ୍ଲୁସି ସଭ୍ୟ ସଦାଶିବ ପାତ୍ର, ମମତା ଦାସ, ପ୍ରସନ୍ନ ବିଷୋୟୀ,ରାମ ଚନ୍ଦ୍ର ପରିଡା,ଫିରିଙ୍ଗିଆ ସିଡ଼ିପିଓ ହରପ୍ରିୟା ମେହେର, ଡିସିପିୟୁରୁ ସୁନିଲ ପ୍ରଧାନ, ସରୋଜ କହଁର, ପ୍ରଜ୍ଞା ପାରମିତା ପ୍ରମୁଖ ଉପସ୍ଥିତ ଥିଲେ। ପିତୃ ମାତୃ ବିହୀନ ଶିଶୁମାନଙ୍କୁ ଏହି ଅବସରରେ ଥଇଥାନ କରାଯାଇଥିଲା।

# ଗାଁ ମଝିରାସ୍ତା ପାଲଟିଛି ପଙ୍କର କୃତ୍ରିମ ହ୍ରଦ: କେବେ ପଡ଼ିବ ପ୍ରଶାସନର ଦୃଷ୍ଟି ?

ନୂଆପଡ଼ା, ୨୩/୨ (ନି.ପ୍ର): ଖଡ଼ିଆଲ ବ୍ଲକ ସ୍ଥିତ ପଦ୍ମପୁର ଗ୍ରାମର ମୁଖ୍ୟ ବସ୍ତି ରାସ୍ତା ପାଲଟିଛି କୃତ୍ରିମ ପଙ୍କ ହ୍ରଦ । ଏହି ରାସ୍ତା ଦେଇ ଯାତାୟତ କରନ୍ତି ଗ୍ରାମର ତିନିଶହ ପରିବାରର ଲୋକେ । ରାସ୍ତା ଉପରେ ରହିଛି ୪ ଇଂଚର କାଦୁଅ ଏବଂ ପାଣି ପାଖାପାଖି ଦୁଇଶହ ମିଟର ଯାଏଁ ରାସ୍ତା ଉପରେ ବର୍ଷସାରା ଜମା ହୋଇରହିଅଛି । ଯାହାଫଳରେ ପଦ୍ମପୁର ଗ୍ରାମବାସୀ ଯିବାଆସିବାରେ ବହୁତ ଅସୁବିଧା ଭୋଗୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । କାଦୁଅରେ ରାସ୍ତାରେ ଦୁଇଚକିଆ କିମ୍ବା ଚାରିଚକିଆ ଯାନ ଗଲାବେଳେ ଲୋକଙ୍କ ଉପରେ କାଦୁଅ ଛିଟା ପଡି ଅସନା ହେଉଛନ୍ତି ଲୋକେ । ରାସ୍ତାର ଅବସ୍ଥା ଯାହା ଆପଣ ମାନେ ନଦେଖିଲେ ବିଶ୍ୱାସ କରିବେନି । ରାସ୍ତାର ଅବସ୍ଥା ଯେଉଁଭଳି ଅଛି ରାସ୍ତାରେ ବୟସ୍କ ବ୍ୟକ୍ତି ଚାଲିବା ସମ୍ଭବ ନୁହେଁ ହେଲେ ବାଧହୋଇ ଛୋଟ ଛୋଟ ଛାତ୍ରଛାତ୍ରୀ ଏହି ରାସ୍ତା ଦେଇ ବିଦ୍ୟାଳୟକୁ ଯିବା ଆସିବା କରିଥାନ୍ତି । ପ୍ରାୟ ସମୟରେ କୁନି କୁନି ଛାତ୍ରଛାତ୍ରୀ ମାନଙ୍କ ଗୋଡ ସ୍ଲିପ ହୋଇ କାଦୁଅରେ ପଡିଯାଇଥାନ୍ତି, ବ୍ୟାଗ, ବୁଟ ଓ ଡ୍ରେସ ରେ କାଦୁଅ ଲାଗୁଥିବା ହେତୁ ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟ ଯିବା ପାଇଁ ଅମଙ୍ଗ ହେଉଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଆହୁରି ମୁଖ୍ୟ ସମସ୍ୟା ରହୁଛିଯେ ଗ୍ରାମରେ କୌଣସି ପୂଜା ପର୍ବାଣି କିମ୍ବା ବାହାଘର ହେଲେ ରାସ୍ତା ରୁ କାଦୁଅ ଓ ପାଣି ଶୁଖାଇବାକୁ ଦଶଦିନ ପୂର୍ବରୁ ରାସ୍ତା କଡ଼ ରେ ଥିବା ନଳକୂଅ ଓ ପାଇପ ପାଣି କୁ ବନ୍ଦ କରିବାକୁ ପଡିଥାଏ ଯଦ୍ୱାରା ଗ୍ରାମର ଶହଶହ ପରିବାର ସ୍ୱଚ୍ଛ ପାଣି ପାଇବାରୁ ବଂଚିତ ହେଉଛନ୍ତି ଓ ବାଧ ହୋଇ ଫ୍ଲୋରାଇଡ ବାହାରୁଥିବା ନଳ କୂଅର ପାଣି ପିଉଛନ୍ତି । ସରକାର ସବୁବେଳେ କହୁଛନ୍ତି ଯେ ଗ୍ରାମମାନଙ୍କ ରାସ୍ତାର ବିକାଶ କରି ସୁବିଧାରେ ଯିବା ଆସିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି କିନ୍ତୁ ପଦ୍ମପୁର ବସ୍ତିରାସ୍ତା କୁ ଦେଖିଲେ ବିକାଶ ର ଉଲଟା ଚିତ୍ର ପରିଲକ୍ଷିତ ହେଉଅଛି । ଏହି ଚିତ୍ର ଦେଖିଲାପରେ ଲାଗୁଛି ସମସ୍ତେ ପକ୍କା ରାସ୍ତାରେ ଚାଲିବେ ସହରରୁ ଗାଁ ଓ ସମସ୍ତ ଗ୍ରାମାଂଚଳ ର ସବୁ ଗଳିକନ୍ଦି ଚକାଚକ ରହିବ ଡିଡିମ୍ବ ପିଟୁଥିବା ତାହା ଏକ ପ୍ରଶହନ ଭଳି ମନେ ହୁଏ ପଦ୍ମପୁର ବସ୍ତି ରାସ୍ତାକୁ ଦେଖିଲେ। ଏହି ରାସ୍ତାର ସମସ୍ୟା ନେଇ ସ୍ଥାନୀୟ ସରପଂଚ ଓ ବ୍ଲକ ପ୍ରଶାସନ କୁ ଅନେକ ଥର ଅବଗତ କରିଥିଲେହେ ଏହାର ସୁଫଳ ଏଯାଏଁ ମିଳିନାହିଁ। ରାସ୍ତାର ଅବସ୍ଥା ଦେଖିଲାପରେ ପ୍ରଶାସନ ଓ ସରକାର ଜାଣିଶୁଣି ଗ୍ରାମାଂଚଳ ରେ ଗମନାଗମନ ର ସୁବିଧା ନକରି ସମ୍ପୂର୍ଣ ଭାବରେ ଆଖିବୁଜି ଦେଇଥିବା ମନେହୁଏ । ଏଣୁ ଗ୍ରାମବାସୀ ଭଲ ରାସ୍ତା ଟିଏ କେବେ ମିଳିବ କହି ଭାଗ୍ୟକୁ ଆଦରି ରହିଛନ୍ତି । ତେଣୁ ଜ଼ିଲ୍ଲା ପ୍ରଶାସନ ଯଥାଶୀଘ୍ର ପଦ୍ମପୁର ଗ୍ରାମର ରାସ୍ତା ସମସ୍ୟା କିପରି ଦୁରହେଇପାରିବ ତାର ବ୍ୟବସ୍ଥା କରି ଯଥା ଶୀଘ୍ର କଂକ୍ରିଟ ରାସ୍ତା କରିବା ପାଇଁ ଲୋକେ ଦାବି କରିଛନ୍ତି ।

## ପଡିଆରେ ସାମଜିକ ସମୀକ୍ଷା ଓ ଜନଶୁଣାଣି ବୈଠକ

ମାଲକାନଗିରି, ୨୩/୨ (ନି.ପ୍ର): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ସଦର ମହକୁମାରେ ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ବ୍ଲକ ପରିସରରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ କରାଯାଇ ବିଭିନ୍ନ ଯୋଜନାର ହୋଇଥିବା ସମୀକ୍ଷାର ତଥ୍ୟ ଉପସ୍ଥାପନା କରାଯଇଥିଲା। ମୁଖ୍ୟତଃ ମନରେଗା, ସାଧାରଣ ବଂଟନ ବ୍ୟବସ୍ଥା, ସମନ୍ୱିତ ଶିଶୁ ବିଭାଗ ପକ୍ଷୁ ପ୍ରଦାନ କରାଯାଉଥିବା ମମତା ଯୋଜନାର ଅର୍ଥ ସମେତ ବିଭିନ୍ନ ଯୋଜନାର ସମୀକ୍ଷା କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରକଳ୍ପ ଆରମ୍ଭ ପୂର୍ବରୁ ଲଗାଯିବାକୁ ଥିବା ନାମ ଫଳକ ସମେତ ବିଭିନ୍ନ ତ୍ରୁଟି ପାଇଁ ଫାଇନ ମଧ୍ୟ କରାଯାଇଥିଲା। ତେବେ ଗତ ପାଂଚମାସ ଧରି ମନରେଗା ଯୋଜନାରେ ଶ୍ରମିକ ମାନେ ମଜୁରୀ ପାଇ ନଥିବାରୁ ନିଜର ଅସନ୍ତୋଷ ପ୍ରକାଶ କରିବା ସହ ଜନପ୍ରତିନିଧି ମାନେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏ ଦିଗରେ ତୁରନ୍ତ ଦୃଷ୍ଟି ଦେବାକୁ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଡିଆ ବ୍ଲକ ଅଧ୍ୟକ୍ଷା ଯମୁନା ମୂସାକି, ସମ୍ମାନୀତ ଅତିଥି ଭାବେ ଜିଲ୍ଲା ସାମାଜିକ ସମୀକ୍ଷକ ସୁବ୍ରତ କୁମାର ସାମଲ, ପଡିଆ ଗୋଷ୍ଠି ଉନ୍ନୟନ ଅଧିକାରୀ ଅଭିମନ୍ୟୁ କବି ଶତପଥୀ, ସହକାରୀ ଯନ୍ତ୍ରୀ ସୁଧାଂଶୁ ଶେଖର ବେହେରା ଓ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ମେନକା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସମୀକ୍ଷକ ସାଲେମଧର ଶଗଡିଆ ପରିଚାଳନା କରିଥିବା ବେଳେ ସମନ୍ୱିତ ଶିଶୁ , ବନବିଭାଗ , ଜଳ ଛାୟା ସମେତ ବିଭିନ୍ନ ବିଭାଗର ଅଧିକାରୀ, ବିଭିନ୍ନ ପଂଚାୟତର ପିଇଓ, ଜିଆରଏସ୍, ଭିଆରପି ସମେତ ବିଭିନ୍ନ ଜନପ୍ରତିନିଧିମାନେ ମାନେ ମଧ୍ୟ ଉପସ୍ଥିତ ଥିଲେ।

# କରଦା ହରିହାଟ ମହୋତ୍ସବର ଚତୁର୍ଥ ସଂଧ୍ୟା: ନୃତ୍ୟରେ ଝୁମିଲେ ଦର୍ଶକ

କୋରେଇ, ୨୩/୨ (ନି.ପ୍ର): କୋରାଇ ବ୍ଲକ ଅର୍ନ୍ତଗତ କରଦା ପଂଚାୟତର ଗଣପର୍ବ ହରିହାଟ ମେଳାରେ ମହୋତ୍ସବର ଚତୁର୍ଥ ଦିବସରେ ଅସମ୍ଭବ ଭିଡ଼ ପରିଲକ୍ଷିତ ହୋଇଥିଲା। ମହୋତ୍ସବ କମିଟିର ସମ୍ପାଦକ ବିଶ୍ୱନାଥ ପଣ୍ଡାଙ୍କ ସଂଚାଳନାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଜେଡି ଯୁବନେତା ପ୍ରିତୀରଂଜନ ସାହୁ,ସମ୍ମାନୀତ ଅତିଥି ଭାବେ ବୈତରଣୀରୋଡ ପ୍ରାଣକୃଷ୍ଣ ମହାବିଦ୍ୟାଳୟୀ ଅଧ୍ୟକ୍ଷ ସତ୍ୟନାରାୟଣ କଣ୍ଡାଇ, ଯାଜପୁର ପୌର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ଗୌରପୁର ସରପଂଚ ସତ୍ୟାନନ୍ଦ ମହାପାତ୍ର, ବ୍ଲକ ଯୁବ ବିଜେଡି ସଭାପତି ସୌଭାଗ୍ୟ ମହାନ୍ତି, ଅନୁଶୟା ପାତ୍ର, ସମାଜସେବୀ ଶରତ ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇଥିଲେ ଆଜି ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସାଜିଥିଲେ ଚଳଚିତ୍ର ଅଭିନେତ୍ରୀ ପ୍ରୀୟା ଚୌଧୁରୀ । କମିଟିର ସଭାପତି ପ୍ରମୋଦ କୁମାର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସୁଧାଂଶଙ୍କର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ଓ ରାଜ୍ୟ ସଂସ୍କୃତି ବିଭାଗ ଦ୍ୱାରା ପ୍ରେରିତ ଶିଞ୍ଜିକା ଡ୍ୟାନ୍ସ ଗ୍ରୁପ ଓ ପ୍ରୀୟାଙ୍କ ଡାଇଲଗ ଓ ନୃତ୍ୟ ଦର୍ଶକଙ୍କ ମନ ଜିଣିବା ସହ ଦ୍ୱାରା ଚିତାବର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲା। ରାଜ୍ୟ ସରକାରଙ୍କ ଓରମାଶ ଓ ନାବାର୍ଡ଼ ଦ୍ୱାରା ପକାଯାଇଥିବା ସ୍ୱୟଂ ସହାୟିକା ଗୋଷ୍ଠି ମାନଙ୍କ ସହିତ ଜିଲ୍ଲା ତଥା ରାଜ୍ୟ ବାହାରୁ ଆସିଥିବା ବ୍ୟବସାୟିକ ଷ୍ଟଲ ମାନଙ୍କ ନିକଟରେ କ୍ରେତା ମାନଙ୍କର ଭିଡ଼ ଜମିଥଲା। ଏଥି ସହିତ ମେଳାରେ ମଧ୍ୟ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ମେଳାରେ ଦୋଳି ସହିତ ମୀନାବଜାର, ଷ୍ଟେସନାରୀ ଦୋକାନ ,କଂସା ପିତଳ ଦୋକାନ, ଫାଷ୍ଟ ଫୁଡ଼ ଦୋକାନର ମଜା ଉଠାଇଥିଲେ ଦର୍ଶକ ମାନେ। ତୁଳସୀ ଗଣନାଟ୍ୟର ଅଧାରାତିର ସାଥି ଯାତ୍ରାରେ ମଧ୍ୟ ଦର୍ଶକ ମାନଙ୍କ ଭିଡ଼ ଲାଗି ରହିଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପାଣିକୋଇଲି ପୁଲିସ ତରଫରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଏଥି ସହିତ ମେଳା ଓ ମହୋତ୍ସବ କମିଟିର ସମସ୍ତ ସଦସ୍ୟ ପରିଚାଳନରେ ଅକୁଣ୍ଠ ସହଯୋଗ ପ୍ରଦାନ କରିଥିଲେ।

## ଆଇନସେବା ପ୍ରତିପକ୍ଷ ଓକିଲଙ୍କ କାର୍ଯ୍ୟାଳୟ ଉଦ୍‌ଘାଟନ

କେନ୍ଦ୍ରାପଡ଼ା, ୨୩/୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କୋର୍ଟ ପରିସର ରେ ଆଇନସେବା ପ୍ରତିପକ୍ଷ ଓକିଲଙ୍କ କାର୍ଯ୍ୟାଳୟ ଉଦ୍‌ଘାଟନ ହୋଇଯାଇଛି । ମାନ୍ୟବର ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ କ୍ରମେ ଗୁରୁବାର ରାଜ୍ୟର ୩୦ ଗୋଟି ଜିଲ୍ଲାରେ ଉଦ୍‌ଘାଟନ ହେଉଥିବା ବେଳେ ଗୁରୁବାର କେନ୍ଦ୍ରାପଡାରେ ଜିଲ୍ଲା ଓ ଦୌରାଜଜ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଏହି କାର୍ଯ୍ୟାଳୟ ରେ ୩ ଜଣ ଆଇନଜୀବି ଗଗନ ବିହାରୀ ଖଟୁଆ, ଅନନ୍ତ ବଲ୍ଲଭ ଶତପଥୀ, ଶ୍ୱାଶ୍ୱତ ନିର୍ମଳ ସହକାରୀ ପ୍ରତିପକ୍ଷ ଓକିଲ ଭାବେ ନିଯୁକ୍ତି ପାଇଛନ୍ତି । ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁଙ୍କ ସଂଯୋଜନା ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିବାର ଅଦାଲତ ବିଚାରପତି ବିକାଶ ଚନ୍ଦ୍ର ଦେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଅଜୟ କୁମାର ପ୍ରଧାନ, ପୋକ୍ସୋର ପ୍ରଣତୀ ପଟ୍ଟନାୟକ, ସିଗ୍ଧା ପଣ୍ଡାଙ୍କ ସହ ସମସ୍ତ ବିଚାରପତି ଉପସ୍ଥିତ ଥିଲେ । ଏଥି ସହିତ ଓକିଲ ସଂଘର ସଭାପତି ବିଚିତ୍ରାନନ୍ଦ ମହାନ୍ତି, ସଂପାଦକ ଧନୁର୍ଦ୍ଧର ନାୟକ, ସରକାରୀ ଓକିଲ ନିରଞ୍ଜନ ବଳଙ୍କ ସହିତ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ଅଭିଲେଖ ସପ୍ତାହ ଉତ୍ସବ

ଭୁବନେଶ୍ୱର, ୨୩/୨ (ନି.ପ୍ର): ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ଅଭିଲେଖ ସପ୍ତାହ ଉତ୍ସବ ପାଳନ ଉପଲକ୍ଷେ ଏକ ଅଭିଲେଖ ପ୍ରଦର୍ଶନୀ ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ ପର୍ଯ୍ୟଟନ, ଅବକାରୀ ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ବିଶିଷ୍ଟ ଅତିଥି ଭାବରେ ଯୋଗଦାନ କରିଥିଲେ ଆୟୁକ୍ତ ତଥା ଶାସନ ସଚିବ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଶ୍ରୀମତୀ ସୁଜାତା ରାଉତ କାର୍ତ୍ତିକେୟନ । ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର, ଭୁବନେଶ୍ୱର, ଡ. ସତ୍ୟନାରାୟଣ ମିଶ୍ର । ସଭା ପରିଚାଳନା କରିଥିଲେ ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ । ସମ୍ମାନରେ ସ୍ୱାଗତ ଭାଷଣ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ବିଭାଗର ଅନୁଶାସନ ସଚିବ ତଥା ସ୍ୱତନ୍ତ୍ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀମତୀ ବନାନୀ ମହାପାତ୍ର। ଏହି ଅବସରରେ ମୁଖ୍ୟଅତିଥି ବିଭାଗୀୟ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଅଭିଲେଖ ଦର୍ପଣରେ ଅଭିଲେଖାଗାରର ଅଭିମୁଖ୍ୟ ଉପରେ କହିଥିଲେ ଯେ ଏହି ଅଭିଲେଖ ସପ୍ତାହ ପାଳନର ଆଭିମୁଖ୍ୟ ହେଉଛି ଗବେଷକ, ପାଠକ, ଗବେଷଣାରତ ଛାତ୍ରୀଛାତ୍ର ଏବଂ ଜନ ସାଧାରଣଙ୍କ ଅବଗତି ଏବଂ ସଚେତନତା ସୃଷ୍ଟି ନିମନ୍ତେ ଏହି ସପ୍ତାହ ସମଗ୍ର ଦେଶରେ ପାଳନ କରାଯାଇଥାଏ। ଅଭିଲେଖାଗାରରେ ଗଛିତ ଥିବା ବିରଳ ନଥିପତ୍ର, ଦଲିଲ, ଦସ୍ତାବିଜ, ସନଦ ଏବଂ ମାନଚିତ୍ର ଇତ୍ୟାଦିକୁ ଗବେଷକ ଓ ସର୍ବସାଧାରଣଙ୍କ ଅବଗତି ଏବଂ ଗବେଷଣାତ୍ମକ ସହାୟକ ନିମନ୍ତେ ଆଲୋଚନାଚକ୍ର, କର୍ମଶାଳାଏବଂ ପ୍ରଦର୍ଶନୀ ମାଧ୍ୟମରେ ଜନମାନସରେ ଉପସ୍ଥାପନ କରାଯାଇ ଥାଏ । ଯେଉଁ ଜାତିର ଇତିହାସ ଯେତେ ସଂଘଠିତ, ତାହାର ଜୀବନ ଯାତ୍ରା ସେତେ ସାଫଲ୍ୟମଣ୍ଡିତ । ଜାତିର ଇତିହାସକୁ ସଂଘଠିତ କରିବା ପାଇଁ ସମବେତ ପ୍ରଚେଷ୍ଟା ଆବଶ୍ୟକ ।

# ଅଙ୍ଗନୱାଡି କର୍ମୀ ଓ ଜନପ୍ରତିନିଧିଙ୍କୁ ନେଇ କର୍ମଶାଳା

ମାଲକାନଗିରି, ୨୩/୨ (ନି.ପ୍ର): ମାଲକା ନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଚିତ୍ରାଙ୍ଗପଲ୍ଲୀ ପଂଚାୟତରେ ଆଇଟିସି ମିଶନ ସୁନେହରାକଲ ସହଯୋଗରେ ମମତା ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସଂଗଠନ ପକ୍ଷ୍ୟରୁ ଅଙ୍ଗନୱାଡି କର୍ମୀ ଓ ସ୍ଥାନୀୟ ଜନପ୍ରତିନିଧିଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଚିତ୍ରାଙ୍ଗପଲ୍ଲୀ ପଂଚାୟତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗ୍ରାମାଂଚଳରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକୁ ସୁଦୃଢ଼ କରିବା ପାଇଁ ଆଇଟିସି ମିଶନ ସୁନେହରାକଲ ସହଯୋଗରେ ମମତା ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସଂଗଠନ ପକ୍ଷ୍ୟରୁ କାଲିମେଳା ବ୍ଲକର ୬ ଟି ପଂଚାୟତ ଓ ପଡିଆ ବ୍ଲକର ୨ଟି ପଂଚାୟତରେ କରାଯାଉଥିବା ବିଭିନ୍ନ କାର?୍ୟକ୍ରମ ସମ୍ପର୍କରେ ଆଲୋକପାତ କରାଯିବା ସହ ଗୋଷ୍ଠୀ ଭିତିକ ସଂଗଠନ, ସାମାଜିକ ସଂଗଠନ ଓ ଏନଜିଓ କର୍ମୀଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ରହିଥିବା ଅବଦାନ ବାବଦରେ ଆଲୋଚନା କରାଯାଇଥିଲା। ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କୁ ସୁଦୃଢ଼ ପାଇଁ ଅଙ୍ଗନୱାଡି କର୍ମୀଙ୍କ ପ୍ରୟାସ, ସହଯୋଗ କୁ ଆହୁରି ଆଦୃତ ପାଇଁ ମମତା ଓଡିଶା ପକ୍ଷ୍ୟରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯଇଥିଲା। ଲୋକଙ୍କୁ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନତା ପାଇଁ ମମତା ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଅଭିନବ ଉପାୟରେ କରାଯାଉଥିବା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ବାବଦରେ ବିଭିନ୍ନ ଗୋଷ୍ଠୀ ଓ ସମୁଦାୟ ଅବଗତ ହେବା ସହ ସମାଜର ତୃଣମୂଳସ୍ତରର ବ୍ୟକ୍ତିଙ୍କୁ ମଧ୍ୟ ଏ ନେଇ ସଚେତନ କରିବାକୁ କୁହାଯାଇଛି ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଚିତ୍ରାଙ୍ଗପଲ୍ଲୀ ସରପଂଚ, ପିଇଓ, ଗୁମୁକା ଓ ଚିତ୍ରାଙ୍ଗପଲ୍ଲୀ ପଂଚାୟତର ସୁପରଭାଇଜର ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ମମତା ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସଂଗଠନର ଓଡିଶା ପ୍ରକଳ୍ପ ସହାୟକ ପ୍ରଶାନ୍ତ କୁମାର ସାହୁ ପରିଚାଳନା କରିଥିବା ବେଳେ ରାଜେଶ କୁମାର ଓଝା, ନୟାମୀ ଖରା ଓ ପୂଜା ଚକ୍ରବର୍ତୀ ପ୍ରମୁଖ ସହଯୋଗ କରିଥିଲେ।

# ଭିଡିଓ ଜର୍ଣ୍ଣାଲିଷ୍ଟ ମନୋରଞ୍ଜନ ସାହୁଙ୍କ ବିୟୋଗରେ ଓଡିଶା ସାମ୍ବାଦିକ ସଂଘର ଶୋକ

ଭୁବନେଶ୍ୱର, ୨୩/୨ (ନି.ପ୍ର): ଇଟିଭି ଭାରତର ଭିଡିଓ ଜର୍ଣ୍ଣାଲିଷ୍ଟ ମନୋରଞ୍ଜନ ସାହୁଙ୍କ ବିୟୋଗରେ ଶୋକ ବ୍ୟକ୍ତ କରିଛି ଓଡିଶା ସାମ୍ବାଦିକ ସଂଘ । ଗୁରୁବାର ଏନେଇ ଡଟକମ ଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା କରାଯାଇଥିବା ବେଳେ ତାଙ୍କର ଅମର ଆତ୍ମାର ସତଗତି କାମନା କରିଛନ୍ତି ଉପସ୍ଥିତ ସାମ୍ବାଦିକ ଓ ଭିଡିଓ ଜର୍ଣ୍ଣାଲିଷ୍ଟ । ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ତାଙ୍କ ସହ ବିତାଇ ଥିବ ସମୟକୁ ମନେ ପକାଇ ଭାବ ବିହ୍ୱୋଳ ହୋଇଥିଲେ ସମସ୍ତେ। ଗଣମାଧ୍ୟମ ଜଗତର ଉପସ୍ଥିତ ସହଯୋଗୀମାନେ ତାଙ୍କର ସ୍ମୃତିଚାରଣ କରିଥିବା ବେଳେ ପୁରା ପରିବେଶ ହୋଇଥିଲା ଶୋକାକୁଳ। ମନୋରଞ୍ଜନ କେବଳ ଜଣେ ଭିଡିଓ ଯର୍ଣ୍ଣାଲିଷ୍ଟ ନଥିଲେ ବ୍ୟକ୍ତିଗତ ଭାବେ ସେ ଜଣେ ଉତମ ମଣିଷ ହୋଇଥିବାରୁ ତାଙ୍କ ସହ ବିତାଇ ଥିବା ସେଇ ପଛ କଥାକୁ ମାନେ ପକାଇ ଦୁଃଖ ପ୍ରକାଶ କରିଥିଲେ ସମସ୍ତେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ବରିଷ୍ଠ ସାମ୍ବାଦିକ ରବି ଦାସ ଦିବ୍ୟାଙ୍ଗତ ମନୋରଞ୍ଜନ ସାହୁଙ୍କ ଆତ୍ମାର ସଦଗତି କାମନା କରିଛନ୍ତି। ଏହାସହ ସାମ୍ବାଦିକଙ୍କ ଏଭଳି ଅସମୟର ମୃତ୍ୟୁକୁ ନେଇ ବିଶେଷ କରି ଅସୁସ୍ଥତା କାରଣରୁ ଏଭଳି ଅକାଳ ମୃତ୍ୟୁକୁ ନେଇ ସାମ୍ବାଦିକ ସୁରକ୍ଷା ବ୍ୟବସ୍ଥା ସହ ପେନସନ ବା ଭତା ବ୍ୟବସ୍ଥା ଲାଗୁ କରିବା ପାଇଁ ରାଜ୍ୟସରକାରଙ୍କ ଅନୁରୋଧ କରିଛନ୍ତି। ଅନେକ ସମୟରେ କାର୍ଯ୍ୟ ବ୍ୟସ୍ତତାରେ ସାମ୍ବାଦିକ ମାନେ ଶରୀରପ୍ରତି ଯତ୍ନଶୀଳ ନ ହେବା ଯୋଗୁ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାରେ ପଡୁଛନ୍ତି ଓ କାହାର ମୃତ୍ୟୁ ହେଉଛି। ତେଣୁ ସାମ୍ବାଦିକଙ୍କ ଜୀବନର ସୁରକ୍ଷା ପାଇଁ ସାମ୍ବାଦିକ ସୁରକ୍ଷା ବ୍ୟବସ୍ଥା ସହ ପେନସନ ବ୍ୟବସ୍ଥା ଲାଗୁ କରିବା ପାଇଁ ଦାବି କରିଛନ୍ତି ବରିଷ୍ଠ ସାମ୍ବାଦିକ ରବି ଦାସ। ଚିକିତ୍ସାଧୀନ ଅବସ୍ଥାରେ ହୃଦଘାତ ଯୋଗୁଁ ଗତକାଲି ୨:୩୦ ସମୟରେ ୪୯ ବର୍ଷ ବୟସରେ ତାଙ୍କର ଦେହାନ୍ତ ଘଟିଥିଲା । ତାଙ୍କ ଅକାଳ ବିୟୋଗକୁ ନେଇ ପରିବାରରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁକୁ ନେଇ ଓଡ଼ିଶାର ଗଣମାଧ୍ୟମ ଜଗତରେ ବି ଶୋକର ଛାୟା ଖେଳିଯାଇଛି। ତାଙ୍କର ଆବର୍ତମାନରେ ସାମ୍ବାଦିକତା ଜଗତରେ ଏକ ଅପୂରଣୀୟ କ୍ଷତି ହୋଇଛି।

# କାଜିପାଟଣା ମଙ୍ଗଳାଙ୍କ ନୂତନ ମନ୍ଦିର ଓ ପ୍ରାଣ ପ୍ରତିଷ୍ଠା ଉତ୍ସବ

କୋରେଇ, ୨୩/୨ (ନି.ପ୍ର): କୋରାଇ ବ୍ଲକ ପଥରପଦା ପଂଚାୟତର କାଜିପାଟଣା ଗ୍ରାମର ମା ମଙ୍ଗଳା ଦେବୀଙ୍କର ନୂତନ ମନ୍ଦିର ଓ ବିଗ୍ରହ ପ୍ରାଣ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି । ବୁଧବାର ଦିନ ମନ୍ଦିର ପ୍ରତିଷ୍ଠା ପାଇଁ ଶୁଭାଧିବାସ ପରେ ଗୁରୁବାର ପୂର୍ଣ୍ଣତୋୟା ବୈତରଣୀ ନଦୀର ଲିଙ୍ଗେଶ୍ୱର ଘାଟରୁ ନାମ ସଂକୀର୍ତନ ସହ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଗ୍ରାମରେ ପହଂଚିଥିଲା । ଉକ୍ତ ଶୋଭାଯାତ୍ରାରେ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ପଂଚକର୍ତା ଭାବେ ସୁରେନ୍ଦ୍ର ବେହେରା, ଆନନ୍ଦ ଚନ୍ଦ୍ର ମହାକୁଡ, ବିଜୟ କୁମାର ବେହେରା, ଉତ୍କଳ ଦାସ, ରାମ ଚନ୍ଦ୍ର ବାରିକ ପ୍ରମୁଖ ଯଜ୍ଞକଳସ ସ୍ଥାପନ କରିଥିଲେ। ପଣ୍ଡିତ ଭାବେ ଶତ୍ରୁଘ୍ନ ପଣ୍ଡା, ଗୌରାଙ୍ଗ ପଣ୍ଡା, ବୃନ୍ଦାବନ ପଣ୍ଡା, ସୁମନ ତ୍ରିପାଠୀ, ସୀତାରାମ ପାଢୀ, ସତ୍ୟାନନ୍ଦ ରଥ, ରବିନାରାୟଣ ପାଢୀ ପ୍ରମୁଖ ଯୋଗଦେଇଥିଲେ।

# ଧର୍ମଶାଳା ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଶୁଭ ଶିଳାନ୍ୟାସ ଉତ୍ସବ

ଧର୍ମଶାଳା, ୨୩/୨ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକରେ ପୂର୍ତ ବିଭାଗ ପକ୍ଷରୁ ବିଭିନ୍ନ ପ୍ରକଳ୍ପର ଶୁଭ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଦେଉଳିପାଳସ୍ଥିତ ପୂର୍ତ ବିଭାଗ ଦ୍ୱାରା ଆଦର୍ଶ ବିଦ୍ୟାଳୟ ପରିସରରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ,ବାବା ଗୋକର୍ଣ୍ଣେଶ୍ୱର ମନ୍ଦିରର ଉନ୍ନତିକରଣ ଓ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ ଅନ୍ତର୍ଗତ କଲଣଠାରେ ଆଦର୍ଶ ବିଦ୍ୟାଳୟର ଶହେ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ପ୍ରକଳ୍ପକୁ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଅତିଥିଭାବେ ଯୋଗ ଦେଇ ଶିଳାନ୍ୟାସ କରିଥିଲେ ।



ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୪ ଫେବୃଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 24 FEBRUARY 2024

Vol.No. 35 ■ No.54 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ମାର୍ଚ୍ଚ ୧୩ ପରେ ନିର୍ବାଚନ ତାରିଖ ଘୋଷଣା ହୋଇପାରେ

ନୂଆଦିଲ୍ଲୀ, ୨୩/୨ : ମାର୍ଚ୍ଚ ୧୩ ପରେ ନିର୍ବାଚନ ଆୟୋଗ ଲୋକସଭା ନିର୍ବାଚନର ତାରିଖ ଘୋଷଣା କରିବାର ସମ୍ଭାବନା ରହିଛି। ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ବାବଦରେ ଜାଣିବା ପାଇଁ ଆୟୋଗ ବିଭିନ୍ନ ରାଜ୍ୟ ଗସ୍ତ କରୁଛନ୍ତି। ଏହି ପ୍ରକ୍ରିୟା ଶେଷ ହେବା ପରେ ତାରିଖ ଘୋଷଣା କରାଯିବ ବୋଲି ନିର୍ବାଚନ ଆୟୋଗ ସୂତ୍ରରୁ ପ୍ରକାଶ ପାଇଛି। କେନ୍ଦ୍ରୀୟ ପୋଲ୍ ସଂସ୍ଥାର ଅଧିକାରୀମାନେ ବର୍ତ୍ତମାନ ତାମିଲନାଡୁ ଗସ୍ତରେ ଅଛନ୍ତି। ଏହା ପରେ ଉତ୍ତରପ୍ରଦେଶ ଏବଂ ଜମ୍ମୁ କଶ୍ମୀରରେ ପ୍ରସ୍ତୁତି ଉପରେ ରିଭ୍ୟୁ କରିବେ। ମାର୍ଚ୍ଚ ୧୩ ପୂର୍ବରୁ ରାଜ୍ୟ



ଗସ୍ତ ସମାପ୍ତ ହେବାର କାର୍ଯ୍ୟକ୍ରମ ରହିଛି। ଏହାପରେ ନିର୍ବାଚନ ତାରିଖ ଘୋଷଣା ହେବାର ସମ୍ଭାବନା ରହିଛି। ନିର୍ବାଚନ କମିଶନ ଗତ କିଛି ମାସ ଧରି ସମସ୍ତ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ ସହିତ ନିୟମିତ ବୈଠକ କରି ପ୍ରସ୍ତୁତି ବାବଦରେ ପଚାରି ବୁଝୁଛନ୍ତି। ସିଇଓମାନେ ଯେଉଁ ସବୁ କ୍ଷେତ୍ରରେ ତ୍ରୁଟି ରହିଛି, ସେସବୁ ବାବଦରେ ସବିଶେଷ ତଥ୍ୟ ଦେଉଛନ୍ତି। ଇଭିଏମ, ସୁରକ୍ଷା କର୍ମୀଙ୍କ ସମେତ ସୀମାବର୍ତ୍ତୀ ଅଞ୍ଚଳରେ ସୁରକ୍ଷାକୁ କଡାକଡି ବାବଦରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଜଣାଇଛନ୍ତି। ସୂଚନାଯୋଗ୍ୟ, ଚଳିତ ବର୍ଷ ସ୍ୱଚ୍ଛ ଓ ଅବାଧ ନିର୍ବାଚନ ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବ୍ୟବହାର କରିବାକୁ ନିର୍ବାଚନ ଆୟୋଗ ଯୋଜନା କରୁଛି ବୋଲି ଅଧିକାରୀମାନେ କହିଛନ୍ତି।

## ରାଜଧାନୀରେ ଆଉ ଲାଗି ପାରିବନି ଦଳୀୟ ପୋଷ୍ଟର ଓ ବ୍ୟାନର

ଭୁବନେଶ୍ୱର, ୨୩/୨ (ନି.ପ୍ର): ସାଧାରଣ ନିର୍ବାଚନ ପୂର୍ବରୁ ରାଜନୀତିକ ଦଳଗୁଡ଼ିକୁ ତାଗିଦ୍ କରିଛି ବିଏମସି। ରାଜଧାନୀ ଭୁବନେଶ୍ୱରର କାନ୍ଥବାଡ଼ କିମ୍ବା ଯେକୌଣସି ସ୍ଥାନରେ ଲାଗିଥିବା ପୋଷ୍ଟର କିମ୍ବା ବ୍ୟାନରକୁ ତୁରନ୍ତ ହଟାଇବାକୁ ରାଜନୀତିକ ଦଳଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ନିର୍ବାଚନ କମିଶନଙ୍କ ଗାଇଡଲାଇନ୍ ଆଧାରରେ ବିଏମସି କର୍ତ୍ତୃପକ୍ଷ ଏଭଳି ନିର୍ଦ୍ଦେଶନାମା ସମସ୍ତ ରାଜନୀତିକ ଦଳଗୁଡ଼ିକ ପାଇଁ ଜାରି କରିଛନ୍ତି। ଭୁବନେଶ୍ୱର ମହାନଗର ନିଗମ(ବିଏମସି) କମିଶନର ବିଜୟ ଅମୃତ କୁଲାଙ୍ଗେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ନିର୍ବାଚନ କମିଶନରଙ୍କ ଗାଇଡଲାଇନ୍ ଅନୁସାରେ ସମସ୍ତ ପୋଷ୍ଟର, ବ୍ୟାନର ଓ କାନ୍ଥରେ ଲେଖାଯାଇଥିବା ସ୍ଲୋଗାନକୁ



ହଟାଯିବ। ରାଜନୀତିକ ଦଳଗୁଡ଼ିକର ସମସ୍ତ ବିଜ୍ଞାପନକୁ ମଧ୍ୟ ହଟାଇ ଦିଆଯିବ। ଏନେଇ ଆବଶ୍ୟକ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ବିଏମସି କର୍ମଚାରୀମାନଙ୍କୁ ଏନେଇ ଆବଶ୍ୟକ ନିର୍ଦ୍ଦେଶନାମା ଦିଆଯାଇ ସାରିଛି। ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସଓପି) ଆଧାରରେ ବିଏମସି ଏଭଳି ପଦକ୍ଷେପ ନେଇଛି। ଏଦିଗରେ ରାଜନୀତିକ ଦଳଗୁଡ଼ିକ ମଧ୍ୟ ସହଯୋଗ କରୁଛନ୍ତି ବୋଲି ସେ କହିଛନ୍ତି। ରାଜନୀତିକ ଦଳଗୁଡ଼ିକ ବ୍ୟତୀତ ଅନ୍ୟମାନଙ୍କୁ ମଧ୍ୟ ଆଗାମୀ ଦିନରେ ପୋଷ୍ଟର-ବ୍ୟାନର ମାରିବାକୁ ନେଇ ନିର୍ବାଚନ କମିଶନଙ୍କ ଗାଇଡଲାଇନ୍ ପାଳନ ନିମନ୍ତେ ପରାମର୍ଶ ଦିଆଯାଇଛି। ନିର୍ବାଚନ ପୂର୍ବରୁ ଏହା ଏକ ରୁଟିନ୍ ପ୍ରକ୍ରିୟା ବୋଲି ଶ୍ରୀ କୁଲାଙ୍ଗେ କହିଛନ୍ତି। ସୂଚନାଯୋଗ୍ୟ, ରାଜଧାନୀ ଭୁବନେଶ୍ୱରରେ ବିଭିନ୍ନ ଦଳର ଆଶାୟୀ ପ୍ରାର୍ଥୀଙ୍କ ପୋଷ୍ଟର-ବ୍ୟାନର ସହ କାନ୍ଥରେ ବିଜ୍ଞାପନ ଦେଖିବାକୁ ମିଳୁଛି।

## ଆନ୍ଦୋଳନରୁ ଓହରିଲେ ଅଗ୍ନିଶମ କର୍ମଚାରୀ



ଭୁବନେଶ୍ୱର, ୨୩/୨ (ନି.ପ୍ର): ଅଗ୍ନିଶମ କର୍ମଚାରୀଙ୍କ ଆନ୍ଦୋଳନ ପ୍ରତ୍ୟାହାର। ଆନ୍ଦୋଳନରୁ ଓହରିଲେ ଅଗ୍ନିଶମ କର୍ମଚାରୀ। ଦୁଇ ଦଫା ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିବା ଅଗ୍ନିଶମ କର୍ମଚାରୀ ଆଜିଠାରୁ କାର୍ଯ୍ୟରେ ଯୋଗଦେଉଛନ୍ତି। ପୂର୍ବରୁ ଆନ୍ଦୋଳନକାରୀଙ୍କ ପାଇଁ ଏସମା ଲାଗୁ ଚେତାବନୀ ସହ ଏହାର ନେତୃତ୍ୱ ନେଉଥିବା ମୁଖ୍ୟ ଆଗ୍ନିକ ଅକ୍ଷୟ ପ୍ରଧାନଙ୍କୁ ବାଧ୍ୟତା ମୂଳକ ଅବସର ଭଳି କଡା କାର୍ଯ୍ୟାନୁଷ୍ଠାନ ପରେ ଆଜି ସମସ୍ତ କର୍ମଚାରୀମାନେ ଆନ୍ଦୋଳନକୁ ପ୍ରତ୍ୟାହାର କରିଛନ୍ତି। ବାଧ୍ୟତା ମୂଳକ ଅବସର ଦେଇଥିବା ମୁଖ୍ୟ ଆଗ୍ନୀକ ଅକ୍ଷୟ ପ୍ରଧାନ ଏହା ବିରୋଧରେ ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି। ଦାବି ପୂରଣ ନହେଲେ ୫ ହଜାର କର୍ମଚାରୀ ଆଗାମୀ ଦିନରେ ଉଚିତ ଜବାବ ଦେବେ ବୋଲି ସେ କହିଛନ୍ତି।

## ଦୁର୍ଘଟଣାରେ ବାପପୁଅ ମୃତ: ଖବର ପାଇ ହୃଦ୍‌ଘାତରେ ଚାଲିଗଲେ ଦାଦା

କେନ୍ଦୁଝର, ୨୩/୨ (ନି.ପ୍ର): ସଡ଼କ ଦୁର୍ଘଟଣାରେ ବଡ଼ ଭାଇ ଓ ପୁତୁରାଙ୍କ ମୃତ୍ୟୁ ଘଟିଥିବା ଖବର ପାଇ ଜଣେ ବ୍ୟକ୍ତିଙ୍କର ହୃଦଘାତରେ ମୃତ୍ୟୁ ହୋଇଛି। ଏପରି ଏକ ଦୁଃଖଦ ଘଟଣା ଘଟିଛି କେନ୍ଦୁଝର ଜିଲ୍ଲାରେ। ମୃତକମାନେ ହେଉଛନ୍ତି- କାଣ୍ଡେ ମୁଣ୍ଡା, ତାଙ୍କ ପୁଅ ଲକ୍ଷ୍ମଣ ମୁଣ୍ଡ ଓ ଲକ୍ଷ୍ମଣଙ୍କ ଦାଦା ସମରା ମୁଣ୍ଡା। ସମସ୍ତଙ୍କ ଘର ବାରିଗାଁରେ। ଆଜି ସକାଳ ପ୍ରାୟ ୯ଟା ବେଳେ ଲକ୍ଷ୍ମଣ ବାପାଙ୍କ ସହ ସ୍କୁଟିରେ ବାଙ୍କପାଟୁଳୀ ସାପ୍ତାହିକ ହାଟକୁ ଆସୁଥିଲେ। ଏହି ସମୟରେ ପିପିଳିଆ ଛକ ନିକଟରେ କେନ୍ଦୁଝର ପଟକୁ ଆସୁଥିବା ଏକ ରଙ୍ଗ୍ ବୋଝେଇ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ



ବାପପୁଅଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ଗାଁରେ ପହଞ୍ଚିବା ପରେ ଲକ୍ଷ୍ମଣଙ୍କ ଦାଦା ସମରା ଦୁଃଖରେ ଭାଙ୍ଗି ପଡ଼ିଥିଲେ। ତାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ପରିବାର ଲୋକେ ସମରାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦଘାତରେ ସମରାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକ କ୍ଷତିପୂରଣ ଦାବିରେ ଘଟଗାଁ-୨୦କୁ ଅବରୋଧ କରିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଛି। ୩ଜଣଙ୍କ ମୃତ୍ୟୁ ପରେ ପରିବାରରେ ଶୋକର ଛାୟା ଖେଳିଯାଇଛି। କାନ୍ଦବୋବାଳିରେ ଫାଟିପଡୁଛି ବାରିଗାଁ।

## ପୁଲିସ ଇନଫର୍ମର ସନ୍ଦେହରେ ଦୁଇ ଗ୍ରାମବାସୀଙ୍କୁ ହତ୍ୟା

ମାଲକାନଗିରି, ୨୩/୨ (ନି.ପ୍ର): ନକ୍ସଲଙ୍କ ବର୍ବରକାଣ୍ଡ। ପୁଲିସ ଇନଫର୍ମର ସନ୍ଦେହରେ ଦୁଇ ଜଣ ଗ୍ରାମବାସୀଙ୍କୁ ନକ୍ସଲ ହତ୍ୟା କରିଥିବା ଅଭିଯୋଗ ହୋଇଛି । ଘଟଣା ଘଟିଛି ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ସୁକମା ଜିଲ୍ଲାରେ। ମୃତକ ହେଲେ ସୋଡି ହୁଙ୍ଗା ଓ ମାଡ଼ବି ନନ୍ଦା। ଗତକାଲି କିଛି ସଶସ୍ତ୍ର ନକ୍ସଲ ▶▶ପୃଷ୍ଠା ୭



## ମହାରାଷ୍ଟ୍ରରେ ୩୯ ଆସନ ପାଇଁ ଡିଲ୍ ଫାଇନାଲ: ବାକି ରହିଲା ଆଉ ୯

ନୂଆଦିଲ୍ଲୀ, ୨୩/୨ : ଆସନ୍ତା ସାଧାରଣ ନିର୍ବାଚନ ପାଇଁ ବିଭିନ୍ନ ଦଳ ସହ ସିଟ ଶେୟାରିଂ ଫର୍ମୁଲାକୁ ଫାଇନାଲ କରୁଥିବା କଂଗ୍ରେସ ଏବେ ଆଉ ଗୋଟିଏ ପାଦ ଆଗକୁ ବଢ଼ିଛି। ଉତ୍ତର ପ୍ରଦେଶ,ଗୋଆ, ଦିଲ୍ଲୀ, ଗୁଜରାଟ ଓ ହରିଆଣା ପରେ ଆଜି ମହାରାଷ୍ଟ୍ରରେ କଂଗ୍ରେସ ସହଯୋଗୀଙ୍କ ଦଳଙ୍କ ସହ ସିଟ୍



ଶେୟାରିଂ ଡିଲ୍ ଫାଇନାଲ କରିଛି। ରାଜ୍ୟର ୪୮ଟି ଲୋକସଭା ଆସନ ମଧ୍ୟରୁ କଂଗ୍ରେସ ଓ ସହଯୋଗୀଙ୍କ ମଧ୍ୟରେ ୩୯ଟି ସ୍ଥାନରେ ଡିଲ ଚୂଡ଼ାନ୍ତ ହୋଇଛି। ବାକି ୯ଟି ଆସନ ପାଇଁ ବୁଝାମଣା ହୋଇ ପାରି ନଥିବା ଜଣାପଡ଼ିଛି। ସିଟ୍ ଶେୟାରିଂ ଫର୍ମୁଲା ଫାଇନାଲ କରିବା ପୂର୍ବରୁ କଂଗ୍ରେସ ନେତା ରାହୁଲ ଗାନ୍ଧି ଶିବସେନା(ୟୁବିଟି) ବସ୍ ଉଦ୍ଧବ ଠାକରେ ଓ ଶରଦ ପାୱାରଙ୍କ ସହ କଥା ହୋଇଥିଲେ। ଏହାପରେ ସିଟ୍ ଶେୟାରିଂ ଫର୍ମୁଲାକୁ ୩ ଦଳ ମିଳିତ ଏହାପୂର୍ବରୁ କଂଗ୍ରେସ ଅଖିଲେଶ ଯାଦବଙ୍କ ସମାଜବାଦୀ ପାର୍ଟି ସହ ଉତ୍ତର ପ୍ରଦେଶରେ ସିଟ ଶେୟାରିଂ ଫର୍ମୁଲାକୁ ଫାଇନାଲ କରିଥିଲା। ରାଜ୍ୟର ୮୦ଟି ▶▶ପୃଷ୍ଠା ୭

## ପାରଳାଖେମୁଣ୍ଡି ପାଲଟିଛି ରାଜ୍ୟର ଉତ୍ତପ୍ତ ସହର

ଭୁବନେଶ୍ୱର, ୨୩/୨ (ନି.ପ୍ର): ପୂର୍ବାନୁମାନ ଅନୁଯାୟୀ ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ତଳମୁହାଁ ରହିଛି। କେବଳ ଗୋଟିଏ ସହର ତାପମାତ୍ରା ୩୫ ଡ଼ିଗ୍ରୀ ଅତିକ୍ରମ କରିଛି। ପାରଳାଖେମୁଣ୍ଡି ପାଲଟିଛି ରାଜ୍ୟର ଉତ୍ତପ୍ତ ସହର। ଏଠାରେ ତାପମାତ୍ରା ୩୫.୬ ଡ଼ିଗ୍ରୀ ରେକର୍ଡ କରାଯାଇଛି। ସେହିପରି ରାଜଧାନୀ ଭୁବନେଶ୍ୱର ତାପମାତ୍ରା ୩୨.୮ ଡ଼ିଗ୍ରୀ ରେକର୍ଡ କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ବାଲେଶ୍ୱରରେ ୩୦.୭ ଡିଗ୍ରୀ, ଚାନ୍ଦବାଲିରେ ୨୯.୯ ଡିଗ୍ରୀ, କଟକରେ ୩୨.୦ ଡିଗ୍ରୀ, ପାରାଦୀପ ୩୧.୦ ଡିଗ୍ରୀ, ଗୋପାଳପୁରରେ ୩୧.୬ ଡିଗ୍ରୀ, ପୁରୀରେ ୩୦.୮ ଡିଗ୍ରୀ, ଅନୁଗୋଳରେ ୩୪.୧ ଡିଗ୍ରୀ, ବାରିପଦାରେ ୩୦.୦ ଡିଗ୍ରୀ, ଝାରସୁଗୁଡ଼ାରେ ୩୩.୪ ଡିଗ୍ରୀ, କେନ୍ଦୁଝରରେ ୨୯.୦ ଡିଗ୍ରୀ, ସମ୍ବଲପୁରରେ ୩୨.୬ ଡିଗ୍ରୀ, ସୁନ୍ଦରଗଡ଼ରେ ୩୨.୬ ଡିଗ୍ରୀ, ହୀରାକୁଦରେ ୩୨.୫ ଡିଗ୍ରୀ, ତାଳଚେରରେ ୩୩.୨ ଡିଗ୍ରୀ, ▶▶ପୃଷ୍ଠା ୭

## ୯୦୦ ବୋତଲ କଫ୍ ସିରପ ଜବତ: ଜଣେ ଗିରଫ

ସମ୍ବଲପୁର, ୨୩/୨ (ନି.ପ୍ର): ସମ୍ବଲପୁର ଜିଲ୍ଲା କତରବଗା ଥାନା ଅନ୍ତର୍ଗତ ରୁଣିମହୁଲ ଗାଁରୁ ୯୦୦ ବୋତଲ କଫ୍ ସିରପ ଜବତ କରାଯାଇଛି। ଏହି ଘଟଣାରେ ଅବକାରୀ ବିଭାଗ ଜଣଙ୍କୁ ଗିରଫ କରିଛି। ରୁଣିମହୁଲ ଗାଁରେ ବେଆଇନ କଫ୍ ସିରପ ଚାଲାଣ ହେଉଥିବା ଅବକାରୀ ବିଭାଗ କୌଣସି ସୂତ୍ରରୁ ଖବର ପାଇଥିଲା। ଗତକାଲି ଅବକାରୀ ବିଭାଗ ଚଢ଼ଉ କରି ୯୦୦ ବୋତଲ କଫ୍ ସିରପ ଜବତ କରିଥିଲା। ଏହି ବେଆଇନ କଫ୍ ସିରପ ଚାଲାଣରେ ଆଉ କେଉଁମାନେ ସଂପୃକ୍ତ ଅଛନ୍ତି, ଏହାର ଚେର କେତେବାଟ ଲମ୍ବିଛି ଅବକାରୀ ବିଭାଗ ତାର ଖୋଳତାଡ଼ କରୁଛି।

## ରାହୁଲଙ୍କୁ ମୋଦିଙ୍କ ଟାର୍ଗେଟ: କହିଲେ- ଯେଉଁମାନଙ୍କର ଚେତା ନାହିଁ, ସେମାନେ ଅନ୍ୟକୁ ମଦୁଆ କହୁଛନ୍ତି

ନୂଆଦିଲ୍ଲୀ, ୨୩/୨ : ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ ବିରୋଧରେ ନିଜର ଆକ୍ରମଣକୁ ଆହୁରି ଶାଣିତ କରିଛନ୍ତି। ଯେଉଁମାନଙ୍କର ନିଜର ଚେତା ନାହିଁ, ସେମାନେ ଉତ୍ତର ପ୍ରଦେଶ ଓ କାଶୀର ଯୁବକମାନଙ୍କୁ ମଦୁଆ ବା ନିଶା ଖୋର କହୁଛନ୍ତି ବୋଲି ଆଜି ମୋଦି କହିଛନ୍ତି। ନିକଟରେ ରାହୁଲ ଗାନ୍ଧି ବାରାଣସୀରେ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା କରୁଥିଲେ। ଏହି ସମୟରେ ସେ କହିଥିଲେ ଯେ ମଦ ପିଇବା ପରେ ଲୋକମାନେ ରାସ୍ତା ଉପରେ ପଡ଼ି ରହୁଥିବା ଏଠାରେ ସେ ଦେଖିବାକୁ ପାଇଛନ୍ତି। ବାସ ଏହାକୁ ଆଜି ମୋଦି କାଉଣ୍ଟର କରି ରାହୁଲ ଗାନ୍ଧି ଓ କଂଗ୍ରେସ ଉପରେ ବର୍ଷିଛନ୍ତି। ନିଜର ନିର୍ବାଚନ ମଣ୍ଡଳୀରେ ଲୋକଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, "ଯେଉଁମାନଙ୍କର ନିଜର ହୋଶ ହରାଇଛନ୍ତି, ସେମାନେ ମୋ କାଶୀ (ବାରାଣସୀ)ର ପିଲାମାନଙ୍କୁ ମଦୁଆ ବା ନିଶା ଖୋର କହୁଛନ୍ତି। କଂଗ୍ରେସର ଯୁବରାଜ ବାରାଣସୀର ଲୋକମାନଙ୍କୁ ତାଙ୍କରି ମାଟିରେ ଅପମାନିତ କରିଛନ୍ତି। ଏହା କେଉଁ ପ୍ରକାରର ଭାଷା ? ସେମାନେ ଦୁଇ ଦଶନ୍ଧି ହେଲା ମୋଦିଙ୍କୁ ଦୁର୍ବ୍ୟବହାର କରି ଚାଲିଛନ୍ତି। ଏବେ ସେମାନେ ନିଜର ହତାଶା ଭାବ ଉତ୍ତର ପ୍ରଦେଶର ଯୁବଗୋଷ୍ଠୀଙ୍କ ଉପରେ ବାହାର କରୁଛନ୍ତି। ଉତ୍ତର ପ୍ରଦେଶର ଯୁବଗୋଷ୍ଠୀଙ୍କୁ ଇଣ୍ଡି ମେଣ୍ଟ(ଇଣ୍ଡିଆ ମେଣ୍ଟ) କରିଥିବା ଅପମାନକୁ କେବେ ବି ଭୁଲି ହେବ ନାହିଁ। ଏହା ସେମାନଙ୍କର



ବାସ୍ତବତା। ସେମାନେ ପରିବାରବାଦରେ ବିଶ୍ୱାସ କରନ୍ତି ଓ ଯୁବଗୋଷ୍ଠୀର ଦକ୍ଷତା ଦେଖି ଡରୁଛନ୍ତି। କାଶୀ ଓ ଉତ୍ତର ପ୍ରଦେଶର ଯୁବକମାନେ ବିକଶିତ ଭାରତ ଗଠନରେ ଲାଗି ପଡ଼ିଛନ୍ତି। ଇଣ୍ଡି ମେଣ୍ଟର ନେତାମାନେ କାଶୀ ଓ ଅଯୋଧ୍ୟାର ନୂଆ ରୂପ ଦେଇ ବରିକ୍ତ ହେଉଛନ୍ତି।" କଂଗ୍ରେସକୁ ଟାର୍ଗେଟ କରି ପ୍ରଧାନମନ୍ତ୍ରୀ ମୋଦି ଅଭିଯୋଗ କରିଛନ୍ତି ଯେ ପରିବାରବାଦ ରାଜନୀତି, ଦୁର୍ନୀତି ଓ ତୁଷ୍ଟୀକରଣ ଯୋଗୁ ଉତ୍ତର ପ୍ରଦେଶର ବିକାଶ ହୋଇ ପାରୁ ନଥିଲା। ପ୍ରତି ନିର୍ବାଚନ ବେଳେ ବିରୋଧୀ ଦଳଗୁଡ଼ିକ ଏକାଠି ହେଉଛନ୍ତି। ▶▶ପୃଷ୍ଠା ୭

## ଆନ୍ଦୋଳନରତ ଚାଷୀଙ୍କ ପ୍ରତି ଶକ୍ତ ହୋଇପାରନ୍ତି କେନ୍ଦ୍ର ସରକାର

### ସରକାରୀ ସମ୍ପତି କ୍ଷତି ପହଁଚାଉଥିବା ଚାଷୀଙ୍କ ସମ୍ପତି ହୋଇପାରେ ବାଜ୍ୟାପ୍ତ

ନୂଆଦିଲ୍ଲୀ, ୨୩/୨ : ଚାଷୀଙ୍କ ଆନ୍ଦୋଳନ ପ୍ରତି କଠୋର ହୋଇପାରନ୍ତି ସରକାର । ଆନ୍ଦୋଳନ କରୁଥିବା ଚାଷୀଙ୍କ ସମ୍ପତି ଓ ବ୍ୟାଙ୍କ ଆକାଉଁଟକୁ ଜବତ କରିବାକୁ କେନ୍ଦ୍ର ସରକାର ବିଚାର କରୁଛନ୍ତି । ସେପଟେ ଚାଷୀଙ୍କ ଦିଲ୍ଲୀ ଚଲୋ ଆନ୍ଦୋଳନରେ ଗଲାଣି ୫ଜଣ ଚାଷୀଙ୍କ ଜୀବନ । ମୃତ ଚାଷୀଙ୍କ ପାଇଁ ଅନୁକମ୍ପା ସାହାର୍ଯ୍ୟ ରାଶି ଘୋଷଣା କରିଛନ୍ତି ପଂଜାବ ସରକାର । ପ୍ରତ୍ୟେକ ମୃତ ଚାଷୀଙ୍କ ପରିବାକୁ ସରକାର ଗୋଟିଏ



କୋଟି ଟଙ୍କା ରାଶି ଦେବେ । ଅନ୍ୟପଟେ ଶୁକ୍ରବାର ସାରାଦେଶରେ ଚାଷୀ କଳାଦିବସ ବା ଆକ୍ରୋଶ ଦିବସ ପାଳିଛି । ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ ଦାବି ନେଇ କଳାଦିବସ ପାଳୁଛନ୍ତି ଚାଷୀ ସଂଗଠନ । ଦୁଇ ଦିନ ଧରି ବନ୍ଦ ଅଛି ଦିଲ୍ଲୀ ଚଲୋ ଆନ୍ଦୋଳନ । ସେପଟେ ଫେବ୍ରୁଆରୀ ୨୬ରେ ଟ୍ରାକ୍ଟର ରାଲି ଓ ମାର୍ଚ୍ଚ ୧୪ରେ ଦିଲ୍ଲୀରେ ଚାଷୀ କରିବେ ମହାପଂଚାୟତ । ଏନେଇ ମିଳିତ ଚାଷୀ ମୋର୍ଚ୍ଚା ଘୋଷଣା କରିଛି । ଏମଏସପିରେ ଆଇନ ଓ ଚାଷୀ ଋଣ ଛାଡ ଦାବି ନେଇ ଦିଲ୍ଲୀ ମୁହାଁ ହେଉଛନ୍ତି ଶହ ଶହ ଚାଷୀ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଗଣତନ୍ତ୍ରରେ ଆସ୍ଥା...

ଚଣ୍ଡିଗଡ଼ ମେୟର ନିର୍ବାଚନର ଫଳାଫଳରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ୍‌କୋର୍ଟ ଅନ୍ୟ ଏକ 'ଶକ୍ତିଶାଳୀ ହସ୍ତକ୍ଷେପ କରିଛନ୍ତି ଯାହା ଗଣତନ୍ତ୍ର ପ୍ରତି ହେୟଭାବ ପ୍ରଦର୍ଶନର ଏକ ବିଧିବଦ୍ଧ ଉଦ୍ୟମ ପାଇଁ ଚେତାବନୀ କହିଲେ ଅତ୍ୟୁକ୍ତି ହେବନାହିଁ। କୋର୍ଟ ନିଜର ପୂର୍ଣ୍ଣ କ୍ଷମତା ପ୍ରୟୋଗ କରି ଏହି ନିର୍ବାଚନର ଫଳାଫଳକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଆମ୍ ଆଦମୀ ପାର୍ଟି (ଏଏପି)ର ପ୍ରାର୍ଥୀଙ୍କୁ ବିଜୟୀ ଘୋଷଣା କରିଛନ୍ତି। ସଙ୍ଗେ ସଙ୍ଗେ ଏହା ମଧ୍ୟ ନିର୍ବାଚନରେ ପ୍ରିଜାଇଡିଂ ଅଫିସର ଭାବରେ ନିରପେକ୍ଷ କର୍ତ୍ତବ୍ୟ ନିର୍ବାହ କରିବାରେ ବିଫଳ ହୋଇଥିବା ଅନୀଲ ମସିହଙ୍କ ବିରୋଧରେ ଅପରାଧିକ ମାମଲା ଚଳାଇବାକୁ ଆଦେଶ ଦେଇଛନ୍ତି, ଯିଏ କେବଳ ଏହି ନିର୍ବାଚନର ଫଳାଫଳକୁ ପରିବର୍ତ୍ତିତ କରିଦେଇ ନଥିଲେ, ବରଂ ନିଜର ଶପଥ ପାଠରେ ସୁପ୍ରିମ୍‌କୋର୍ଟଙ୍କ ସମ୍ମୁଖରେ ମିଛ କହିଥିଲେ। ବିଜେପି ସହିତ ମସିହଙ୍କ ସମ୍ପର୍କ ନିର୍ବାଚନୀ ପ୍ରକ୍ରିୟାର ନିର୍ଲଜ ଭାବରେ ଓଲଟପାଲଟ କରିବା ପୃଷ୍ଠଭୂମିରେ ରହିଥିବାର ସତ୍ୟକୁ ପ୍ରଦାନ କରିଛି। ତାଙ୍କର ଜାଲିଆତି- ସେ ପ୍ରଥମେ ଆଠଗୋଟି ବାଲଟ୍‌କୁ ବିକୃତ କରିଥିଲେ ଏବଂ ତା'ପରେ ତାକୁ ନାକଚ ଘୋଷଣା କରିଥିଲେ- ନିଜର ସମ୍ପର୍କ ରହିଥିବା ଦଳକୁ ମେୟରଙ୍କ ପଦ ପ୍ରଦାନ କରିଥିଲା: କ୍ୟାମେରାରେ କଏଦ ହୋଇଥିବା ଦୃଶ୍ୟରେ ତାଙ୍କ କାର୍ଯ୍ୟକୁ ସୁପ୍ରିମ୍‌କୋର୍ଟ 'ଗଣତନ୍ତ୍ରର ହତ୍ୟା' ବୋଲି ଉଲ୍ଲେଖ କରିଥିଲେ। ସୁପ୍ରିମ୍‌କୋର୍ଟଙ୍କ କାର୍ଯ୍ୟ କୋର୍ଟଙ୍କ କାର୍ଯ୍ୟାନୁଷ୍ଠାନର ତତ୍ପରତାକୁ ପ୍ରଦର୍ଶିତ କରିବା ସଙ୍ଗେ ସଙ୍ଗେ ଏହାଙ୍କର ସୂକ୍ଷ୍ମ ହସ୍ତକ୍ଷେପକୁ ସମ୍ମୁଖକୁ ଆଣିଛି ; କୋର୍ଟ ସମଗ୍ର ନିର୍ବାଚନ ପ୍ରକ୍ରିୟାକୁ ଅସିଦ୍ଧ ଘୋଷଣା କରି ନାହାନ୍ତି, କିନ୍ତୁ ମତ ଗଣନା ପ୍ରକ୍ରିୟାରେ ହୋଇଥିବା ହେରଫେର ଭିତରେ ନିଜକୁ ସୀମିତ ରଖି ପୁନର୍ଗଣନାର ନିଜେ ତଦାରଖ କରିବାକୁ ଆଗେଇ ଆସିଥିଲେ। ଏହି ମାମଲାରେ ଭାରତର ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ ତିନିଜଣିଆ ଖଣ୍ଡପୀଠ କହିଛନ୍ତି: 'ଆମମାନଙ୍କର ମତ ହେଉଛି ଯେ ମୌଳିକ ଗଣତାନ୍ତ୍ରିକ ମତଦାନ ନିରପେକ୍ଷ ରହିଥିବା ସୁନିଶ୍ଚିତ କରାଇବାକୁ କୋର୍ଟ ଏଭଳି ବ୍ୟତିକ୍ରମ ହୋଇଥିବା ଘଟଣାଗୁଡ଼ିକ କ୍ଷେତ୍ରରେ ହସ୍ତକ୍ଷେପ କରିବା ଉଚିତ।' ପୂର୍ବରୁ ଏହି ଖଣ୍ଡପୀଠ ପଞ୍ଜାବ ଏବଂ ହରିୟାନା ହାଇକୋର୍ଟଙ୍କ କାର୍ଯ୍ୟ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ପ୍ରଦାନ କରିଥିଲେ, ଯାହା ରିଟର୍ଣ୍ଣିଂ ଅଫିସରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମନା କରି ଦେଇଥଲା : 'ନିର୍ବାଚନୀ ପ୍ରକ୍ରିୟାର ଶୁଦ୍ଧତା ଏବଂ ପବିତ୍ରତାକୁ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ଏକ ଉପଯୁକ୍ତ ଅନ୍ତରୀଣ ଆଦେଶ ପ୍ରଦାନ କରିବା ଜରୁରୀ ଥିଲା ଯାହାକୁ ପାରିତ କରିବାରେ ହାଇକୋର୍ଟ ବିଫଳ ହୋଇଥିଲେ।' ସ୍ମରଣଯୋଗ୍ୟ ଯେ ମାତ୍ର ଅଳ୍ପ ଦିନ ତଳେ ସୁପ୍ରିମ୍‌କୋର୍ଟ ନିର୍ବାଚନୀ ବଣ୍ଡ୍ ଯୋଜନା (ଇବିଏସ୍) ଉପରେ ଏକ ମହତ୍ତ୍ୱପୂର୍ଣ୍ଣ ରାୟ ପ୍ରଦାନ କରି ରାଜନୀତିକ ଦଳ ଏବଂ ସେମାନଙ୍କର ଦାତାମାନଙ୍କ 'ଗୋପନୀତା'ଠାରୁ ନାଗରିକମାନଙ୍କ ଅଧିକାରକୁ ଗୁରୁତ୍ୱ ପ୍ରଦାନ କରିଥିଲେ ଯାହା ପରେ ପରେ ଚଣ୍ଡିଗଡ଼ କ୍ଷେତ୍ରରେ କୋର୍ଟଙ୍କର ଏହି ରାୟ ଆସିଛି। କହିବା ବାହୁଲ୍ୟ, ଏହା ଦେଶର ନାଗରିକମାନଙ୍କ ମନରେ ଗଣତାନ୍ତ୍ରିକ ପ୍ରକ୍ରିୟାର ପବିତ୍ରତାକୁ ପୁନରୁଦ୍ଧାର କରିବାରେ ବେଶ୍ ସହାୟକ ହେବ। ଉପରୋକ୍ତ ନିର୍ବାଚନୀ ବିବାଦ କ୍ଷେତ୍ରରେ ସୁପ୍ରିମ୍‌କୋର୍ଟଙ୍କ ରାୟ ସୀମିତ ହୋଇପାରେ, କିନ୍ତୁ ଏହା ବିଜେପିର ଭାବମୂର୍ତ୍ତିକୁ ସର୍ବସମ୍ମୁଖରେ ମଳିନ କରିଛି। ବିଭିନ୍ନ ସ୍ତରରେ କଳେ ବଳେ କୌଶଳେ ନିର୍ବାଚନରେ ବିଜୟ ଲାଭ କରିବା ଏବଂ ନିଜର ନାୟକତ୍ୱକୁ ସାବ୍ୟସ୍ତ କରିବା ପାଇଁ ବିଜେପିର ଉଚ୍ଚାକାଂକ୍ଷା କଥା ଏଥିରୁ ସହଜରେ ବୁଝିହୁଏ, କିନ୍ତୁ କେନ୍ଦ୍ରରେ କ୍ଷମତାରେ ରହିଥିବା ଏକ ଦଳ ଭାବରେ ସାମ୍ବିଧାନିକ ଔଚିତ୍ୟକୁ ଅନ୍ୟମାନେ ଯେପରି ସମ୍ମାନ ପ୍ରଦର୍ଶନ କରିବେ, ସେ ବାବଦରେ ଏହି ଦଳକୁ ଏକ ଉଦାହରଣ ସ୍ଥାପିତ କରିବାର ଆବଶ୍ୟକତା ରହିଛି। ଚଣ୍ଡିଗଡ଼ରେ ସମ୍ପନ୍ନ ହୋଇଥିବା ଉପରୋକ୍ତ ମେୟର ନିର୍ବାଚନରେ ହେରଫେର ପରେ ବିଜୟୀ ଘୋଷିତ ଦଳର ପ୍ରାର୍ଥୀଙ୍କୁ ବିଜେପିର ସଭାପତି ଜେପି ନଡ୍ଡାଙ୍କ ଭଳି ଜଣେ ବରିଷ୍ଠ ନେତା ଅଭିନନ୍ଦନ ଜଣାଇବା ଏକ ଚିନ୍ତାଜନକ ବାର୍ତ୍ତା ପ୍ରଦାନ କରିଛି। ଗଣତାନ୍ତ୍ରିକ ପଦ୍ଧତି ଉପରେ ଏକ ବଡ଼ ଧରଣର ଆକ୍ରମଣ କରି ସମଗ୍ର ନିର୍ବାଚନ ପ୍ରକ୍ରିୟାକୁ କୋର୍ଟ କଚେରୀକୁ ଟାଣି ନେଇଥବା ମସିହ ଏପରି ବେଖାତିର ଭାବ ପ୍ରଦର୍ଶନ କରିବାକୁ କେବେହେଲେ ଏକାକୀ ସାହସ କରି ନଥବେ ; ଏକଥା ନିଶ୍ଚିତ ଯେ ତାଙ୍କ ପଛରେ କୌଣସି ବଡ଼ ଶକ୍ତିର ହାତ ରହିଛି। ସମୟ ଉପଗତ ହୋଇଛି, ଏଭଳି ଷଡ଼ଯନ୍ତ୍ର ରଚିବାରେ ଯେ କେହି ବି ସମ୍ପୃକ୍ତ ଥାଆନ୍ତୁ ନା କାହିଁକି, କୋର୍ଟ ତାଙ୍କୁ ପଦାକୁ ଆଣିବା ଉଚିତ। ପୁନଶ୍ଚ, ସାମ୍ପ୍ରତିକ ରିପୋର୍ଟଗୁଡ଼ିକୁ ଯଦି ବିଶ୍ୱାସ କରାଯାଏ, ତା'ହେଲେ ଏହା ମଧ୍ୟ ଦେଖିବାକୁ ମିଳିଲାଣି ଯେ ଚଣ୍ଡିଗଡ଼ରେ ମେୟର ନିର୍ବାଚନର ନାଟକ ଏବେ ସୁଦ୍ଧା ଶେଷ ହୋଇନାହିଁ। ଏଏପିର ଟିକେଟ୍‌ରେ ନିର୍ବାଚିତ ହୋଇଥିବା କାଉନ୍‌ସିଲର ଏବେ ବିଜେପିରେ ମିଶିଲେଣି, ଯାହାର ପରିଣତିରେ ପୁଣିଥରେ ନବନିର୍ବାଚିତ ମେୟର ପଦ ଚାଲିଗଲାଣି ଅନିଶ୍ଚିତତାର ବଳୟ ଭିତରକୁ ଓ ରାଜନୀତିକ ଦଳମାନେ ଯେତେବେଳେ ଖୋଲାଖୋଲି ଜନମତର ଉଲ୍ଲଙ୍ଘନ କରିବାକୁ, ଘୋଡ଼ା ବେପାର ସମ୍ପାଦନ କରି ଏହାକୁ ବଦଳାଇ ଦେବାକୁ ଆଗେଇ ଆସନ୍ତି, ସେତେବେଳେ କୌଣସି କୋର୍ଟ ସେଥିରେ କ୍ୱଚିତ୍ ହସ୍ତକ୍ଷେପ କରି ପାରିବେ। ଆଇନ ଅଦାଲତଗୁଡ଼ିକ କେବଳ ସେତିକି ବେଳେ କିଛି କରି ପାରିବେ, ଯେତେବେଳେ କ୍ଷମତାରେ ଥିବା ବ୍ୟକ୍ତିମାନେ କିଛି ଭୁଲ୍ କାମ କରିବେ। ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅନେକ ଥର ଭାରତ ସମସ୍ତ ଗଣତନ୍ତ୍ରର ଜନନୀ ବୋଲି କହିବା ସମସ୍ତେ ଶୁଣିଛନ୍ତି, କିନ୍ତୁ ତାଙ୍କ ଦଳ ଏହି ଧାରଣାର କିଛି ନୂଆ ରୂପ ବାହାର କରିବାକୁ ସମ୍ଭବତଃ ପରୀକ୍ଷା ନିରୀକ୍ଷା କରୁଥିବା ସମ୍ପ୍ରତି ମନେହୁଏ। ଯେ ପର୍ଯ୍ୟନ୍ତ ଗଣତନ୍ତ୍ରର ଅସଲ ମର୍ଯ୍ୟାଦା ସମ୍ପର୍କରେ ଉଭୟ ନେତା ଓ ଜନତା ସଚେତନ ନ ହୋଇଛନ୍ତି, ସେ ପର୍ଯ୍ୟନ୍ତ ଏମିତି ଘଟଣାମାନ ସାମ୍ନାକୁ ଆସୁଥିବ ଏବଂ ଏହା ସମଗ୍ର ବିଶ୍ୱରେ ଭାରତର ଛବି ମଳିନରୁ ମଳିନ ଆଡ଼କୁ ଗତି କରୁଥିବ।

## ସୀମା ରଖ ମୁକୁଳା, ଆଇନକର ହୁଗୁଳା



### ସୌମେନ୍ଦ୍ର ଜେନା

ଭାରତ, ପାକ୍ -ବଙ୍ଗଳାଦେଶ ସୀମାନ୍ତରେ କେବଳ ତାରବାଡ ବସିଥିବା ବେଳେ ଅନ୍ୟସବୁ ପଡୋଶୀ ରାଷ୍ଟ୍ର ନେପାଳ, ଭୁଟାନ ଏବଂ ମ୍ୟାନମାରର ସୀମା ଆଜିଯାଏଁ ମୁକୁଳା ପଡିଥିବା ହେତୁ ପଡୋଶୀ ରାଷ୍ଟ୍ରଗୁଡିକରୁ କେବଳ ଅନୁପ୍ରବେଶ ଯେ ବଢୁଛି ତା ନୁହେଁ, ଚୋରା କାରବାର, ଧର୍ମାନ୍ତରଣ, ସନ୍ତ୍ରାସବାଦ ମଧ ବଢିଛି। ସୀମାନ୍ତ ରାଜ୍ୟଗୁଡିକରେ ବ୍ୟାପକ ଧର୍ମାନ୍ତରଣକୁ ବିଦେଶୀ ଶକ୍ତିଗୁଡିକ ପ୍ରୋତ୍ସାହିତ କରୁଥିଲା ବେଳେ ପଡୋଶୀ ରାଷ୍ଟ୍ରଗୁଡିକରେ ସନ୍ତ୍ରାସବାଦୀମାନେ ନିଜର ଘାଟୀ ପ୍ରତିଷ୍ଠା କରି ଭାରତ ଉପରେ ଆକ୍ରମଣ ଜାରି ରଖିଛନ୍ତି। ଏହି କ୍ରମରେ ଯଦି ଉତ୍ତର -ପୂର୍ବାଞ୍ଚଳକୁ ଦେଖିବା ତେବେ ଜାଣିବାକୁ ପାଇବା ଯେ ସଂଖ୍ୟାଧିକ ଛୋଟ ଛୋଟ ସନ୍ତ୍ରାସୀ ସଂଗଠନ ଦୀର୍ଘଦିନ ହେବ ଧାର୍ମିକ, ରାଜନୀତିକ ଏବଂ ଆର୍ଥିକ ସହଯୋଗ ଲାଭକରି ଆଜିଯାଏଁ ସେଠାରେ କେବଳ ଯେ ଅସ୍ଥିରତା ସୃଷ୍ଟି କରି ଆସିଛନ୍ତି ତା ନୁହେଁ, ସେମାନେ ସେଠାକାର ପ୍ରଗତିରେ ମଧ ପ୍ରତିବନ୍ଧକ ସାଜିଛନ୍ତି। ବ୍ରିଟିସ ଶାସନ ସମୟରୁ ଉତ୍ତର- ପୂର୍ବାଞ୍ଚଳରେ ଧର୍ମାନ୍ତରଣ, ଅସ୍ଥିରତା ସୃଷ୍ଟି ପାଇଁ ବିଦେଶୀ ଧାର୍ମିକ ସଂଗଠନଗୁଡିକ କାର୍ଯ୍ୟ କରୁଥିଲେ। ସ୍ୱାଧୀନତା ପରବର୍ତ୍ତୀ କାଳରେ ମଧ କେନ୍ଦ୍ର ସରକାର ସେମାନଙ୍କ ବିରୁଦ୍ଧରେ କୌଣସି ଦୃଢ ପଦକ୍ଷେପ ଗ୍ରହଣ ନକରିବା ହେତୁ ସେମାନେ ବିଦେଶୀ ଧନ ମାଧ୍ୟମରେ ଭାରତୀୟ ଲୋକମାନଙ୍କ ମନ କିଣାରେ ଲାଗିପଡିଲେ। ଯେଉଁମାନେ ମନ ବିକ୍ରି ନକଲେ ସେମାନଙ୍କୁ ବନ୍ଧୁକ ମୁନର ଭୟ ଦେଖାଇଲେ, ପ୍ରଶାସନର ଭୟ ଦେଖାଇଲେ। ରାଜ୍ୟର ସରକାରଗୁଡିକ ମଧ୍ୟରେ ସେମାନଙ୍କ ପ୍ରବେଶ ଉତ୍ତର - ପୂର୍ବକୁ ଭାରତଠାରୁ ବିଚ୍ଛିନ୍ନ କରି ରଖିଲା। ବନବାସୀ, ସହରବାସୀ ମଧରେ ତଫାତ୍ ସୃଷ୍ଟି କରାଇଲା। ସ୍ୱତନ୍ତ୍ର ସୁରକ୍ଷା ଆଇନ ନାମରେ ସେଠାରେ ବାହାର ରାଜ୍ୟର ଲୋକମାନଙ୍କ ପ୍ରବେଶକୁ ବାରଣ କରାଗଲା। ଯେମିତି ସେହିସବୁ ରାଜ୍ୟ ସ୍ୱାଧୀନ ଭାରତର ସ୍ୱାଧୀନ ଭୂଖଣ୍ଡ। ଏହି ଜାଲିଆତି ବ୍ୟବସ୍ଥାକୁ କାଏମ ରଖିବାକୁ ଯୁକ୍ତି ବାଢି ଆସିଥିବା ଲୋକେ ସ୍ଥାନୀୟ ଲୋକଙ୍କ ମନରେ ରାଷ୍ଟ୍ରଦ୍ରୋହ, ଘୃଣା ଏବଂ ଅବିଶ୍ୱାସର ମଞ୍ଜି ବୁଣି ଚାଲିଲେ। କିନ୍ତୁ ୨୦୧୪ରେ କେନ୍ଦ୍ରରେ ମୋଦି ସରକାର ଆସିବା ପରେ ସେମାନଙ୍କ ଅର୍ଥ ବଳ, ବାହୁବଳ ଉପରେ କଟକଣା ଲାଗିଲା। ସ୍ୱେଚ୍ଛାସେବୀ ସଂଗଠନ ଆଳରେ ସନ୍ତ୍ରାସବାଦ, ଧର୍ମାନ୍ତରଣ ଓ ରାଷ୍ଟ୍ରଦ୍ରୋହ ପାଇଁ ମିଳୁଥିବା ଅର୍ଥର ଉତ୍ସଗୁଡିକୁ ବନ୍ଦ କରାଗଲା। ପର୍ଯ୍ୟଟନ ଭିସାରେ ବିଦେଶୀ ଲୋକେ ଭାରତରେ ପ୍ରବେଶ କରି ଧର୍ମାନ୍ତରଣ କାର୍ଯ୍ୟ କରୁଥିବାବେଳେ ଆସାମ ଏବଂ ଅନ୍ୟାନ୍ୟ ରାଜ୍ୟରୁ ସେମାନଙ୍କୁ ଦେଶ ଛାଡିବା ଲାଗି ନିର୍ଦ୍ଦେଶ ଦିଆଗଲା। ବିଦେଶୀଙ୍କ ଅର୍ଥରେ ଚାଲୁଥିବା ସଂସ୍ଥାଗୁଡିକୁ ବନ୍ଦ କରାଗଲା। ଫଳରେ ଶତାବ୍ଦୀରୁ ଅଧିକକାଳ ଧରି ସକ୍ରିୟତାର ସହ ବିଷମଞ୍ଜି ବୁଣୁଥିବା ଲୋକେ ସରକାରଙ୍କ ଗୁଇନ୍ଦା ସଂସ୍ଥାର ଟାର୍ଗେଟରେ ରହିଲେ। ତେଣୁ ସେମାନେ ବେପାର ବନ୍ଦ କଲେ କିମ୍ବା ଆନ୍ତର୍ଜାତିକ ସ୍ତରରେ ଭାରତ ଓ ଭାରତ ସରକାରଙ୍କ ବିରୁଦ୍ଧରେ ବିଷୋଦ୍‌ଗାର କଲେ। ମଣିପୁର ଝାମେଲା ସମୟରେ ଆମେରିକାର ଖ୍ରୀଷ୍ଟିଆନ ଧାର୍ମିକ ସମ୍ମଳନୀରେ ଯୋଗଦେଇଥିବା ଲୋକେ ଯେଉଁ ଭାଷାରେ ଭାରତ ବିରୁଦ୍ଧରେ ବିଷୋଦଗାର କରିଥିଲେ ତାହା ସମସ୍ତଙ୍କୁ ଜଣାଅଛି। କିନ୍ତୁ କୌଣସି ପ୍ରକାର ବିଦେଶୀଉପକୁ ସ୍ୱୀକାର କରୁନଥିବା ବର୍ତ୍ତମାନର କେନ୍ଦ୍ର ସରକାର ସେମାନଙ୍କ ଷଡଯନ୍ତ୍ର ନିକଟରେ ମଥାନତ ନକରିବା ଯୋଗୁ ସେମାନେ ସେମାନଙ୍କ ଧର୍ମର ଲୋକଙ୍କୁ ମ୍ୟାନମାରରୁ ଭାରତରେ ପ୍ରବେଶ କରାଇ ହିଂସାକାଣ୍ଡକୁ କାଏମ୍ ରଖିଛନ୍ତି। ଏଥିରେ ମୁକୁଳାସୀମା ସେମାନଙ୍କ ପାଇଁ ବରଦାନ ସଦୃଶ ହୋଇଛି। ତେଣୁ ନିକଟରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ପାକ୍ ବଙ୍ଗଳାଦେଶ ସୀମାପରି ଭାରତ-ମ୍ୟାନମାର ସୀମାରେ ତାରବାଡ ପକାଇ ଅନୁପ୍ରବେଶକୁ ବନ୍ଦ କରିବାକୁ ଘୋଷଣା କରିବା ପରେ ଏବେ ଯେଉଁ ଶକ୍ତିର ଗାତ୍ରଦାହ ହୋଇଛି ଆମର ଆଲୋଚନାର କେନ୍ଦ୍ର ବିନ୍ଦୁ ହିଁ ସେଇଠି।

ମଣିପୁର, ନାଗାଲାଣ୍ଡ, ମିଜୋରାମ ଏବଂ ଅରୁଣାଚଳ ପ୍ରଦେଶ-ମ୍ୟାନମାର ସୀମାକୁ ଲାଗି ୧୬୪୩କିମି ଅଞ୍ଚଳ ମୁକୁଳା ପଡିଥିବାରୁ କେନ୍ଦ୍ର ସରକାର ସୀମାବନ୍ଦ କରିବାକୁ ଘୋଷଣା କରିବା ପରେ ଅରୁଣାଚଳ ପ୍ରଦେଶ ଓ ମଣିପୁର ସରକାର ଏହାକୁ ଗ୍ରହଣ କରିଛନ୍ତି। କିନ୍ତୁ ନାଗାଲାଣ୍ଡ ଏବଂ ମିଜୋରାମର ସରକାର କେନ୍ଦ୍ରର ପ୍ରସ୍ତାବକୁ ବିରୋଧ କରୁଛନ୍ତି। ଏପରିକି ଦେଶ ବିରୋଧୀ ପ୍ରଚାରରେ ଲାଗିଥିବା ତଥାକଥିତ ଗଣମାଧ୍ୟମଗୁଡିକୁ ନିୟନ୍ତ୍ରଣ କରିବାକୁ ସେମାନଙ୍କ ବିଦେଶୀ ଆର୍ଥିକ ସ୍ରୋତ ଏବଂ ଜର୍ଜ ସାରୋସ ପରି ଭାରତ ବିରୋଧୀ ଶକ୍ତିର ବାଟ ବନ୍ଦ କରିବାକୁ ପ୍ରୟାସ କରିବା ସମୟରେ 'ୟୁନିଅନ ଅଫ୍ କ୍ୟାଥୋଲିକ୍ ଏସିଆନ ନିଉଜ' ସଂସ୍ଥା ଭାରତ ବିରୋଧୀ ପ୍ରଚାରରେ ବ୍ୟସ୍ତ ରହିଛି। ୨୫ ଡିସେମ୍ବର ୨୦୨୩ ବଡ ଦିନ ଅବସରରେ ନୂଆଦିଲ୍ଲୀସ୍ଥିତ ସାକ୍ରିଡ ହାର୍ଟ କ୍ୟାଥେଡ୍ରାଲ ନାମକ ଚର୍ଚ୍ଚକୁ ପ୍ରଧାନମନ୍ତ୍ରୀ ଯାଇ କ୍ୟାଣ୍ଡେଲ ଜାଳିବା ଏବଂ ଖ୍ରୀଷ୍ଟିଆନ ଲୋକଙ୍କୁ ଭୋଜୀ ଦେବା ଘଟଣାକୁ ବେନ ଜୋସେଫ ନାମକ ଲେଖକ ୨୧ ଫେବୃଆରୀ ୨୦୨୪ଦିନ ୧୧.୨୯ ମିନିଟ୍‌ରେ ୟୁସିଏ ନିଉଜ ମାଧ୍ୟମରେ ନିଜର ଅସନ୍ତୋଷକୁ ବ୍ୟକ୍ତ କରିବା ସହ ଭାରତପରି ଗଣତନ୍ତ୍ରରେ ଖ୍ରୀଷ୍ଟିଆନମାନେ ଏକ ନୀତିବାଦୀ ଶକ୍ତି ହୋଇପାରୁନାହାନ୍ତି ବୋଲି ଲେଖିଛନ୍ତି। ହିନ୍ଦୁବାଦୀ ଦଳ ଭାରତୀୟ ଜନତାପାର୍ଟି ନିର୍ବାଚନ ପୂର୍ବରୁ ଖ୍ରୀଷ୍ଟିଆନଙ୍କୁ ଉସକାଉଥିବା ଉଲ୍ଲେଖ କରିଛନ୍ତି। ୧୨ଅଗଷ୍ଟ ୨୦୨୩ରେ କେନ୍ଦ୍ର ସରକାରଙ୍କ 'ଡିଜିଟାଲ ପର୍ସନାଲ ଡାଟା ପ୍ରୋଟେକସନ ଆକ୍ଟ'କୁ ବିରୋଧ କରି କ୍ୟାଥୋଲିକ ଚର୍ଚ୍ଚଗୁଡିକ ସରକାରଙ୍କ ବିରୁଦ୍ଧରେ କିଛି କରିନଥିବା କହିଛନ୍ତି। ସେମିତି ଅନ୍ୟ ଜଣେ ଖ୍ରୀଷ୍ଟିଆନ ଲେଖକ ନରେନ୍ଦ୍ର ଦେବ ନିଜ ଲେଖାରେ ମୁସଲିମ ବ୍ରଦରହୁଡ ସଦୃଶ ଖ୍ରୀଷ୍ଟିଆନ ବ୍ରଦରହୁଡ ସ୍ଥାପନ ପାଇଁ ଭାରତ ସରକାର ଭାରତର ସୀମାରେ ଥିବା ଏବଂ ମ୍ୟାନମାର ମଧରେ ଥିବା ଖ୍ରୀଷ୍ଟିଆନମାନଙ୍କୁ ଅଲଗା ନକରିବା ଲାଗି ଖ୍ରୀଷ୍ଟିଆନ ଗୋଷ୍ଠୀ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଚେତାବନୀ ଶୁଣାଇଛନ୍ତି। ଫେବୃଆରୀ ୧୯,୨୦୨୪ ଦିନ ୧୧ଟା ୫୦ ମିନିଟରେ ୟୁସିଏ ନିଉଜରେ ପ୍ରସାରିତ ଏକ ଲେଖାରେ ସେ ଭାରତ ସରକାରଙ୍କ ସୀମାକୁ ବନ୍ଦ କରିବା କାର୍ଯ୍ୟ ଏକ ରାଜନୈତିକ ପଦକ୍ଷେପ କହି ଏହା ଦୁଇଦେଶର ଖ୍ରୀଷ୍ଟିଆନଙ୍କୁ ଅଲଗା କରିବ ବୋଲି କୁହାଯାଇଛି। ନାଗାଲାଣ୍ଡର ଦିମାପୁରଠାରେ ୧୬ଫେବୃଆରୀ ୨୦୨୪ ଦିନ ଖ୍ରୀଷ୍ଟିଆନ ଆଦିବାସୀ ଗୋଷ୍ଠୀ ଏବଂ ଏନ୍‌ଜିଓ ଗୋଷ୍ଠୀ ମିଳିତ ଭାବେ କେନ୍ଦ୍ର ସରକାରଙ୍କ ସୀମାବନ୍ଦ ନୀତିର ନିନ୍ଦା କରିବା ସହ ସୀମାକୁ ମୁକୁଳାରଖି ମୁକ୍ତ ଚଳାଚଳ ପାଇଁ ଦାବି କରିଥିବା ବିଷୟ ଉଲ୍ଲେଖ କରିଛନ୍ତି। ଏକଥା ସତ ଯେ ୧୯୫୦ରେ ଏକ ବୁଝାମଣାରେ ଭାରତ-ମ୍ୟାନମାର ସେମାନଙ୍କ ୧୬୪୩ କିମି ସୀମା ମୁକ୍ତ ଚଳାଚଳ ଅଞ୍ଚଳ ଭାବେ ଘୋଷଣା କରିଥିଲେ। ୨୦୦୪ରେ ଏହି ସୁବିଧାକୁ ସୀମାଠାରୁ ଉଭୟ ଦେଶର ୧୬କିମି ପର୍ଯ୍ୟନ୍ତ ସୀମିତ କରାଯାଇଥିଲା। ୨୦୧୮ରେ ଉଭୟଦେଶ ଚଳାଚଳ ପାଇଁ ସୀମାରେ ପ୍ରବେଶ ପଥ ବ୍ୟବସ୍ଥା କରିଥିଲେ। କିନ୍ତୁ ଏହାର ସୁଯୋଗ ନେଇ ଯେଉଁମାନେ ମ୍ୟାନମାରରେ ଜମିକିଣି ଚାଷବାସ କରିଆସୁଥିଲେ, ନିଶାଦ୍ରବ୍ୟ ତ୍ରିକୋଣଭୂମି ଲାଓସ୍-ଥାଇଲାଣ୍ଡ - ମ୍ୟାନମାରରୁ ଭାରତକୁ ଆଣୁଥିଲେ ଏବେ ସେମାନେ ଅସୁବିଧାରେ ପଡିବେ। ଭାରତୀୟଙ୍କୁ ବିଦେଶୀ ନିଶାରେ ଆସକ୍ତ କରିବାକୁ ଯେଉଁ ଦୀର୍ଘଦିନରୁ ବେଧଡକ କାର୍ଯ୍ୟ ଚାଲିଆସିଛି, ଏବେ ତାହା ନିୟନ୍ତ୍ରିତ ହେଲେ ଚର୍ଚ୍ଚଗୁଡିକୁ ନିଶାରୁ ମିଳୁଥିବା ଅର୍ଥ ହ୍ରାସ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। କେବଳ ସେତିକି ନୁହେଁ, ଏହି ରିପୋର୍ଟରେ ମଣିପୁରର ହିନ୍ଦୁ ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବକ୍ରମେ କେନ୍ଦ୍ର ସରକାର ୮୭ ପ୍ରତିଶତ ନାଗାଲାଣ୍ଡ ଓ ମିଜୋରାମର ଖ୍ରୀଷ୍ଟିଆନ,ମଣିପୁରର ୪୧ପ୍ରତିଶତ ଏବଂ ଅରୁଣାଚଳର ୩୦ ପ୍ରତିଶତ ଖ୍ରୀଷ୍ଟିଆନଙ୍କ ବିରୁଦ୍ଧରେ ପଦକ୍ଷେପ ନେଉଥିବା କଥା କୁହାଯାଇଛି। ୩ ମଇ ୨୦୨୩ରୁ ମଣିପୁରର ହିନ୍ଦୁ ମେଇତେଇ ଏବଂ ଖ୍ରୀଷ୍ଟିଆନ କୁକୀ -ଜୋ ଗୋଷ୍ଠୀଙ୍କ ମଧରେ ଯେଉଁ ପ୍ରଭୁତ୍ୱର ହିଂସାତ୍ମକ ସଂଘର୍ଷ ଚାଲିଛି ସେଥିପାଇଁ ମ୍ୟାନମାରର ଖ୍ରୀଷ୍ଟିଆନ ଗୋଷ୍ଠୀ ଓ ସନ୍ତ୍ରାସବାଦୀଙ୍କ ହାତ ରହିଥିବା ବିଷୟ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ୯ ଅଗଷ୍ଟ ୨୦୨୩ରେ ପାର୍ଲିଆମେଣ୍ଟରେ ପ୍ରକାଶ କରିଥିଲେ। ନରେନ୍ଦ୍ର ଦେବଙ୍କ ଲେଖାରେ କୁହାଯାଇଛି ଯେ ଦୀର୍ଘ ବର୍ଷ ଧରି ନାଗାଲାଣ୍ଡର ଖ୍ରୀଷ୍ଟିଆନମାନେ ଭାରତ-ମ୍ୟାନମାରର ଖ୍ରୀଷ୍ଟିଆନ ଅଧୁଷିତ ଅଞ୍ଚଳକୁ "ବିଶାଳ ନାଗାଞ୍ଚଳ ଗଠନ" କରିବା ଏବଂ ମିଜୋ ଖ୍ରୀଷ୍ଟିଆନମାନେ "ବିଶାଳ ମିଜୋ ଅଞ୍ଚଳ" ପ୍ରତିଷ୍ଠା କରିବାକୁ ୧୯୮୦ରୁ ଦାବି କରିଆସୁଛନ୍ତି।

ଏକଥା ସତ ଯେ ମ୍ୟାନମାରର ରାଜନୈତିକ ଅସ୍ଥିରତା ଫେବୃଆରୀ ୨୦୨୨ରେ ଆରମ୍ଭ ହେବାଠାରୁ ଆଜି ମଧରେ ମ୍ୟନମାରର ଚୀନ ରାଜ୍ୟରୁ ୩୧ହଜାର ଲୋକ ମିଜୋରାମରେ ପ୍ରବେଶ କରି ରହିଛନ୍ତି। ମିଜୋରାମର ଚମ୍ପାଇ ଜିଲ୍ଲାକୁ ଲାଗିଥିବା ମ୍ୟାନମାରର ଚୀନ ରାଜ୍ୟର ହାଇମୁଆଲ ଏବଂ ଖାଓ୍ୱମାୱି ପଟୁ ୨୫୦୦ ଥର ଅନୁପ୍ରବେଶ ହୋଇଛି। କିନ୍ତୁ 'ବସୁଧୈବ କୁଟୁମ୍ବକମ୍' କଥା କହୁଥିବା କେନ୍ଦ୍ର ସରକାର ଏହାକୁ ପ୍ରମାଣିତ କରିବାକୁ ସୀମାକୁ ମୁକୁଳା ରଖିବା ସପକ୍ଷରେ ଖ୍ରୀଷ୍ଟିଆନ ଗୋଷ୍ଠୀଗୁଡିକ କହୁଛନ୍ତି। ଏସିଆର ଜନଜାତିଙ୍କୁ କ୍ରୀତଦାସ ଭାବେ ବର୍ଣ୍ଣନା କରି ସେମାନଙ୍କୁ ଭିନ୍ନ ଭିନ୍ନ ରାଷ୍ଟ୍ରର ସରକାରଗୁଡିକ ବିରୁଦ୍ଧରେ ଉସକାଇବା ଲାଗି "ସ୍ଲେଭସ ଅଫ୍ ଏସିଆ" ଶୀର୍ଷକରେ "ୟୁସିଏ ନିଉଜ" ଲେଖା ପ୍ରକାଶ କରୁଛି। ବେନ ଜୋସେଫ, ବିଜୟ କୁମାର ମିଞ୍ଜ, ଜନ୍ ଦୟାଲଙ୍କ ପରି ଖ୍ରୀଷ୍ଟିଆନ ସାମ୍ବାଦିକ ଓ ଲେଖକ ଅନେକ ଲେଖାରେ ଦେଶର ସରକାର ବିରୋଧୀ, ହିନ୍ଦୁ ବିରୋଧୀ, ବିଦେଶୀଙ୍କୁ ସମର୍ଥନ, ଧର୍ମାନ୍ତରଣର ଜୟଗାନ ବିଷୟକ ଲେଖା, ଫଟୋ ଆଦି ପ୍ରକାଶନରେ ଲାଗିଛନ୍ତି।

ମଣିପୁରର ହିନ୍ଦୁ ମୁଖମନ୍ତ୍ରୀ ବୀରେନ୍ ସିଂହ ନିଶା ବିରୋଧୀ ପଦକ୍ଷେପ ଗ୍ରହଣ କରି ଚଡାଉ କରିବା ପରେ ଖ୍ରୀଷ୍ଟିଆନ ନିଶା ବ୍ୟବସାୟୀ ଏବଂ ଚର୍ଚ୍ଚଗୋଷ୍ଠୀ ତାଙ୍କ ବିରୋଧରେ ଏକ ହେଲେ। ବୀରେନ ସିଂହଙ୍କୁ କ୍ଷମତାରୁ ହଟାଇବାକୁ ଯାଇ ସେମାନେ ଶୋଭାଯାତ୍ରା ଆଳରେ ମେଇତେଇ ହିନ୍ଦୁଙ୍କ ୧୫୦୦ଘରକୁ ପୋଡି ପାଉଁଶ କରିଦେଲେ। ସେମାନଙ୍କ ମଧ୍ୟରେ ମ୍ୟାନମାରରୁ ଆସିଥିବା ଅନୁପ୍ରବେଶକାରୀ ଶରଣାର୍ଥୀ ମଧ ରହିଥିଲେ। ସେହି ଜଳାପୋଡାରେ ଖ୍ରୀଷ୍ଟିଆନ ସନ୍ତ୍ରାସବାଦୀ ଗୋଷ୍ଠୀ ସାମିଲ ଥିଲେ। କେନ୍ଦ୍ର ସରକାରଙ୍କ କଠୋର ନୀତି ଯୋଗୁ ସନ୍ତ୍ରାସୀଙ୍କ ସମ୍ମୁଖରେ ବୀରେନ ସିଂହ ଦୁର୍ବଳ ହୋଇନାହାନ୍ତି କିମ୍ବା କେନ୍ଦ୍ର ସରକାର ପଛକୁ ଯାଇନାହାନ୍ତି। ଦୀର୍ଘଦିନ ଧରି ଉତ୍ତର- ପୂର୍ବାଞ୍ଚଳରେ ନିଜର ହାକିମିତି ଚଳାଇ ଆସିଥିବା ଏନ୍‌ଜିଓ,ଚର୍ଚ୍ଚ ଏବଂ ନିଶାବେପାରୀ ମେଣ୍ଟ ଅନେକଦିନ ଧରି ଜଳାପୋଡା, ହିଂସାକାଣ୍ଡ, ହତ୍ୟାର ଆତଙ୍କ ଚଳାଇ ଆସିଛନ୍ତି। ମ୍ୟାନମାର ଲୋକେ ଭାରତରେ ହିଂସାକାଣ୍ଡ ଘଟାଇ ମୁକୁଳା ସୀମା ଅତିକ୍ରମ କରି ମ୍ୟାନମାରକୁ ଚାଲିଯାଉଛନ୍ତି। ଯଦି ଭାରତର ସୀମାକୁ ବନ୍ଦ କରିଦିଆଯାଏ, ତେବେ ମ୍ୟାନମାର ପଟୁ ଭାରତକୁ ଅସ୍ତ୍ରଶସ୍ତ୍ର, ନିଶାଦ୍ରବ୍ୟ, ଚୋରାକାରବାର ବନ୍ଦ ହୋଇଯିବା ସହ ସେମାନଙ୍କ ରୋଜଗାରରେ ତାଲା ପଡିଯିବ, ଯେଉଁଥିପାଇଁ ସେମାନେ ଏବେ ଚିନ୍ତାରେ।

+ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

## ପିଲାଙ୍କ ପରୀକ୍ଷା ପାଇଁ ପ୍ରସ୍ତୁତି



### ଡ.ଅରୁନ୍ଧତୀ ଦେବୀ

ଖୁବ୍ କମ ଦିନ ଭିତରେ ବିଦ୍ୟାଳୟ ଠାରୁ ମହାବିଦ୍ୟାଳୟ ଶିକ୍ଷା ଶ୍ରେଣୀ ଭିତରେ ପରୀକ୍ଷା ଆରମ୍ଭ ହୋଇଯାଉଛି। ବାର୍ଷିକ ପରୀକ୍ଷା ଫଳ ହୋଇଥିବାରୁ ପରୀକ୍ଷାକୁ ନେଇ କେବଳ ଛାତ୍ରଛାତ୍ରୀ ନୁହଁନ୍ତି ଅଭିଭାବକ, ବୁଦ୍ଧିଜୀବୀ ଓ ଶିକ୍ଷକ ବା ଶିକ୍ଷୟିତ୍ରୀମାନଙ୍କ ଭିତରେ ଏକ ପ୍ରକାର ବ୍ୟସ୍ତତା, ଆଶଙ୍କା ଆଉ ପ୍ରସ୍ତୁତିକୁ ନେଇ ଅନେକ ଚର୍ଚ୍ଚା। ଅନେକ ହୁଏତ ଜାଣିନଥାନ୍ତି ପିଲାମାନଙ୍କ ପରୀକ୍ଷାକୁ ନେଇ ସେମାନଙ୍କ ଭିତରେ ଏକ ପ୍ରକାର ଚାପ, ଉତ୍କଣ୍ଠା ଓ ଆଶଙ୍କା ସୃଷ୍ଟି କରାଯାଏ। ବର୍ଷ ତମାମ ଯେଉଁ ଶିକ୍ଷା ଖସଡ଼ାକୁ ପିଲାମାନେ ନିତ୍ୟ ନିୟମିତ ଅଧ୍ୟୟନ କରୁଥିଲେ କେତଟା ଦିନକୁ ଆଖିରେ ରଖି ପିଲାମାନଙ୍କ ଭିତରେ ଆଶଙ୍କା, ଚାପ ସୃଷ୍ଟି କରିବା ସମ୍ପୂର୍ଣ୍ଣ ରୂପେ ଅନୁଚିତ। ପିଲାମାନଙ୍କୁ ଯଥା ସମ୍ଭବ ଚାପ ଓ ବ୍ୟସ୍ତତା ଠାରୁ ଦୂରେଇ ରଖିବା ସବୁଠାରୁ ଶ୍ରେଷ୍ଠ ମାଧ୍ୟମ। ପରୀକ୍ଷା ପୂର୍ବରୁ ପ୍ରସ୍ତୁତି ଦିଗକୁ ଦେଖିଲେ ଶୋଇବାର ଯଥେଷ୍ଟ ପୂର୍ବରୁ ପିଲାଟିର ପାଠପଢ଼ା ଶେଷ ପାଇଁ ଦୃଷ୍ଟି ଦିଅନ୍ତି। ପ୍ରତିଦିନ ୬ରୁ ୮ଘଣ୍ଟା ଶୋଇବା ଭଲ। ସଠିକ୍ ଭାବେ ବିଶ୍ରାମ ନହେଲେ ଓ ନିର୍ଦ୍ଦିଷ୍ଟ ଅନ୍ତରରେ ଖାଦ୍ୟ ବ୍ୟବସ୍ଥାର ଖସଡ଼ା ନ ରଖିଲେ ପିଲାମାନଙ୍କର ପ୍ରସ୍ତୁତିରେ ବ୍ୟତିକ୍ରମ ଦେଖାଯାଏ। ନିଜ ଶିକ୍ଷାୟତନର ଶିକ୍ଷକ ବା ଟ୍ୟୁସନ ସାରଙ୍କ ଠାରୁ ଯଥେଷ୍ଟ ପୂର୍ବରୁ ଏ ପରୀକ୍ଷା ପାଇଁ ପ୍ରସ୍ତୁତିର ଖସଡ଼ା ତିଆରି କରି ନିଜେ ଏକ ପାଠ୍ୟସୂଚୀ ପ୍ରସ୍ତୁତ କରନ୍ତୁ। ପାଠପଢ଼ା ବେଳେ ହାତ ପାଖରେ ଖାତା, ବହି, ପେନ୍‌ସିଲ ପରି ଆବଶ୍ୟକୀୟ ଜିନିଷ ରଖନ୍ତୁ। ଏ ସବୁ ଜିନିଷ ଖୋଜିବା ପାଇଁ ଯେପରି ଜଣେ ଅନ୍ୟମନସ୍କ ନହୁଏ ଏବଂ ଏହା ପାଇଁ ଯେପରି ସମୟ ଅତିବାହିତ ନକରେ। ସେହିପରି କ୍ରମାଗତ ଭାବେ ଚାରି ପାଞ୍ଚ ଘଣ୍ଟା ଧରି ପାଠ ପଢିବା ଅପେକ୍ଷା ମଝିରେ କିଛି ମଧ୍ୟାନ୍ତର ସମୟ ରଖି ଏବଂ ପଢୁଥିବା ଜିନିଷକୁ ଚିନ୍ତନ କରି ଏକ ମୁକ୍ତ ପରିବେଶରେ ନିଜକୁ ରଖିପାରିଲେ ଏହା ବହୁତ ଭଲ କାମ ଦିଏ। ରାତି ରାତି ଅନିଦ୍ରା ହୋଇ ପିଲାମାନଙ୍କୁ ଘୋଷା ସୁଆ କରିବା ଅଭ୍ୟାସ ଭଲ ନୁହେଁ। ବର୍ତ୍ତମାନ ସମୟର କେବଳ ସିଲେକ୍‌ଟିଭ୍ ପ୍ରଶ୍ନ ଉତ୍ତର ପ୍ରସ୍ତୁତ ନହୋଇ ପିଲାଟିକୁ ପୁସ୍ତକାବଳୀର ସମସ୍ତ ଅଧ୍ୟାୟକୁ ନିଜ ଦଖଲରେ ରଖିବା ପାଇଁ ମାନସିକତାରେ ସହାୟକ ହୁଅନ୍ତୁ। ମନେରଖିବା ପାଇଁ ବଜାରରେ ମିଳୁଥିବା ଔଷଧ ଟନିକ୍ ପିଲାଙ୍କୁ ଆଦୌ ଦିଅନ୍ତୁନାହିଁ। ପିଲାମାନେ ପାଠ ପଢ଼ିବା ବେଳେ ସେମାନଙ୍କୁ ଗରିଷ୍ଠ ଖାଦ୍ୟ ଠାରୁ ଦୂରେଇ ରଖନ୍ତୁ।

ସକାଳୁ ଶୋଇ ଉଠିବା ପରେ ମସ୍ତିଷ୍କ ସବୁଠାରୁ ଅଧିକ ସଜାଗ ଥିବାରୁ ଏହି ସମୟଟି ପିଲାମାନଙ୍କ ପାଠପଢ଼ା ପାଇଁ ଖୁବ୍ ଭଲ। ମଧ୍ୟାହ୍ନରେ ଭୋଜନ ପରେ ପିଲାମାନେ ବିଶ୍ରାମ ନେବା ବହୁତ ଭଲ। ବିଶେଷକରି ପରୀକ୍ଷା ସମୟରେ ପିଲାମାନଙ୍କ ମନ ବେଳେ ବେଳେ ଅସ୍ଥିର ରହେ। ପିଲାମାନଙ୍କର ମନସ୍ତାତ୍ତ୍ୱିକ ଦିଗକୁ ଦେଖି ଆପଣ ତାକୁ ପ୍ରେରଣା ଦିଅନ୍ତୁ। ମାନସିକ ଚାପ ପାଇଁ ମନ ଅସ୍ଥିର ହୋଇଥାଏ। ଏ ସମୟରେ ପିଲାମାନଙ୍କୁ କୌଣସି ବାହ୍ୟ ସମସ୍ୟା ବା ଉଦ୍‌ବେଗ ବା ପାରିବାରିକ ସମସ୍ୟା ଜଣାନ୍ତୁ ନାହିଁ। ପିଲାଟିକୁ ଜଣେ ବନ୍ଧୁ ଭାବରେ ବେଶ ହାଲକାରେ ତା ମାନସିକତା ବୁଝନ୍ତୁ। ଅମକ ଡିଭିଜନ ପାଇଲେ ବା ଅମକ ର୍ୟାଙ୍କ ପାଇଲେ ଏଇୟା ଦିଆଯିବ ଏପରି ପ୍ରଲୋଭନ ଦିଅନ୍ତୁ ନାହିଁ ବା ଏକ ନିର୍ଦ୍ଦିଷ୍ଟ ପରୀକ୍ଷା ଫଳ ପାଇଁ ପିଲାଟିକୁ ବାଧ୍ୟବାଧ୍ୟକତା ଚାପ ତା'ଉପରେ ଲଦନ୍ତୁନାହିଁ। ପିଲାଟିର ଏହି ପରୀକ୍ଷା ଜୀବନର ଶେଷ ପରୀକ୍ଷା ନୁହେଁ ବା ଏ ପରୀକ୍ଷାରେ ପିଲାଟିର ଫଳ କିଛି କମିଗଲେ ଯେ ତାର ଭବିଷ୍ୟତ ବା କ୍ୟାରିୟର ଯେ ଓଲଟି ପଡ଼ିବ ଏପରି ଚିନ୍ତାଧାରା ଠାରୁ ଦୂରେଇ ରଖନ୍ତୁ। ବେଳେ ବେଳେ ଦେଖାଯାଏ ତରୁଣ ବୟସରେ କେତେକ ପିଲା ନିଶାଦ୍ରବ୍ୟ ପ୍ରତି ପ୍ରଲୋଭିତ ଥାଆନ୍ତି। ଏ ଦିଗଟିକୁ ଗୁରୁତର ସହ ବିଚାର କରି ତାକୁ ଦୂରେଇ ରଖନ୍ତୁ। ପଢୁଥିବାବେଳେ ପିଲାଟିର ପାରିପାର୍ଶ୍ୱିକ ସ୍ଥାନ ଓ ପରିବେଶ ଯେପରି ଭଲ ରହେ ସେ ଦିଗକୁ ଅବହେଳା କରନ୍ତୁ ନାହିଁ। ଏ ସମୟରେ ପିଲାଟିର କୌଣସି ଶାରୀରିକ ଅସୁସ୍ଥତା ଥିଲେ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ। ଅସାଧୁ ଉପାୟରେ ପିଲାମାନଙ୍କୁ କପି ଯୋଗାଇବା ବା ଆଉ କୌଣସି ମାଧ୍ୟମ ରାସ୍ତାରେ ତାକୁ ସହାୟତା କରିବା ଭଳି ଗୁରୁତର ଭୁଲ କରିବା ତ ଦୂରର କଥା ପିଲାଟିର ମନ ଭିତରେ ପ୍ରବେଶ କରାନ୍ତୁ ନାହିଁ। ଅନ୍ୟ ଛାତ୍ରଛାତ୍ରୀଙ୍କ ଉଦାହରଣ ଦେଇ ପିଲାଟିକୁ ହତୋତ୍ସାହିତ କରନ୍ତୁନାହିଁ। ବକୁଳବନର ଗୁରୁକୁଳ ଶିକ୍ଷା ବ୍ୟବସ୍ଥା ପରି ପୂଜ୍ୟଶ୍ରୀ କୁମାର ଭାଇଙ୍କ ଶୋଭନୀୟ ଶିକ୍ଷାଶ୍ରମ ଏକ ଗୁରୁକୁଳ କହିଲେ ଅତ୍ୟୁକ୍ତି ହେବନାହିଁ। ଏକ ନିର୍ମଳ ଓ ଆଧ୍ୟାତ୍ମିକ ପରିବେଶ ଭିତରେ ପିଲାମାନଙ୍କୁ ପରୀକ୍ଷା ବ୍ୟବସ୍ଥା ପାଇଁ ପ୍ରସ୍ତୁତି କରାଯାଏ। ଆଜିକାଲି ପିଲାମାନଙ୍କ ଉପରେ ଅନେକ ପ୍ରକାର ପ୍ରଲୋଭନ ଓ ଚାପ ଦିଆଯାଉଛି। ଏଥିରୁ ନିବୃତ୍ତ ରଖି ପିଲାଟିକୁ ଜୀବନ ପରୀକ୍ଷା ପାଇଁ ପ୍ରତି ମୁହୂର୍ତ୍ତରେ ସାମ୍ନା କରିବାର ସାମର୍ଥ୍ୟ ଶିଖାନ୍ତୁ ନ ହେଲେ କେବଳ ଆପଣଙ୍କର ନୁହେଁ ଆଗାମୀ ସମୟର ମୂଲ୍ୟବାନ ମୁକ୍ତାକୁ ଆପଣ ଅବହେଳା କରୁଛନ୍ତି ବୋଲି ସମୟ ଆସିବ ଆପଣ ଅନୁଭବ କରିବା ପାଇଁ ବାଧ୍ୟ ହେବେ। ପ୍ରତିଟି ପିଲାଙ୍କ ପରୀକ୍ଷା ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭ କାମନା ଜଣାଉଛି।

+ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଅନ୍ଦୋଳନ, କଟକ,
ମୋ: ୯୯୩୭୧୭୨୮୧୦




### କହିବା ନାହିଁ ଓଂଲିଶ

#### ଧ୍ରୁବ ଚରଣ ଘିବେଲା

କହିବା ନାହିଁ ଆମେ କେବେ ବି
ଇଂଲିଶ ମିଶା ଭାଷା
କହିବା ଆମେ ଲେଖିବା ଆମେ
ଆମ ଓଡ଼ିଆ ଭାଷା ।

ଯେତେ ସହଜ ଯେତେ ସରଳ
ପଢ଼ା ଲେଖା କାମରେ
ଆମର ଲିପି ସୁନ୍ଦର ଲିପି
ପଢୁ ଲେଖୁ ଖୁସିରେ ।

ହିନ୍ଦୀ ସହିତ ଇଂଲିଶ ମିଶି
ହିଂଲିଶ ପ୍ରଚଳିତ
ଇଂଲିଶ ମିଶା ଓଡ଼ିଆ କହି
କେ କେ ଉପହସିତ ।

ଓଡ଼ିଆ ଭାବେ କରିବା ଗର୍ବ
ଭାଷା ଆମ ବଢ଼ିଆ
ପଢ଼ିବା ସହ କହିବା ଆମେ
ମିଠା ଭାଷା ବଢ଼ିଆ ।
କହିବା ନାହିଁ ଜମା ଓଂଲିଶ
କେବେ ବି କେତେବେଳେ
କହି କାହିଁକି ହେବା ଲଜ୍ଜିତ
କେବେ ବି କେଉଁଠାରେ।

ଭାଷା ମର୍ଯ୍ୟାଦା ହାନୀ ହୁଅଇ
ଓଂଲିଶ କେ କହିଲେ
ଆମେ ଓଡ଼ିଆ ସ୍ୱାଭିମାନୀ ବି
କହିବା ଓଡ଼ିଆରେ ।

ଭାଷା ବିକୃତ କରି କହିବା
ନାହିଁ କେବେ କେଉଁଠି
ନିର୍ଭୁଲ କହି ନିର୍ଭୁଲ ଲେଖି
ଥିବା ଯଥା ସ୍ଥାନଠି ।

+ବଉଦରାଜ, ଜି. ବୌଦ୍ଧ
ମୋ: ୯୪୩୭୪୭୮୪୬୬

### ଅନରେ ଆରମ୍ଭ ଅଫରେ ଶେଷ

#### ଦୀନବନ୍ଧୁ ପୋଇ

ଓଡିଆ ଆମର କରୁଛେ ଆଦର
ମନରେ ଯଦି କାହାର
ସେ ଓଡ଼ିଆ କହି ଲେଖୁଥାଏ ତାକୁ
ଅଛି ଭାଷା ପ୍ରୀତି ତାର ।

ତଥାପି ନିଇତି ଚ଼ଳଣି ଭିତରେ
ଇଂରାଜୀ ଆସୁଛି ପଶି
ଶୁଦ୍ଧ ଓଡିଆକୁ କହିଲା ବେଳକୁ
ଜିଭ ବି ଯାଉଛି ଖସି ।

ଛାତିକୁ ଫୁଲାଇ କହୁଛେ ଓଡିଆ
ରହୁନି ପ୍ରୀତି କାହାର
ଲୋକ ଦେଖାଣିଆ ହେଉଛ ସଭିଏଁ
ପ୍ରମାଣ ଅଛି ତାହାର ।

ଗାଆଁ ଗାଆଁ ଏବେ ସବୁଠି ଖୋଲୁଛି
ଇଂରାଜୀ ସ୍କୁଲ ବେଶି
ଓଡ଼ିଆକୁ ଛାଡ଼ି ଇଂରାଜୀ ଶିଖିବା
କିଏ ବା ନହୁଏ ଖୁସି !

ଧନୀଠୁ ଗରିବ ସଭିଙ୍କ ଆଦର
ଶୁଣିବା ଇଂରାଜୀ ଡାକ
ସକାଳୁ ଉଠିକି ଟିଫିନ ଖାଇବ
କହନ୍ତି ଲାଗିଲେ ଭୋକ ।

କିଏ ବି କହଇ ଦେଖିଲେ କାହାକୁ
ଗୁଡ ମର୍ଣ୍ଣିଙ୍ଗ ହେ ଭାଇ
ଥ୍ୟାଙ୍କ ୟୁ ବି କହି ଉତ୍ତର ଦିଅଇ
ହାଏ ହ୍ୟାଲୋ ସିଏ କହି ।

ଦିନ ଆରମ୍ଭରୁ ଦିନ ଶେଷଯାଏ
କହୁଛ ଇଂରାଜୀ ସବୁ
ପ୍ରତିଟି ଓଡ଼ିଆ କରିଲେ ସମୀକ୍ଷା
ଓଡ଼ିଆରେ ଆଗେଇବୁ ।

ବେଡ ଛାଡୁ ଛାଡୁ ଟିଇକୁ ମାଗଇ
ତାପରେ ହ୍ୟାଲୋ କୁହଇ
ବାଇକ ନେଇ ମୁଁ ଯାଉଛି ଟାଉନ
(ତୁମେ) ଥିବ ସେଇଠି ଅନେଇ ।

ବାଥରୁମ ଯାଇ ସ୍ନାନ ଶୌଚ଼ ହୁଏ
ଦେହେ ମାରି ସାମ୍ପୁ ତେଲ
ଖାଇବାକୁ କୁହ ବ୍ରେକଫାଷ୍ଟ ଦିଅ
ଟିଫିନ ସବୁଠୁ ଭଲ ।

ପ୍ୟାଣ୍ଟ ସାର୍ଟ ପିନ୍ଧି ଶରୀରରେ
ଅଣ୍ଟାରେ ବେଲ୍ଟ ଦିଅ
ହେଲମେଣ୍ଟ ମୁଣ୍ଡେଇ ବାଇକ ଚ଼ଳେଇ
ଅଫିସକୁ ତୁମେ ଯାଅ ।

ଫାଇଲ ମେଲେଇ ଟେବୁଲ ଉପରେ
ଲେଖ ପେନକୁ ଧରି
ସାଇନ ମାରିକି ଅଫିସର ପାଖେ
ଦିଅ ସେ କମ୍ପ୍ଲିଟ କରି ।

ଟାଇମ ହୋଇଲେ ଗେଟ ବନ୍ଦ କରି
ଆସଇ ଘରକୁ ଫେରି
ପାଇଲେ ବାଟରୁ ଚିକେନ ମଟନ
ଆଣଇ ହାତରେ ଧରି ।

ଉଠିଲେ ସୁଇଚ ଅନ ରେ ଆରମ୍ଭ
ଶୋଇଲେ ଅଫ ରେ ଶେଷ
କେଉଁ ଇଂରାଜୀକୁ ଛାଡିବ ହେ କୁହ
ପାଇବ କାହୁଁ ସାବାସ ।

ମୁରୁଖ ଶିକ୍ଷିତ ହେଲେଣି ଅଭ୍ୟସ୍ତ
କହିବାରେ ଏହି ଶବ୍ଦ
ପାନକୁ ଯେମିତି ପାନୁଆ ଛାଡୁନି
ଆମ ଅବସ୍ଥା ସେମିତି ଭାବ ।

କାମରେ ଦେଖାଅ ନକହି ବଢିଆ
ଆପେ ଆପେ ହେବ ବଡ
ଭାଷା ପାଇଁ ଦିନେ ଆମରି ଭିତରେ
ନହେଲେ ହୋଇବ ଝଡ ।

+ଗୋରଡାପାଳ
କରମୂଳ, ଢେଙ୍କାନାଳ
ମୋ: ୯୯୩୮୮୦୨୪୧୨

# ପରୀକ୍ଷା ଚାପ ନୁହଁ, ଆନନ୍ଦର ପାର୍ବଣ



## ଯଶସ୍ୱିନୀ ପଟ୍ଟନାୟକ

ପିଲାମାନେ, ତୁମକୁ ପରୀକ୍ଷା ପାଇଁ ଅନେକ ଅନେକ ଶୁଭେଚ୍ଛା, ଶୁଭ କାମନା। ଆରେ ତୁମେମାନେ କ'ଣ ଗମ୍ଭୀର ହୋଇଯାଉଛ କି ପରୀକ୍ଷାକୁ ନେଇ? ତୁମେ ମାନେ କ'ଣ ପାଇଁ ଗମ୍ଭୀର ହେଉଛ? ଯେଉଁ ପାଠ ଆଉ ବହି ସହ ତୁମେ ସବୁ ଦିନ ସମୟ କାଟିଛ, ଯେଉଁ ସ୍କୁଲ ଆଉ ଯେଉଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ମଧ୍ୟ ପ୍ରତିଦିନ ସମୟ ବିତାଇଛ ସେମାନଙ୍କୁ ନେଇ କାହିଁକି ଗମ୍ଭୀରତା। ପ୍ରତିଦିନ ଯେଉଁମାନେ ତୁମର ବନ୍ଧୁ ତୁମେ ସେମାନଙ୍କ ସହ ସମୟ କାଟିଛ ସେମାନଙ୍କୁ ନେଇ କେବେ ହେଲେ ଚିନ୍ତିତ ବା ଗମ୍ଭୀର ହୁଅନା। ପରୀକ୍ଷା ଏକ ଚାପ ନୁହେଁ ଏହା ଏକ ଆନନ୍ଦର ବହୁ ପ୍ରତିକ୍ଷୀତ ମୁହୂର୍ତ୍ତ କହିଲେ ଅତ୍ୟୁକ୍ତି ହେବନାହିଁ। ଯଦିଓ ଖରା ଟିକିଏ ବଢ଼ିଯାଇଛି ବା କାହାଙ୍କର କୌଣସି ବ୍ୟକ୍ତିଗତ ଘଟଣା କିଛି ଥାଇପାରେ ତେବେ ପରୀକ୍ଷା ବେଳେ ସେ ସବୁକୁ କିଛି ସମୟ ପାଇଁ ଦୂରେଇ ଦେଇ ନିଜକୁ ପ୍ରସ୍ତୁତ କର। ମୁଁ ଜାଣିଛି କେତେକ କ୍ଷେତ୍ରରେ ଦେଖାଯାଏ ଜଣେ ପିଲା ଠାରୁ ବାପାମାଆଙ୍କ ଅତ୍ୟଧିକ ଆଶା, ପ୍ରତିଯୋଗିତାରେ ପଛରେ ପଡ଼ିବା ଚିନ୍ତା ଓ ଏଥିପାଇଁ ଅପମାନ ଆଶଙ୍କା ଓ ପ୍ରତିଯୋଗିତାରେ ସର୍ବାଗ୍ରେ ରହିବା ଆଦି ଅନେକ କାରଣ ଏବେ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ସମୟରେ ବେଶୀ ଚାପଗ୍ରସ୍ତ କରୁଛି। ବିଶେଷକରି ବୋର୍ଡ଼ ପରୀକ୍ଷା (ଦଶମ ଓ ଦ୍ୱାଦଶ) ପରୀକ୍ଷା ଦେବାକୁ ଥିବା ଛାତ୍ରଛାତ୍ରୀ ବେଶୀ ଚାପଗ୍ରସ୍ତ ହେଉଥିବା ଲକ୍ଷ୍ୟ କରାଯାଉଛି। ଏହି ପରୀକ୍ଷା ଭବିଷ୍ୟତରେ କ୍ୟାରିୟରକୁ ଅନେକାଂଶରେ ନିର୍ଦ୍ଧାରଣ କରିବାର ପ୍ରଥମ ସୋପାନ ହୋଇଥିବାରୁ ସମ୍ଭବତଃ ସେଥିପାଇଁ କର ବା ମର ପରିସ୍ଥିତି ସୃଷ୍ଟିହେଉଛି। ଆମ ଦେଶରେ ଏହି ପରୀକ୍ଷାକୁ ଛାତ୍ରଛାତ୍ରୀଙ୍କ ମେଧା ମାପକାଠି ରୂପେ ବିବେଚନା କରାଯାଉଥିବାରୁ ପରିସ୍ଥିତି ଏପରି ହେଉଛି। ଏମିତିକି ଅନେକ ସମୟରେ ବାପା-ମାଆମାନେ ଏହି ସମୟରେ ପିଲାଙ୍କ ପରୀକ୍ଷାକୁ ନେଇ ବେଶି ମାନସିକ ଚାପରେ ରହୁଛନ୍ତି। ସେଥିପାଇଁ ପିଲମାନେ ମଧ୍ୟ ପରୀକ୍ଷା ଚିନ୍ତା ସହ ସେମାନଙ୍କ ଉପରେ ବାପାମାଆଙ୍କ ଅତ୍ୟଧିକ ଆଶାକୁ ନେଇ ଦୁଇଗୁଣ ଚିନ୍ତିତ ହୋଇପଡୁଛନ୍ତି। ଏଥିସହ ଆଉ କେତେକ କାରଣ ପାଇଁ ମଧ୍ୟ ପିଲାମାନେ ଚାପଗ୍ରସ୍ତ ହେଉଛନ୍ତି।

ତୁମ ପାଇଁ କିଛି ଛୋଟିଆ କଥା ଏଠାରେ ରଖୁଛି। କେତେକ ବିଦ୍ୟାର୍ଥୀ ଯୋଜନା ମୁତାବକ ପାଠପଢ଼ାର ଧାରାକୁ ବଜାୟ ରଖିବାରେ ସକ୍ଷମ ହୋଇନଥାନ୍ତି। ଏମିତି ଏମାନେ ଠିକ ଭାବେ ଟାଇମଟେବୁଲ ତିଆରି କରିପାରି ନଥାନ୍ତି। କେବଳ ଶେଷ ସମୟରେ ସବୁ ବିଷୟ ଶେଷ କରିବାକୁ ବ୍ୟତିବ୍ୟସ୍ତ ହୋଇଥାନ୍ତି। ଏମାନେ ହିଁ ବେଶି ମାନସିକ ଚାପର ସମ୍ମୁଖୀନ ହେବା ସହ ପରୀକ୍ଷାକୁ ଭୟ କରିଥାନ୍ତି।

ସେହିପରି କିଛି ବିଦ୍ୟାର୍ଥୀ ଅଛନ୍ତି ଯେଉଁମାନଙ୍କର ପଢ଼ା ଅଭ୍ୟାସ ବହୁତ ଭଲ ଓ ପ୍ରସ୍ତୁତି ମଧ୍ୟ ସେଇ ଅନୁପାତରେ କରିଥାନ୍ତି। ମାତ୍ର ନକାରାତ୍ମକ ଚିନ୍ତା କରି ପରୀକ୍ଷାରେ କାଳେ ଖରାପ ହେବ, ଅସଫଳ ହେବେ ଏଇ ଭାବନା ଏମାନଙ୍କୁ ଘାରିଥାଏ। ଏମାନେ ବର୍ତ୍ତମାନ ବିଷୟରେ ଚିନ୍ତା ନକରି ପଢ଼ାରେ କ'ଣ ଜମି ରହିଗଲା ଓ ବିଗତ ଦିନର ବିଫଳତା ଭାବି ନିଜକୁ ଏକୁଟିଆ ଓ ଅସଫଳ ବୋଲି ବିବେଚନା କରିଥାନ୍ତି। ଆଉ ଗୋଟିଏ କଥା ଅନେକ ବିଦ୍ୟାର୍ଥୀ ବେଶି ପଢ଼ିପାରି ନଥାନ୍ତି କିମ୍ବା ସେମାନଙ୍କର ଯୋଜନା ମୁତାବକ ପଢ଼ା ହୋଇନଥାଏ। ଏଥିସହିତ ସମୟର ସଦୁପଯୋଗ କମ କରିଥାନ୍ତି, କିନ୍ତୁ ସେମାନେ ସବୁ ଠିକ ବୋଲି ଭାବିଥାନ୍ତି। ପରୀକ୍ଷା ଖରାପ ହେଲେ ସେମାନେ କ୍ରମାଗତ ଭାବେ ଆଶ୍ଚର୍ଯ୍ୟପ୍ରକଟ କରିଥାନ୍ତି।

ବହୁତ ବିଦ୍ୟାର୍ଥୀ ଅଛନ୍ତି ସେମାନଙ୍କ ପଢ଼ା ଅଭ୍ୟାସ ଭଲ, କଠିନ ପରିଶ୍ରମ ଓ ରୁଟିନ କରି ପଢ଼ିବା ସହିତ ସମୟର ସଦୁପଯୋଗ ମଧ୍ୟ କରିଥାନ୍ତି, କିନ୍ତୁ ସବୁବେଳେ ଉତ୍କଣ୍ଠା ପ୍ରକାଶ କରିଥାନ୍ତି। ସେମାନେ ଯେଉଁ ଲକ୍ଷ୍ୟ ସ୍ଥିର କରିଥାନ୍ତି ସେଠାରେ ପହଞ୍ଚିବା ପାଇଁ ଓ ପରୀକ୍ଷାରେ ସମସ୍ତଙ୍କ ଉପରେ ରହିବା ପାଇଁ ବ୍ୟଗ୍ର ହୋଇଥାନ୍ତି। ଏହି ଭାବନା ନେଇ ପଢ଼ା କୌଶଳରେ କେଉଁଠି କାଳେ କମ ରହିଗଲେ ଅସଫଳ ହେବେ ସେ ନେଇ ଅତ୍ୟଧିକ ମାନସିକ ଚାପରେ ରୁହନ୍ତି। ବିଶେଷକରି ପରୀକ୍ଷାରେ ଲେଖିବା ସମୟରେ ଏମାନଙ୍କର ଏହି ମାନସିକତା ଆସିଥାଏ।




ସବୁଠାରୁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ଏଠାରେ ଲେଖୁଛି। ବିଦ୍ୟାର୍ଥୀ ଓ ସେମାନଙ୍କ ଅଭିଭାବକ ପରୀକ୍ଷା ପୂର୍ବରୁ ଓ ପରୀକ୍ଷା ସମୟରେ ଚାପଗ୍ରସ୍ତ ନହେବା ପାଇଁ ଚେଷ୍ଟା ଜାରି ରଖିବା ଉଚିତ। ଏହି ସମୟରେ କିଛି ଶାରୀରିକ ଲକ୍ଷଣ ଦେଖାଦେଇଥାଏ। ଯେପରି କମ ନିଦ୍ର ଓ ଖରାପ ସ୍ୱପ୍ନ, ଖାଦ୍ୟ କମିଯିବା ଓ ନିୟମିତ ଖାଦ୍ୟ ନଖାଇବା, ନିଶ୍ୱାସ ନେବାରେ କଷ୍ଟ ହେବା, ହଠାତ୍ ହୃତସ୍ପନ୍ଦନ ବଢ଼ିଯିବା, ବାରମ୍ବାର ଝାଡ଼ା, ପରିସ୍ରା ଲାଗିବା, ବାନ୍ତି ଲାଗିବା ଇତ୍ୟାଦି। ଆଉ ମାନସିକ କ୍ଷେତ୍ରକୁ ଚିନ୍ତା କଲେ ମଧ୍ୟ ସେହିପରି କିଛି ଲକ୍ଷଣ ସୃଷ୍ଟି ହୋଇଥାଏ ସେଗୁଡ଼ିକ ହେଲା ଶଙ୍କା ପ୍ରକାଶ କରିବା, ଚିଡ଼ିଚିଡ଼ା ହେବା, ଧୈର୍ଯ୍ୟହୀନ ହେବା ଓ ଟିକେ କଥାରେ ରାଗିଯିବା, ଛୋଟକଥାକୁ ନେଇ କାନ୍ଦି ପକାଇବା, କୌଣସି କାର୍ଯ୍ୟ ପାଇଁ ଉତ୍ସାହ ନ ଦେଖାଇବା, ସାଙ୍ଗଙ୍କ ସହିତ ଭଲରେ ନ ମିଶିବା, ବ୍ୟବହାରରେ ପରିବର୍ତ୍ତନ, ଅବସାଦଗ୍ରସ୍ତ ଓ ଅନେକ ସମୟରେ ଅତ୍ୟଧିକ ଚାପ ହେତୁ ଆତ୍ମହତ୍ୟାର ଭାବନା ଆସିବା। ଏସବୁରୁ ମୁକ୍ତି ପାଇବା ପାଇଁ ଅନେକ ବାଟ ରହିଛି। ମୁଁ ତୁମ ମାନଙ୍କୁ ତ ପ୍ରଥମରୁ କହି ରଖିଛି ଯେ ପରୀକ୍ଷାକୁ ନେଇ ଆଦୌ ଗମ୍ଭୀର ହେବନାହିଁ କି ଚାପଗ୍ରସ୍ତ ହେବନାହିଁ। ପରୀକ୍ଷା ଏକ ଆନନ୍ଦର ମୁହୂର୍ତ୍ତ। ଆଉ ଗୋଟିଏ ବଡ଼ କଥା ହେଉଛି ଆମ ମାନଙ୍କର ଜୀବନ ହେଉଛି ଏକ ପରୀକ୍ଷା। ସକାଳୁ ନିଦ ଭାଙ୍ଗିଲା ପରେ ବିଛଣାକୁ ଯିବା ପର୍ଯ୍ୟନ୍ତ ଆମେ ଅନେକ ପରୀକ୍ଷା ପ୍ରତିଦିନ ସାମ୍ନା କରିଥାଉ। ତୁମେ ମାନେ ଏହାକୁ ଭଲ ଭାବେ ଅନୁଭବ କରି ପ୍ରତିଟି ଦିନକୁ ଅତିକ୍ରମ ବେଶ ସଫଳତାର ସହ କରିଥାଅ ଏବଂ ସବୁବେଳେ ବିଜୟ ଲାଭ ମଧ୍ୟ କର। ପରୀକ୍ଷାକୁ ନେଇ କୌଣସି ଚାପ ବା ମନ ଭିତରେ ଆଶଙ୍କା ରହୁଥିଲେ ତୁମ ବାପା-ମାଆ, ପରିବାରର ଭାଇ-ଭଉଣୀ, ଆତ୍ମୀୟ ପରିଜନ, ତୁମ ବିଦ୍ୟାଳୟର ସାର ସମସ୍ତେ ତୁମକୁ ସହାୟତା କରିବା ପାଇଁ ପ୍ରସ୍ତୁତ ରହିଛନ୍ତି। ଆଉ ଗୋଟିଏ କଥା ମନେରଖ ତୁମେ ତୁମ ପ୍ରସ୍ତୁତିକୁ ନେଇ ସନ୍ତୁଷ୍ଟ ହୋଇପାର କି ନହୋଇପାର ଏହା ଯେତେ ବଡ଼ କଥାନୁହେଁ ବଡ଼ କଥା ହେଉଛି ତୁମେମାନେ ସବୁବେଳେ ଏକ ମାଇଣ୍ଡ ଫ୍ରି ଜୀବନର ସଫଳ ନାୟକ ଭାବେ ନିଜକୁ ଚିନ୍ତା କର। ତୁମର କୌଣସି ପରୀକ୍ଷା ଜନିତ ନୈରାଶ୍ୟ, ଚାପ ବା କିଛି କଥା ଥିଲେ ସେ ସବୁ ମୋ ସହିତ ମଧ୍ୟ ବାଣ୍ଟି ପାରିବ। ମୁଁ ତୁମକୁ ଏ କ୍ଷେତ୍ରରେ ନିଶ୍ଚିନ୍ତ ସାହାଯ୍ୟ କରିବି। ତୁମେମାନେ ଯେତେବେଳେ ପ୍ରତିଦିନ ଜୀବନ ପରୀକ୍ଷାକୁ ବେଶ ସଫଳତାର ସହ ଅତିକ୍ରମ କରିପାରୁଛ ଏବଂ ପରଦିନର ସୁନେଲୀ ସକାଳକୁ ତୁମେ ସାମ୍ନା କରୁଛ ତାହାହେଲେ ପରୀକ୍ଷା କ'ଣ ଏକ ବୋଝ ନା ଚାପ? ପରୀକ୍ଷାର ସଫଳତା ପାଇଁ ଆଉ ତୁମର ସବୁ ଶୁଭର ପ୍ରାର୍ଥନା କରି ତୁମ ମାନଙ୍କୁ ମୋର ଅନେକ ଅନେକ ହୃଦୟଭରା ଶୁଭେଚ୍ଛା।


+ଅଧକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର-୮, ସିଡିଏ, କଟକ


# ବାପା ବଡ଼ ନା ମାଆ ବଡ଼

## ସନ୍ତୋଷ କୁମାର ଅଦାବର

ଆଜି ଛୁଟିଦିନ । ସକାଳ ସମୟ । ବାପା ଅଫିସ ଯାଇ ନାହାନ୍ତି। ସେ ଖବରକାଗଜ ପଢୁଥିଲେ । ମାଆ ରୋଷେଇ ଘରେ ସକାଳ ଜଳଖିଆ କରୁ କରୁ ତାଙ୍କର ଝିଅ ମିତା ଓ ପୁଅ ଗୁଡୁ କୁ କୌତୁହଳରେ ପଚାରିଦେଲେ- ଏ ଦୁନିଆରେ ମାଆ ବଡ଼ ନା ବାପା ବଡ଼ ? ସପ୍ତମ ଶ୍ରେଣୀରେ ପଢୁଥିବା ମିତା କହିଲା- ବାପା ହିଁ ବଡ଼ । ତା' କଥାକୁ ସମର୍ଥନ ନ କରି ଚତୁର୍ଥ ଶ୍ରେଣୀରେ ପଢୁଥିବା ଗୁଡୁ କହିଲା- ମାଆ ହିଁ ବଡ଼।

ସେ ଦୁହିଁଙ୍କ କଥାର ତାଳମେଳ ନ ହେବାରୁ ବାପା ଅଳ୍ପ ହସି କହିଲେ- ତୁମେ ଦୁହେଁ ଜଣ ଜଣକରି କୁହ। ନିଜ ଉତ୍ତରରେ କାରଣ କହିକି ଯାହା ଜାଣ ବୁଝାଅ। ପ୍ରଥମେ ପୁଅ ଗୁଡୁ ତା'ର ଉତ୍ତର କାରଣ ସହ କହିଲା- 'ମାଆ ଆମକୁ ଜନ୍ମ ଦିଏ। ଖାଇବା ତିଆରି କରି ଦେଇଥାଏ। ପୋଷାକ ପତ୍ର ସଫା କରି ଇସ୍ତ୍ରୀ କରିଥାଏ। ଘରର ସବୁ କାମ କରିଥାଏ । ତେଣୁ ମାଆ ହିଁ ଏ ଦୁନିଆରେ ବଡ଼ ।'

ଏତିକି କହି ଗୁଡୁ ଚୁପ୍ ରହିଲା। ତା'ପରେ ମିତା କହିଲା- 'ବାପା ଆମ ଘରର ସବୁ



କଥା ବୁଝନ୍ତି। ଆମ ଶ୍ରେଣୀରେ ସାର୍ କହୁଥିଲେ କି ଆମ ପରିବାରର ମୁଖ୍ୟ ବାପା ଅଟନ୍ତି। ମାଆ କରୁଥିବା ରୋଷେଇର ସାମଗ୍ରୀ ସବୁ ଯୋଗାଡ଼ କରିବା, ପରିବାରର ସମସ୍ତ ସଦସ୍ୟଙ୍କର ପୋଷାକପତ୍ର, ଘରର ବିଦ୍ୟୁତ ବିଲ ଠାରୁ ଆରମ୍ଭ କରି ବଜାର ଖର୍ଚ୍ଚ ଆଦି କଥା ବାପା ହିଁ ବୁଝନ୍ତି।'

ଗୁଡୁ ଆଉ ମିତା ଦୁହିଁ ଜଣଙ୍କର କହିବା ସରିଯିବା ପରେ ବାପା କହିଲେ- 'ଏ ଦୁନିଆରେ ବାପା ଓ ମାଆ ଉଭୟ ହିଁ ଶ୍ରେଷ୍ଠ ଅଟନ୍ତି। ଏମାନେ ଆମର ଜୀବନ୍ତ ଦେବତା। ଏମାନେ ଗୋଟିଏ ମୁଦ୍ରାର ଉଭୟ ପାର୍ଶ୍ୱ ଭଳି ପରସ୍ପର ପରିପୂରକ। ଜଣକର ବିନା ଗୋଟିଏ ସୁସ୍ଥ ସୁନ୍ଦର ପରିବାର ଗଠନ ଅସମ୍ଭବ । ତାଙ୍କର ଉପଦେଶ ଆମେ ମାନି ଚଳିବା ଉଚିତ। ଏହା ଆମ ପାଇଁ ଆଶୀର୍ବାଦ ଅଟେ। ତାଙ୍କର କିଛି ଭଲକଥା ଆମକୁ କଷ୍ଟ ଲାଗି ପାରେ। କିନ୍ତୁ ସେ ସବୁ ମାନିଲେ ଆମର ଭବିଷ୍ୟତ ଉଜ୍ଜ୍ୱଳ ହୋଇଥାଏ। ହଁ ଆଉ ଗୋଟିଏ ମୂଲ୍ୟବାନ କଥା ହେଲା ସେମାନଙ୍କର ବୃଦ୍ଧାବସ୍ଥାରେ ଆମେ ତାଙ୍କର ଉପଯୁକ୍ତ ସେବା,ଯତ୍ନ କରିବା ଆମର କର୍ତ୍ତବ୍ୟ ଏବଂ ସୌଭାଗ୍ୟ । ଦିଅଁ ଦେବତାଙ୍କୁ ପୂଜାକଲେ ଯେଉଁ ଫଳ ପ୍ରାପ୍ତ ହୁଏ, ପିତାମାତାଙ୍କର ସେବା ଯତ୍ନ କରିବାରେ ମଧ୍ୟ ତା'ଠାରୁ କିଛି କମ୍ ଫଳପ୍ରାପ୍ତ ହୋଇ ନ ଥାଏ।' ସବୁ ଶୁଣି ସାରିବା ପରେ ଗୁଡୁକୁ ମିତା କହିଲା- 'ବୁଝିଲୁ ଭାଇ, ବାପା ମାଆ ଆମ ଦେବତା ସଦୃଶ। ଏଣୁ ତାଙ୍କୁ ଆମେ ପ୍ରତି ସକାଳୁ ଶ୍ରଦ୍ଧାରେ ପାଦ ଛୁଇଁ ପ୍ରଣାମ କରିଥାଉଁ ।' ଗୁଡୁ କହିଲା- 'ପ୍ରକୃତରେ, ବାପା ମାଆ ଆମର ଜୀବନ୍ତ ଦେବତା।'

ନିଜର ଛୁଆମାନଙ୍କର ଏ ସବୁ ଶୁଣି ସାରିବା ପରେ ତାଙ୍କର ବାପା ମାଆ ଅତ୍ୟନ୍ତ ଖୁସି ହୋଇଗଲେ। ତାଙ୍କର ମାଆ ମୁରୁକି ହସି କହିଲେ- 'ପିଲାମାନେ, ମୋ ପ୍ରଶ୍ନର ଉତ୍ତର ପାଇଗଲି। ଉଭୟ ବାପା ଓ ମାଆ ହିଁ ଶ୍ରେଷ୍ଠ।'


+ ବୀରମହାରାଜପୁର, ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮


# ତୁମପାଇଁ କବିତା

## ଆମେ ଗଢିବା ନୂଆ ଦୁନିଆଁ....
### ରାମଚନ୍ଦ୍ର ବେହେରା

ଧରଣୀ ଦିଏ ଜାତି ଜାତିକା
ଶସ୍ୟ ଓ ଫଳମୂଳ
ପନିପରିବା ରାନ୍ଧି ଖାଇଲେ
ଦେହକୁ ମିଳେ ବଳ।

ଦେହର ଆମେ ଯତନ ନେଲେ
ନରୁହେ ରୋଗ ଭୟ
ସୁସ୍ଥ ସବଳ ରହିଲେ ଆମେ
ପାଠରେ ରୁହେ ଲୟ।

ଘରଟି ଆମ ସରଗପୁର
ତା'ର ଯତନ ନେବା
ସଫା ସୁତୁରା ଆମରି କାମ
ମନେ ସାଇତି ଦେବା।

ନିଜ ବାଡିରେ ଗଛ ଲଗାଇ
ତା' ମୂଳେ ଦେବା ପାଣି
ଗଛ ରହିଲେ ପରିବେଶର
ନହେବ କେବେ ହାନୀ।

ଗଛ ବଢିଲେ ଫୁଲ ଓ ଫଳ
ଅଜାଡି ଦେବ ସେଇ
ଗ୍ରୀଷମ କାଳେ ତା' ଜାଳପତ୍ର
ଦେବ ଶୀତଳ ଛାଇ।

ନିଜ ମନକୁ ରଖିବା ସଫା
ସତ କହିବା ସଦା
ଭଲ ଗୁଣକୁ ଆଦରି ନେଇ
ତେଜିବା ମନ୍ଦ ଚିନ୍ତା।

ବିପଦ କାଳେ ସାଂଗ ସାଥୀଂକ
ସାହାଯ୍ୟ ଆମେ କରି
ଦୁଃଖ ଯାତନା ଦୂରେଇ ଦେବା
ସ୍ନେହ ମମତା ଭରି।

ସଭିଏଁ ମିଶି ଖେଳ ଖେଳିବା
ଶୃଂଖଳା ଆପଣାଇ
ଆମେ ଗଢିବା ନୂଆ ଦୁନିଆଁ
ଆସ ଭଉଣୀ ଭାଇ।


+ ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬


## ପୁଷି ବିଲେଇଟି ମୋର
### ଡ. ଦୀପକ କୁମାର ମିଶ୍ର

ଧୋବ ଫରଫର ଶରୀର ଭିତରେ
ଛୋଟ ଛୋଟ ଆଖି ତା'ର
ଶରଧାରେ ସାଥେ ରହେ ଆମ ଘରେ
ପୁଷି ବିଲେଇଟି ମୋର ।

ଭଲପାଏ ଦୁଧ ଭାତ ଖାଇବାକୁ
ଜେଜୀଙ୍କ ପାଖରେ ରହି
ଆଇଁଷ ବାରରେ ରୁଷି ବସିଥାଏ
ରୋଷେଇ ଘରକୁ ଚାହିଁ ।

ଶୁଖୁଆ ଖଣ୍ଡିଏ ଦେଲେ ତା ପାଟିରେ
ଟପଟାପ ଦିଏ ଖାଇ
ଦିନଟିକୁ କାଟେ ହରଷ ମନରେ
ମୂଷାଙ୍କ ପଛରେ ଧାଇଁ।

ଶୋଇଥାଏ ଯେବେ ଚଉକି ତଳରେ
ଡାକିଲେ ବି ଶୁଣେ ନାହିଁ
ଗରଗର ହୁଏ ପଞ୍ଚମ ରାଗରେ
ଲାଞ୍ଜଟିକୁ ଦେଲେ ଛୁଇଁ ।

ଗେଲ୍‌ହେଇ ପୁଷିଟି ସଭିଙ୍କର ପ୍ରିୟ
ଡେଉଁଥାଏ ଘର ସାରା
ମତେ ନଦେଖିଲେ ମୁହଁକୁ ଫୁଲାଏ
ଭଲ ସାଙ୍ଗଟିଏ ପରା ।

ମୂଷା ଉପଦ୍ରବ ଆମ ଘରେ ନାହିଁ
ଜଗିଅଛି ପୁଷି ଘର
ବିଲେଇ ସତରେ ମଣିଷ ଜାତିର
କରିଥାଏ ଉପକାର ।


+ ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦


## ଭୁଲିକି ପାରିବା ମାଆର ମମତା
### କୀର୍ତ୍ତନ ସାହୁ

ଭୁଲିକି ପାରିବା ମାଆର ମମତା
ସ୍ନେହ ବୋଳା ପାରାବାର
ଯା ଶ୍ରଦ୍ଧା ସୋହାଗ ମମତା ଡୋରିରେ
ବାନ୍ଧି ହେଉ ବାର ବାର।

ଭୁଲିକି ପାରିବା ବାପାଙ୍କ ଆକଟ
ହେବା ପାଇଁ ଭଲ ପିଲା
ହୃଦୟଟା ତାଙ୍କ କୋମଳ ମଧୁର
କାମରେ ନୁହନ୍ତି ଢିଲା।

ଭୁଲିକି ପାରିବା ସାଙ୍ଗ ସାଥୀ ମେଳ
ଗାଆଁ ଦାଣ୍ଡ ଧୂଳି ଖେଳ
ହସ କାନ୍ଦ ଭରା ହୃଦୟ ସାଇତା
ଆପାସୋରା ସେହି ବେଳ ।

ଭୁଲିକି ପାରିବା ସ୍କୁଲ ପଢା ବେଳ
ଗୁରୁଜୀଙ୍କ ନୀତି କଥା
ତାଙ୍କରି ଆଦେଶ ତାଙ୍କ ଉପଦେଶ
ପାଇଁ ଚାଲୁ ଟେକି ମଥା ।

ଆମରି ସଂସ୍କୃତି ଆମ ପରମ୍ପରା
ଭୁଲିକି ପାରିବା କେବେ
ଆମ ଦେଶ ମାଟି ଆମ ଜାତି ପ୍ରୀତି
ରଖି ଥିବା ସଦା ଆଗେ ।


+ ମିଶ୍ର କଲୋନୀ
ଶାଳ ପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧


## ଆମ ମାତୃଭାଷା ଓଡିଆ
### ନଳିନୀ ଦାଶ

ଆମେରେ ଓଡ଼ିଆ ସବୁଠୁ ବଢିଆ
ଓଡ଼ିଆ ମୋ ମାତୃଭାଷା
ସେହି ଭାଷା ଆଜି ସବୁରି ହୃଦୟେ
ଭରିଅଛି ନୂଆ ଆଶା ।

କହେ ମୁଁ ଓଡ଼ିଆ ଲେଖେ ମୁଁ ଓଡ଼ିଆ
ନିତି ବସି ପଢିଥାଏ
ଭଜନ ଜଣାଣ ଚମ୍ପୁ ଚଉତିଶା
ଛନ୍ଦତୋଳି ଗୀତ ଗାଏ ।

ଆମ ଓଡିଆଙ୍କ ଆରାଧ୍ୟ ଦେବତା
ଜଗନ୍ନାଥ ପରିଚୟ
ତାଙ୍କ ପାଇଁ ହସେ ଓଡ଼ିଶା ଆମର
ଲାଗଇ ଅମୃତମୟ ।

ଭଞ୍ଜ, ବଳଦେବ କବି ଗଙ୍ଗାଧର
ଗାନ୍ଧୀ ଫକୀରମୋହନ
କାବ୍ୟ କବିତାକୁ ରଚି ଯାଇଛନ୍ତି
ଦେଶର ରଖିଲେ ମାନ ।

ସଚ୍ଚିରାଉତ ଓ ନନ୍ଦକିଶୋର
ରାଧାନାଥ ମଧୁସୂଦନ
ଓଡିଆ ଭାଷାକୁ ବଳିଷ୍ଠ କରିଲେ
କରି ଭାଷା ଆନ୍ଦୋଳନ ।

ଆମେରେ ଓଡ଼ିଆ ଭାଷାଟି ଓଡ଼ିଆ
ଉତ୍କଳର ସ୍ୱାଭିମାନ
କାବ୍ୟ କବିତାରେ ଉତ୍କଳର ବାଣୀ
ଭଣ୍ଡାର ହୋଇଲା ପୂର୍ଣ୍ଣ ।

ଭାଷାଟି ଓଡ଼ିଆ ଜାତି ପରିଚୟ
ଜଗନ୍ନାଥ ଦେଶେ ଘର
ଭାଇଚାରା ଭାବ ଡୋରେ ଆମେ ବନ୍ଧା
ନଥାଏ କାହାକୁ ଡର ।

ଉଚ୍ଚ ହେବା ପାଇଁ କର ଯେବେ ଆଶା
ଉଚ୍ଚ କର ମାତୃଭାଷା
ମଧୁଠୁ ମଧୁର ମୋ ଓଡ଼ିଆ ଭାଷା
ଭରିଦେବ ନୂଆ ଆଶା ।

ଓଡ଼ିଆ ଭାଷାଟି ଜନନୀ ସମାନ
ରଖିବା ଉଚ୍ଚେ ତା ମାନ
ଦେଶ ଓ ଜାତିର ଗର୍ବ ଗଉରବ
କରିବା ତା ଗୁଣଗାନ ।

ଭାଷାହିଁ ଜାତିର ଅମୂଲ୍ୟ ସମ୍ପଦ
କେହି ନୁହେଁ ତାର ସମ
ଆମଭାଷା ପାଇଁ ସାହିତ୍ୟ ବଞ୍ଚିବ
ରଖିବା ତାହାର ନାମ ।


+ ଭିକାରିପଡା, ଶରଣକୁଳ, ନୟାଗଡ଼
(ମୋ) ୯୨୩୮୯୯୬୬୪୯


## ଶୀତର ପୁଆଣିଘର
### ବିଜୟଲକ୍ଷ୍ମୀ ପାଣିଗ୍ରାହି

ମାଘ ମାସରେ ଶେଷ ଭାଗରେ
ଟୁକୁନି ଆମ କହୁଛି
ବାଘ ପରିକା ଶୀତଟା ଏବେ
ମୂଷା ପରି ଯିବ ଲୁଚି।

କାନକୁ ଡେରି ଟୁକୁନା ଶୁଣି
କହିଲା ଟାକରା ମାରି
ଗଲାରେ ଗଲା ଶୀତ ମାଉସୀ
ଆଉ ଆସିବନି ଫେରି।

ନାଇଁରେ ନାଇଁ ଏମିତି କାହିଁ
କହୁଅଛୁ ସୁନା ଭାଇ
ପୁଆଣି ଘର ଯାଇଛି ସିଏ
ଆର ସନ ଆସିବଇଁ।

ସବୁଜ ଯେତେ ଫଳ ପରିବା
ନେଇଛି ତାହାର ସାଥେ।
ଫୁଲ ସମ୍ଭାର ଦେଇ ଯାଇଛି
ଏଇ ବସନ୍ତ ହାତେ।

ହେମନ୍ତ ପରେ ଆସିବ ପୁଣି
ରହିବାକୁ ଚାରିମାସ
ସଫା କରିକି ରଖ ସାଇତି
ଯେତେସବୁ ଶୀତବାସ।


+ ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ-୮୨୪୯୪୫୦୦୫୦


## ବାଇଚଢେଇରେ ବାଇଚଢେଇ
### ନୀଳମଣି ଚାନ୍ଦ

ବାଇଚଢେଇରେ ବାଇଚଢେଇ
ତୁହି ତ କରୁନା କେବେ ବଡେଇ।

ଚାଷୀ ଆସି କିରେ ଦେଲା ଅଡେଇ
ବସିଛୁ ସେ ପାଇଁ ଲୁହ ଗଡ଼େଇ।

ଧୀରେ ଧୀରେ ଜାଡ଼ ଶୀତ ଆସିଲା
ଧାନ ପାଚି ମହମହ ବାସିଲା।

କ୍ଷେତରେ ବସିକି ଧାନ ଖାଇଲୁ
ଚାଷୀଭାଇଠାରୁ ଦଣ୍ଡ ପାଇଲୁ।

କହିଲୁନି ଆରେ ଚାଷୀ ଭାଇଟି
ଆଉ ସେ ଗୋହିରୀ, ତୋଟା ନାଇଁଟି।

କେଉଁଠୁ ପାଇବୁ ଆମେ ଆହାର
ସେପାଇଁ ଚିନ୍ତା ଯେ ଅଛି କାହାର ?

'ଜୀବେ ଦୟା ଭାବ' ଥିଲେ ମନରେ
ନିର୍ଦ୍ଦୟ ହୁଅନ୍ତେ ନାହିଁ ଜନରେ।

ଡାକିଲି ଆ'ରେ ବାଇଚଢେଇ



ଆଉ ଦେବନାହିଁ ଚାଷୀ ଅଡେଇ।

ଆମରି ଖଳାରୁ ଧାନ ଖାଇବୁ
ବାହୁଙ୍ଗାରେ ଝୁଲି ଗୀତ ଗାଇବୁ।


+ ମାନୋର,ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

# ଅବ୍ୟବସ୍ଥା ଘେରରେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ: ଜରୁରୀକାଳୀନ ବେଳେ ଡାକ୍ତରଙ୍କ ମିଳୁନି ଦେଖା

ଚମ୍ପୁଆ, ୨୩/୨ (ନି.ପ୍ର): ସମସ୍ତଙ୍କ ଜୀବନ ମୂଲ୍ୟବାନ, ଏଠି ତୃଣମୂଳ ସ୍ତରରେ ହାତ ପାହାନ୍ତାରେ ମିଳିବ ସ୍ୱାସ୍ଥ୍ୟ ସେବା। ଜନସାଧାରଣଙ୍କ ମତକୁ ସମ୍ମାନ ଜଣାଇ ରାଜ୍ୟରେ ଆରମ୍ଭ ହୋଇଛି ଆମ ହସ୍ପିଟାଲ ଯୋଜନା। ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଆମ ହସ୍ପିଟାଲରେ ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ରାଜ୍ୟ ସରକାର ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆମ ହସ୍ପିଟାଲ ଏକ ନୂଆ ଯୁଗ ଆରମ୍ଭ ହେବାର ଯୋଜନାରେ ଗତ କେଇ ଦିନ ତଳେ ଚମ୍ପୁଆ ଡାକ୍ତରଖାନାକୁ ମଧ୍ୟ ସାମିଲ କରାଯାଇ ମହା ଆଡମ୍ବରରେ ଏହାର ଶୁଭଉଦଘାଟନ କରାଯାଇଥିଲା। ମାତ୍ର ଏହି ଯୋଜନାର ଦିନ କେଇଟା ଯାଇନି ଡାକ୍ତରଖାନାରେ ଡାକ୍ତରଙ୍କ ଅବହେଳାକୁ ନେଇ ଚମ୍ପୁଆ ଡାକ୍ତରଖାନାରେ ଏହାର ସଫଳ ରୂପାୟନ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଠାରେ ସୂଚନା ଯୋଗ୍ୟକି, ଗତ ଶନିବାର ମୁଖ୍ୟମନ୍ତ୍ରୀ ରାଜ୍ୟର ୧୫ଟି ଜିଲ୍ଲାର ୭୩ଟି ଡାକ୍ତରଖାନାକୁ ଆମ ହସ୍ପିଟାଲରେ ସାମିଲ କରି ଉଦଘାଟନ କରିଥିବା ବେଳେ ମାତ୍ର ଦିନ କେଇଟା ନ ଯାଉଣୁ ଆଜି ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ବ୍ୟକ୍ତି ଡାକ୍ତରଖାନା ପହଂଚିବାର ଏକ ଘଂଟା ପରେ ମଧ୍ୟ ଡାକ୍ତର ତାଙ୍କୁ ଦେଖିବାକୁ ନ ଆସିବା ମାଇନର ଓଟି ର ଟେବୁଲ ଉପରେ ଦୀର୍ଘ ସମୟ ଧରି ରୋଗୀ ଛଟପଟ ହେବା ପରେ ଗଣମାଧ୍ୟମର ପ୍ରତିନିଧିଙ୍କ ହସ୍ତକ୍ଷେପ ପରେ ମଧ୍ୟ ଡାକ୍ତର ଆସି ତାଙ୍କୁ ଚିକିତ୍ସା କରିବା ପରିବର୍ତ୍ତେ ଡାକ୍ତରଖାନାରେ କରାଯାଉଥିବା ଟୋକନ ଉପରେ ଗୁରୁତ୍ୱ ଦେଇ ଟୋକନ ନ ଆଣିବା ପର୍ଯ୍ୟନ୍ତ ଆମେ କିଛି କରି ପାରିବୁ ନାହିଁ ବୋଲି କହିଥିଲେ। ଯାହା ଏବେ ଏହି ଡାକ୍ତରଖାନାରେ ଆମ ହସ୍ପିଟାଲ ଯୋଜନାର ସଫଳ ରୂପାୟନ ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନା ଯୋଗ୍ୟ କି, ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାରେ ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ନିକଟରେ ରାଜ୍ୟ ସରକାର ଏହି ଉପଖଣ୍ଡ ଡାକ୍ତରଖାନାକୁ ୪ କୋଟିର ଅନୁଦାନ ଯୋଗାଇ ଦେଇଛନ୍ତି। ଅତ୍ୟାଧୁନିକ ଯନ୍ତ୍ରପାତି ସହ ଉନ୍ନତ ଚିକିତ୍ସା ସେବା ପାଇଁ ଏହି ଯୋଜନାର ଶୁଭ ଉଦଘାଟନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଇ ଥିବାବେଳେ ଖୋଦ ଚମ୍ପୁଆ ବିଧାୟିକାଙ୍କ ଉପସ୍ଥିତିରେ ସ୍ୱାସ୍ଥ୍ୟ ବିଭାଗର ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ସମସ୍ତ ଅଧିକାରୀଙ୍କୁ ନେଇ ଏହାର ଶୁଭ ଉଦଘାଟନ ମହା ଆଡମ୍ବର ସହକାରେ ଶେଷ ହୋଇ ଥିଲା। ସୂଚନା ଅନୁସାରେ, ଆଜି ସକାଳ ୬ଟା ସମୟରେ ଚମ୍ପୁଆ ବ୍ଲକ ଅନ୍ତର୍ଗତ ରଜିଆ କାଳିକା ପ୍ରସାଦ ଜଙ୍ଗଲ ନିକଟରେ ଏକ ସଡ଼କ ଦୁର୍ଘଟଣାର ଶିକାର ହୋଇଥିବା ବିହାର ରାଜ୍ୟ ରଙ୍ଗନାଥପୁର ଥାନା ଅନ୍ତର୍ଗତ ଫୁଲରିଆ ଗ୍ରାମର ବିଟୁ ଯାଦବ ନାମକ ଜନୈକ ଟ୍ରକ ଡ୍ରାଇଭରଙ୍କୁ ଚମ୍ପୁଆ ଡାକ୍ତରଖାନାରେ ତାଙ୍କର କିଛି ପରିଚିତ ଡ୍ରାଇଭର ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାବେଳେ ସେ ଦୀର୍ଘ ଏକ ଘଂଟାରୁ ଉର୍ଦ୍ଧ୍ୱ ସମୟ ଧରି ଯନ୍ତ୍ରଣାରେ ଛଟପଟ ହେଉ ଥିଲେହେଁ କୌଣସି ଡାକ୍ତର ତାଙ୍କୁ ଦେଖିବାକୁ ଆସି ନ ଥିଲେ। ଯାହାକୁ ନେଇ ଅନ୍ୟ ଡ୍ରାଇଭରଙ୍କ ମଧ୍ୟରେ ଅସନ୍ତୋଷ ବାରି ହୋଇ ପଡିଥିଲା। ପରେ ସ୍ଥାନୀୟ ଗଣମାଧ୍ୟମଙ୍କ ହସ୍ତକ୍ଷେପ ପରେ ଡାକ୍ତର ଆସିଥିଲେହେଁ କାଉଂଟରରୁ ଟିକେଟ ଆଣି ନ ଥିବା ଆଳ ଦେଖାଇ ରୋଗୀଙ୍କୁ ଚିକିତ୍ସା କରିବାରେ ଅହେତୁକ ବିଳମ୍ବ କରିବା ଓ ଦୀର୍ଘ ସମୟ ପରେ ଟିକେଟ ଆଣିବା ପରେ କେନ୍ଦୁଝର ଜିଲ୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯିବା ଆମ ହସ୍ପିଟାଲ ଯୋଜନାର ବିକଳ ଚିତ୍ରକୁ ପଦାରେ ପକାଇଛି। ଚମ୍ପୁଆ ଡାକ୍ତରଖାନାରେ ରୋଗୀ ସେବା ପ୍ରତି ଡାକ୍ତରଙ୍କ ଅବହେଳା ସହିତ ଡାକ୍ତରଖାନା ଅଧିକାରୀଙ୍କ ନୀରବତା ଏହି ଡାକ୍ତରଖାନର ରୋଗୀ ସେବା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି।

# ନବନିର୍ମାଣ କୃଷକ ସଂଗଠନର ଆମର ଦରକାର୍ ଚାଷୀ ସରକାର ଅଭିଯାନ

ବଲାଙ୍ଗୀର, ୨୩/୨ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାର ବଲାଡି ନାଇକେନପାଲୀରୁ ସୋନପୁର ଜିଲ୍ଲାରେ ନବନିର୍ମାଣ ଚାଷୀ ସରକାର ଅଭିଯାନର ଭିତିପ୍ରସ୍ତର ପଡିଲା: ପାର୍ଟି ସରକାର ହେଲା ବେକାର ଆମର ଦରକାର ଚାଷୀ ସରକାର ନାରା ଦେଇକି ମାର୍ଚ୍ଚ ୧୦ରେ ଅକ୍ଷୟ କୁମାରଙ୍କ ସଭାରେ ସୋନପୁର ଓ ତରଭା ବ୍ଲକରୁ ସହସ୍ରାଧିକ ଚାଷୀ ଯୋଗ ଦେବା ପାଇଁ ଅଭିଯାନ ଆରମ୍ଭ ହେବ ବୋଲି ଆଜିର ବୈଠକ ରେ ଯୋଗ ଦେଇଥିବା ସହସ୍ରାଧିକ ଚାଷୀ ସ୍ୱତଃ ପ୍ରସ୍ତାବ ପାରିତ କରିଥିଲେ। ଆଜି ସଭାର ବିଶେଷତ୍ୱ ଏହା ଥିଲା ଯେ ଆଜିର ମଦ ମାଂସ ରାଜନୀତି ସମୟରେ ଚାଷୀ ମାନେ ନିଜ ଖର୍ଚ୍ଚ ରେ ନିଜେ ଆସିଥିଲେ ଓ ନାଇକେନପାଲି ଗାଆଁ ଚାଷୀମାନଂକ ନେତୃତ୍ୱ ରେ ୧୨ ପଂଚାୟତ ଚାଷୀଙ୍କ ସହଯୋଗରେ ଖାଇବା ଖର୍ଚ୍ଚ ଓ ଟେଂଟ ଆଦିର ବ୍ୟବସ୍ଥା ହୋଇ ସଭା ଆୟୋଜିତ ହୋଇଥିଲା। ନବନିର୍ମାଣ କୃଷକ ସଂଗଠନ ସୋନପୁର ବ୍ଲକ୍ ପ୍ରଭାରୀ ସଚିନ୍ଦ୍ର ମହାକୁର ଏ ସମସ୍ତ ଆୟୋଜନ ର ସଞ୍ଚାଳନ କରିଥିଲେ। ସଭା ଆରମ୍ଭରୁ ୧୨ ପଂଚାୟତର ବିଭିନ୍ନ ଗ୍ରାମର ଚାଷୀ ପ୍ରତିନିଧି ମାନେ ନିଜ ନିଜ ଗାଁ ର ମଣ୍ଡି, ବଜାର, ମାଙ୍କଡ ବାରହା ଉପଦ୍ରବ, ନଗଣ୍ୟ ଜଳସେଚନ, ଟାଟା ପାୱାରର ଦାଦାଗିରି ଆଦି କୃଷି ସମସ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସମସ୍ୟା ସହ ଆବାସ ଯୋଜନା, ଭତା ପ୍ରଦାନ ଆଦି ରେ ଅନିୟମିତତା କୁ ଚାଷୀ ନେତୃତ୍ୱଙ୍କ ଆଗରେ ଆଲୋଚନା କରିଥିଲେ ଓ ସରକାର ଉପରେ ଗଭୀର କ୍ଷୋଭ ପ୍ରକାଶ କରିଥିଲେ। ସୋନପୁର ଓ ତରଭା ବ୍ଲକ୍ର ଏ ଅଂଚଳ ରାଜ୍ୟର ସୁଖା ଓ ମରୁଡି ପ୍ରବଣ ଅଂଚଳ ମଧ୍ୟରେ ଅନ୍ୟତମ ଓ ଏହା ଉପରେ କାହାରି ନଜର ନାହିଁ ବୋଲି ବ୍ୟଥା ପ୍ରକାଶ କରିଥିଲେ। ନେତା ଓ ଜନତା ଭିତରେ ସର୍ବାଧିକ ଦୂରତା ସୋନପୁର ନିର୍ବାଚନ ମଣ୍ଡଳୀରେ ବୋଲି ମତ ପ୍ରକାଶ ପାଇଥିଲା। ଦିଲ୍ଲୀ ନବନିର୍ମାଣ ଚାଷୀ ସରକାର ପର୍ଯ୍ୟବେକ୍ଷକ ଅମିତ ନୟନ, ଅଙ୍କିତ ଯାଦବ, ଅରୁଣ କଶ୍ୟପ, ଚନ୍ଦନ ଗୁପ୍ତା ଯୋଗ ଦେଇ କୃଷି ପ୍ରଧାନ ତଥା ସର୍ବ ଅବହେଳିତ ସୋନପୁର ଜିଲ୍ଲା ରୁ ହିଁ ଭାରତରେ ଚାଷୀ ସରକାର ଅଭିଯାନର ଶୁଭାରମ୍ଭ ହେବ ବୋଲି ଦୃଢ଼ ମତ ଦେଇଛନ୍ତି। ଏଇ ସଭାର ଅନ୍ୟ ଏକ ଆକର୍ଷଣ ଥିଲା ସ୍ୱତଃ ଭାବେ ମହିଳାମାନଙ୍କ ଯୋଗଦାନ। ସୋନପୁର ଚାଷୀ ସରକାର ଅଭିଯାନରେ ନବନିର୍ମାଣ ମହିଳା କୃଷକ ସଂଗଠନ ରାଜ୍ୟ ଉପସଭାପତି ସୋନାଲି ବିଶି ମଦମୁକ୍ତି , କିଡନୀ ରୋଗ ଜଳ ରୋଗ ରକ୍ତ ରୋଗ ରେ ବୃଦ୍ଧି କୁ ପ୍ରତିରୋଧ, 'ପଲହା ରୁଆ ଗୋଷ୍ଠୀ' ଗଠନ ଆଦି ପ୍ରସଙ୍ଗ ରେ ଗାଆଁ ଗାଆଁ ରେ ସଭା ସମିତି କରିବା ଯୋଗୁଁ ଅଭିଯାନ ରେ ମହିଳା ଙ୍କ ସଂପୃକ୍ତି ଏତେ ମାତ୍ରା ରେ ରହିଛି। ଶ୍ରୀମତି ବିଶି କହନ୍ତି ସ୍ୱାଧୀନୋତର କୌଣସି ପାର୍ଟି ଚାଷୀ ସମସ୍ୟା ତଥା ଏମଏସପି ଗଣିତ ଉପରେ ଦୃଷ୍ଟି ଦେବା ପାଇଁ ନାରାଜ। ଭାତ ଭୋଟ ନୋଟ ର ମାଲିକ୍ ଚାଷୀ ମାନଙ୍କୁ ନିଜ ପୁଅ ଝିଅ ଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଚାଷ ଓ ଦେଶର ଉନ୍ନତି ପାଇଁ ଚାଷୀ ପ୍ରତିନିଧି ବିଧାନସଭାକୁ ପଠାଇବା ପାଇଁ ପଡିବ ବୋଲି କହିଛନ୍ତି। ଚାଷୀ ପାଇଁ ପ୍ରାଇସ୍ ପ୍ରେଷ୍ଟିଜ୍ ପେନସନକୁ ଆଇନରେ ପରିଣତ କରିବା ପାଇଁ ନବନିର୍ମାଣର ଚାଷୀ ସରକାର ଅଭିଯାନ ଆରମ୍ଭ ହୋଇଛି ବୋଲି କହିଛନ୍ତି ବଲାଙ୍ଗୀର ନବନିର୍ମାଣ ପ୍ରାକ୍ତନ ସଭାପତି ତଥା ସୋନପୁର ପର୍ଯ୍ୟବେକ୍ଷକ ହିଂମାଶୁ ସାହୁ। ସୋନପୁର ରୁ ଚାଷୀ ସରକାର ଅଭିଯାନ କୁ ସମଗ୍ର କୋଶଲାଂଚଲ୍ ପାଇଁ ଉଦାହରଣ କରିବା ପାଇଁ ଆହ୍ୱାନ ଦେଇଛନ୍ତି କୋଶଲ୍ ସଂଗ୍ରାମୀ ଅର୍ପଣ ଦାସ ନାୟକ ଓ ନେତ୍ରାନନ୍ଦ ସାହୁ। ନବନିର୍ମାଣ ର ଚାଷୀ ସରକାର ଅଭିଯାନକୁ ଜିଲ୍ଲାର ବିଭିନ୍ନ କୃଷକ ସଂଗଠନର ପୂର୍ଣ୍ଣ ସମର୍ଥନ ରହିବ ବୋଲି କହିଛନ୍ତି ଶ୍ରୀ ଗଣେଶ ଆଂଚଳିକ କୃଷକ ସଂଗଠନର ଦେବାଶିଷ ଦାସ। ଉପଦେଷ୍ଟା ରାଜେନ୍ଦ୍ର ମିଶ୍ର କହନ୍ତି ଚପଳ ବେଶୀଦିନ ପିନ୍ଧିଲେ ଯେମିତି ଖାଇ ଯାଏ ଓ ଫିଙ୍ଗିବାକୁ ହୁଏ ସେମିତି ଏ ଅତ୍ୟାଚାରୀ ସରକାରକୁ ଫିଙ୍ଗିଦେବାକୁ ପଡ଼ିବ। ନବନିର୍ମାଣ ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ପାଢ଼ୀ ଶେଷ ରେ ସମସ୍ତଙ୍କୁ ଧନ୍ୟବାଦ୍ ଦେବା ସହ ଆଗାମୀ ମାର୍ଚ୍ଚ ୧୦ ତାରିଖରେ ସୋନପୁରରେ ଚାଷୀ ସରକାର ଅଭିଯାନର ଶକ୍ତି ପ୍ରଦର୍ଶନ ହେବ ବୋଲି ଜଣାଇଥିଲେ। ଚାଷୀକୂଳ ଜନନାୟକ ଅକ୍ଷୟ କୁମାରଙ୍କୁ ସ୍ୱାଗତ କରିବା ପାଇଁ ହଜାର ହଜାର ଚାଷୀଙ୍କ ଶୋଭାଯାତ୍ରା ଓ ଟ୍ରାକ୍ଟର ରେଲି ଜିଲ୍ଲା ବେପାରୀ ରାଜନୀତିକୁ ଝଟକା ଦେବ ଓ ଲୋକନୀତିର ଭିତି ଉପରେ କୃଷି କେନ୍ଦ୍ରିତ ଉଦ୍ୟୋଗ ପ୍ରଧାନ ରାଜନୀତି ର ଯୁଗ ଆରମ୍ଭ ହେବ ବୋଲି କହିଛନ୍ତି। ମଦ ମାଂସ ରାଜନୀତିରୁ ଉପରକୁ ଉଠି ଜିଲ୍ଲା କୋଣ ଅନୁକୋଣରୁ ନିଜ ଖର୍ଚ୍ଚରେ ଚାଷୀମାନେ ଆସି ଏ ବ୍ୟବସ୍ଥା ପରିବର୍ତ୍ତନ ଲଢେଇରେ ନେତୃତ୍ୱ ନିଅନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି।

# ଭାରତୀୟ ଆଦର୍ଶଗତ ପରମ୍ପରା ଉପରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ବକ୍ତୃତା ଶୃଙ୍ଖଳା ଆରମ୍ଭ

ଜୟପୁର, ୨୩/୨ (ନି.ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଫେବୃଆରି ୨୧ ତାରିଖରେ ସୁନାବେଡ଼ା ପରିସରରେ ଭାରତୀୟ ଆଦର୍ଶଗତ ପରମ୍ପରା ' ଶୀର୍ଷକ ଏକ ସ୍ୱତନ୍ତ୍ର ବକ୍ତୃତା ଶୃଙ୍ଖଳାର ଶୁଭାରମ୍ଭ ହୋଇଯାଇଛି । ଭାଗବତ ଗୀତାର ନୈତିକଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ଦେଇ ବୃନ୍ଦାବନର ସମ୍ମାନୀୟ ସନ୍ଥ ସ୍ୱାମୀ ମାଧବାନନ୍ଦ ମହାରାଜଜୀ ଏକ ସାରଗର୍ଭକ ବକ୍ତୃତା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଅଧକ୍ଷତା କରିବା ସହ ସଭାପତିତ୍ୱ ଅଭିଭାଷଣ ପ୍ରଦାନ କରିଥିଲେ ।

ପ୍ରଫେସର ତ୍ରିପାଠୀ ଶିକ୍ଷାକ୍ଷେତ୍ରରେ ସକାରାତ୍ମକ ଚିନ୍ତାଧାରା ଓ ସମାଲୋଚନାତ୍ମକ ଅନୁସନ୍ଧାନର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରି କହିଥିଲେ ଯେ, ସମାଜକୁ ସଠିକ ମାର୍ଗରେ ଆଗେଇ ନେବା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରସ୍ତୁତ କରିବାରେ ଏଭଳି ଆଭିମୁଖ୍ୟ ଗୁରୁତ୍ୱପୂର୍ଣ୍ଣ । ଓଡ଼ିଶାର ସନ୍ଥକବି ଭୀମ ଭୋଇଙ୍କ ରଚିତ 'ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ' ପଂକ୍ତିରେ ବର୍ଣ୍ଣିତ କାଳଜୟୀ ଆଦର୍ଶକୁ ମନେ ପକାଇ ଥିଲେ, ଯାହା ସାରା ବିଶ୍ୱକୁ ମାନବସମାଜ ପାଇଁ ଭାରତ ବର୍ଷର ଏକ ମହାନ ବାର୍ତ୍ତା ପ୍ରଦାନ କରିଛି । ତେଣୁ ବିଦ୍ୟାର୍ଥୀ ସମାଲୋଚନାତ୍ମକ ଆଲୋଚନାରେ ନିୟୋଜିତ ହେବା ସମୟରେ ସମ୍ମାନ ଓ ସହନଶୀଳତାର ମୂଲ୍ୟବୋଧକୁ ବଜାୟ ରଖିବାକୁ ସେ ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ କରିଥିଲେ।

ସ୍ୱାମୀ ମାଧବାନନ୍ଦ ମହାରାଜଜୀ ତାଙ୍କ ଅଭିଭାଷଣରେ ଭଗବତ ଗୀତାର ଗଭୀର ଶିକ୍ଷା ଉପରେ ଆଲୋକପାତ କରି କହିଥିଲେ ଯେ, ଇତିହାସରେ ମହାନ ସନ୍ଥମାନେ ଗଭୀର ତପସ୍ୟାର ଫଳ ସ୍ୱରୂପ ଖୋଜି ପାଇଥିବା ଜୀବନ ଓ ଶାନ୍ତିର ମାର୍ଗକୁ ଗୀତାରେ ବର୍ଣ୍ଣନା କରାଯାଇଛି। ଭଗବାନ ଶ୍ରୀକୃଷ୍ଣଙ୍କ ଦ୍ୱାରା ନିର୍ମିତ ଗୀତା ଧାର୍ମିକ ଜୀବନଯାପନ ପାଇଁ ମାର୍ଗଦର୍ଶକ ଭାବରେ କାର୍ଯ୍ୟ କରେ, ନିଜର କର୍ତବ୍ୟକୁ ବର୍ଣ୍ଣନା କରେ ଏବଂ ଅସ୍ତିତ୍ୱର ବିଭିନ୍ନ ଦିଗ ବିଷୟରେ ସୂଚନା ପ୍ରଦାନ କରେ ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଗୀତାରେ ଥିବା ନୀତିଗୁଡ଼ିକୁ ଅନୁସରଣ କରିବା ଦ୍ୱାରା ପରିପୂର୍ଣ୍ଣତା ଓ ସମୃଦ୍ଧିର ଜୀବନ ଯାପନ ହୋଇଥାଏ । ଗୀତାରେ ପ୍ରବେଶ କରିବା ପୂର୍ବରୁ ସନ୍ଥ ରାମକୃଷ୍ଣ ପରମହଂସଙ୍କୁ ବୁଝିବା ପାଇଁ ପରାମର୍ଶ ଦେବା ଏବଂ ଧର୍ମକୁ ଦିବ୍ୟ ଆଦେଶ ଭାବରେ ବର୍ଣ୍ଣନା କରିବା ପାଇଁ ସେ ଦୃଢୋକ୍ତି ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମକୁ ରାଜଭାଷା ସେଲ୍ ର ନିର୍ଦ୍ଦେଶକ ପ୍ରଫେସର ହେମରାଜ ମୀନା ସଂଯୋଜନା କରି ସ୍ୱାଗତ ଭାଷଣ ଦେଇଥିଲେ। ହିନ୍ଦୀ ବିଭାଗର ମୁଖ୍ୟ ଡ. ଚକ୍ରଧର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧାପକ, ଗବେଷକ ଏବଂ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ, ଯାହା ଭାରତର ସମୃଦ୍ଧ ଦାର୍ଶନିକ ଐତିହ୍ୟ ପ୍ରତି ବ୍ୟାପକ ଆଗ୍ରହ ଏବଂ ପ୍ରଶଂସାକୁ ସୂଚାଇଥିଲା ।

# ରାଜ୍ୟସ୍ତରୀୟ ଯୁବ ଚିତ୍ରଶିଳ୍ପୀ ଶିବିର ଆୟୋଜିତ

ଜୟପୁର, ୨୩/୨ (ନି.ପ୍ର): କୋରାପୁଟର ଦେଓମାଳୀ ଠାରେ ଓଡିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଏବଂ କୋରାପୁଟ ଜିଲ୍ଲା ପ୍ରଶାସନ ସହଯୋଗରେ ଏକ ରାଜ୍ୟ ସ୍ତରୀୟ ଯୁବ ଚିତ୍ରଶିଳ୍ପୀ ଶିବିର ଆୟୋଜିତ ହୋଇଯାଇଛି। ଏହା ଦେଓମାଳୀ ପର୍ବତର ଶିଖର ଦେଶରେ କେନ୍ଦ୍ରାଂଚଳ ତଥା ଦକ୍ଷିଣାଂଚଳ ଆର.ଡି.ସି. ରଞ୍ଜନ କୁମାର ଦାସ (ଭା.ପ୍ର.ସେ. ) ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରି ଦେଓମାଳୀର ସୌନ୍ଦର୍ଯ୍ୟକୁ ଶିଳ୍ପୀମାନେ ରଙ୍ଗ ଓ ତୂଳୀରେ ଅଙ୍କନ କରୁଥିବାରୁ ଅନେକ ପ୍ରଶଂସା କରିଥିଲେ।

ଏହି ଅବସରରେ ମୁଖ୍ୟ ଅତିଥି ଭାବେ କୋରାପୁଟ ଜିଲ୍ଲାପାଳ ଭି. କୀର୍ତିଭାସନ୍ (ଭା. ପ୍ର. ସେ. ) ଯୋଗଦେଇ ଚିତ୍ରଶିଳ୍ପୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଉତ୍ସବରେ ଏକାଡେମୀର ସଭାପତି ସୁଦର୍ଶନ ପଟ୍ଟନାୟକ, ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ପୌରହିତ୍ୟ କରିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ଡ. ପଂଚାନନ ସାମଲ ଅତିଥି ମାନଙ୍କୁ ସ୍ୱାଗତ କରିବା ସହିତ ଶିବିର ଆଭିମୁଖ୍ୟ ସମ୍ପର୍କରେ କହିଥିଲ। ଏହି ଅବସରରେ ବରିଷ୍ଠ ଚିତ୍ରଶିଳ୍ପୀ ଗଜେନ୍ଦ୍ର ପ୍ରସାଦ ସାହୁ, ଆଇ.ଏ.ଏସ. ପ୍ରବେସନର ସୌମ୍ୟରଂଜନ ପ୍ରଧାନ ଉପସ୍ଥିତ ଥିଲେ। ଅପରାହ୍ନରେ କୋରାପୁଟ ସଦର ମହକୁମାରେ ଏକାଡେମୀର ଆଂଚଳିକ ଆର୍ଟ ଗ୍ୟାଲେରୀଠାରେ ଉକ୍ତ ଅତିଥି ମାନଙ୍କ ଦ୍ୱାରା ଏକ ସମସାମୟିକ ଚିତ୍ରକଳା ପ୍ରଦର୍ଶନୀ ଉଦ୍ଘାଟିତ ହୋଇଥିଲା।

# କୁଡୁମୁଲୁଗୁମ୍ମା ଏଚଡିଏଫସି ବ୍ୟାଙ୍କର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ମାଲକାନଗିରି, ୨୩/୨ (ନି.ପ୍ର): ଖଇରପୁଟ ବ୍ଲକ ଅନ୍ତର୍ଗତ କୁଡୁମୁଲୁ ଗୁମ୍ମା ଗ୍ରାମ ପଂଚାୟତ ର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଅପର ପାର୍ଶ୍ୱରେ ଏଚଡିଏଫସି ବ୍ୟାଙ୍କ ର ନୂତନ କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି । ଆଜିର ଏହି ଉଦଘାଟନୀ ଉତ୍ସବର ମୁଖ୍ୟ ଅତିଥି ଭାବେ ଖଇରପୁଟ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉମାଶଙ୍କର କୋୟା ଯୋଗ ଦେଇଥିଲା ବେଳେ, ଏଚଡିଏଫସିର ପୂର୍ବାଂଚଳ ବ୍ୟାଙ୍କ ମୁଖ୍ୟ ସନ୍ଦୀପ ଏସ. କୁମାର, ସର୍କେଲ ମୁଖ୍ୟ ଅର୍ଜୁନାନନ୍ଦ ବାଗ, କ୍ଲଷ୍ଟର ମୁଖ୍ୟ ସମୀର ଦେଓ ଓ ବିଦାୟୀ ଉନ୍ନୟନ ଅଧିକାରୀ କିରାନୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ଅତିଥି ମାନଙ୍କୁ କାର୍ଯ୍ୟକ୍ରମର ଆବାହକ ତଥା ବ୍ୟାଙ୍କ ଶାଖା ପରିଚାଳକ ରାମକୃଷ୍ଣ ଦାସ ଉତରୀୟ ପ୍ରଦାନ ସହ ଏକ ମୋମେଂଟ ପ୍ରଦାନ କରିଥିଲେ। ଏଥିରେ ବ୍ୟାଙ୍କ କର୍ମଚାରୀ ସୂର୍ଯ୍ୟକାନ୍ତ ଚୌଧୁରୀ, ସତ୍ୟଜିତ ମଣ୍ଡଳ, ସୁଜିତ କୁମାର ପ୍ରଧାନ, ବିପ୍ଳବ୍ ୱାଲା, ସୂର୍ଯ୍ୟଦିତ୍ୟ ମଲ୍ଲିକ, ସୋମ୍ୟରଞ୍ଜନ ଦାସ ଓ ରଘୁ ପୁଟିଆ ପ୍ରମୁଖ ସହଯୋଗ କରିଥିଲେ। ପ୍ରକାଶ ଥାଉକି, ପୁରୁଣା ବ୍ୟାଙ୍କ ଟି ରାଜରାସ୍ତା ଠାରୁ ପ୍ରାୟ ଦେଢ଼ଶହ ମିଟର ଭିତରେ ଥିଲା ଯେଉଁଥିପାଇଁ ବ୍ୟାଙ୍କ କୁ ଆସୁଥିବା ହିତାଧିକାରୀ ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲେ ଓ ବର୍ତମାନ ରାଜରାସ୍ତା କଡକୁ ଏହି ବ୍ୟାଙ୍କ ଘୁଂଚିବା ଫଳରେ ଦୂର ଦୁରାନ୍ତରୁ ଆସୁଥିବା ବ୍ୟାଙ୍କ ହିତାଧିକାରୀ ଓ ସ୍ଥାନୀୟ ଜନସାଧାରଣ ଏହାର ସଠିକ ସୁଫଳ ପାଇପାରିବେ ବୋଲି ବ୍ୟାଙ୍କ ର ଶାଖା ପରିଚାଳକ ଶ୍ରୀ ଦାସ ମତବ୍ୟକ୍ତ କରିଛନ୍ତି ।

# ଦୂଷିତ ଜଳ ପିଉଛନ୍ତି ଗାଁ ଲୋକେ : ନାଁକୁ ମାତ୍ର ରହିଛି ପାନୀୟ ଜଳ ପ୍ରକଳ୍ପ

ସାଲେପୁର, ୨୩/୨ (ନି.ପ୍ର): ସବୁବେଳେ ବିକାଶର କଥା କହୁଥିବା ସରକାର ଲୋକଙ୍କ ମୌଳିକ ସମସ୍ୟାପ୍ରତି କେତେ ଉଦାସୀନ ସେ କଥା ନକହିବା ଭଲ । ବିଜୁଳି, ପାଣି, ସଡକ ସ୍ୱାସ୍ଥ୍ୟସେବା ଓ ଶିକ୍ଷା ଭଳି ସର୍ବନିମ୍ନ ସୁବିଧା ସୁଯୋଗ ନଥିଲା ବେଳେ ସରକାର ଯୋଜନା ପରେ ଯୋଜନା ଘୋଷଣା କରି ନିର୍ବାଚନ ବୈତରଣୀ ପାର ହେବା ପରିତାପର ବିଷୟ ବୋଲି ସାଧାରଣରେ ଚର୍ଚ୍ଚା ଯୋର ଧରିଛି । ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କୁଟଙ୍କା ମିଳିବ, ରେସନକାର୍ଡ ଥିବା ପରିବାରକୁ ଟଙ୍କା ଓ ଝୋଟ ବ୍ୟାଗ୍ ମିଳବାର ଘୋଷଣା କରାଯାଉଥିଲା ବେଳେ ପିଇବା ପାଣିର ସମସ୍ୟା ବାବଦରେ ମହିଳା ଅଭିଯୋଗ କଲେ ମଧ୍ୟ ସ୍ଥାନୀୟ ବିଧାୟକ ଶୁଣୁନଥିବା ଏବେ ମାହାଙ୍ଗା ବ୍ଲକରେ ଚର୍ଚ୍ଚାର ବିଷୟ ପାଲଟିଛି । ମାହାଙ୍ଗା ବ୍ଲକର କୁହୁଣ୍ଡା ପଂଚାୟତରେ ଦୀର୍ଘ ୨୦ ବର୍ଷ ତଳେ ପାଣି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍ଘାଟନ କରିଥିଲେ । ଉଦ୍ଘାଟନର ପରଠାରୁ ଆଜିଯାଏ ଏହି ପଂଚାୟତର ଅନେକ ଗାଁରେ ଭୂତଳ ପାଣି ପାଇପ ବିଛା ଯାଇନଥିଲା ବେଳେ ଅନେକ ବସ୍ତିରେ ପାଣିଟ୍ୟାପ୍ ନାହିଁ । ଯେଉଁ ପାଣିଟ୍ୟାପ୍ ଭଙ୍ଗାଦଦରା ଅବସ୍ଥାରେ ଅଛି ସେଥିରୁ ପାଣି ବାହାରୁ ନାହିଁ । ସ୍ଥାନୀୟ ସରପଂଚ ବ୍ଲକ ପ୍ରଶାସନ, ଆରଡବ୍ଲୁ ଏସ୍ ଆଣ୍ଡ ଏସ୍ ଅଧିକାରୀ ଜିଲ୍ଲାପାଳଙ୍କଠାରୁ ନେତାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ବିଭିନ୍ନ ସମୟରେ କୁହୁଣ୍ଡା ପଂଚାୟତର ପିଇବା ପାଣି ସମସ୍ୟା ବାବଦରେ ଅଭିଯୋଗ ଦିଆଯାଇଛି । କିନ୍ତୁ ଫଳ ଶୂନ୍ୟ । ଏହି ପଂଚାୟତର ୧୨ ଓ ୧୩ ନମ୍ବର ୱାର୍ଡର ଲୋକେ କଚିରୀ ପୋଖରୀରୁ ପାଣି ନେଇ ବ୍ୟବହାର କରୁଥିଲା ବେଳେ ବିରୂପା ନଦୀକୁ ପାଣି ପାଇଁ ଯାଉଛନ୍ତି । ସେହିପରି ୮ ନମ୍ବର ୱାର୍ଡର ଲୋକେ ଏବଂ କଲ୍ୟାଣପୁର ମୁଣ୍ଡାସାହିର ଲୋକମାନଙ୍କୁ ଚନ୍ଦନ ପୋଖରୀରୁ ପାଣି ନେବାକୁ ପଡୁଛି । ବସୁଧା ଯୋଜାନରେ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲା ବେଳେ ଲୋକେ ନଇ ପୋଖରୀରୁ କାହିଁକି ପାଣି ନେଇ ବ୍ୟବହାର କରୁଥିବା ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି । ଆମ ଓଡିଶା, ନବୀନ ଓଡିଶା କାର୍ଯ୍ୟକ୍ରମରେ ନେତା ଲମ୍ବା ଭାଷଣ ଦେଉଥିଲା ବେଳେ ତାହା ସାଧାରଣ ଲୋକଙ୍କ ସମସ୍ୟାକୁ ଦୂର କରିପାରୁନାହିଁ ।

# ଓସିସି କୋଲନିରେ ଡକାୟତି ମାମଲା ପର୍ଦ୍ଦାଫାସ, ୨ଗିରଫ

ଜୟପୁର, ୨୩/୨ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ଓସିସି କୋଲନିରେ ଡକାୟତି ମାମଲାରେ ଦୁଇ ଅଭିଯୁକ୍ତ କୁ ଗିରଫ କରିଛି ପୋଲିସ । ଗିରଫ ଅଭିଯୁକ୍ତ ମାନେ ହେଲେ ଡେଭିଡ ଖରା (୨୧) ଆଜୟ ବାଘ (୨୨) । ପୋଲିସ ସୂଚନା ଅନୁଯାଇ ଜୟପୁର ସଦର ଥାନା ଅନ୍ତର୍ଗତ ଓସିସି କୋଲନିରେ ରହୁଥିବା ରଞ୍ଜନ ହରିଜନଙ୍କ ଘରେ ଡକାୟତି ହୋଇଥିବା ନେଇ ଜୟପୁର ସଦର ଥାନାରେ ଗତ୧୯ ତାରିଖ ରେ ଅଭିଯୋଗ ହୋଇଥିଲା ରଞ୍ଜନ ହରିଜନ ଓ ପରିବାର ଲୋକେ ଶୋଇଥିବା ବେଳେ ୮ ରୁ ୧୦ ଜଣ ମୁଖାଧାରି ଘରେ ତାଲା ଭାଙ୍ଗି ପଶିଥିଲେ । ଖଣ୍ଡା, କାତି, ବନ୍ଧୁକ ଧରି ଘରେ ପାଶି ମାରପିଟ କରିଥିଲେ। ୫ ତୁଳାର ସୁନା ଗହଣା, ୫୦ ହଜାର ଟଙ୍କା ଲୁଟ କରି ନେଇଥିଲେ । ଏନେଇ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସାଇଂଟିଫିକ ଟିମ, ସନ୍ଧାନି କୁକୁର ତଦନ୍ତକରି ଥିଲା । ଆଜି ୨ ଅଭିଯୁକ୍ତ କୁ ଗିରଫ କରାଯାଇ ସେମାନଙ୍କ ଠାରୁ ମୋବାଇଲ, ଖୋଲନା ବନ୍ଧୁକ, ବାଇକ, ସିପ୍ଟ ଡିଜାଇର କାର ଜବତ କରାଯାଇଥିବା ବିଷୟ ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

# ଗୋପାଳପୁରଠାରେ ମହିଳା ସମାବେଶ ଓ ହସ୍ତତନ୍ତ ବସ୍ତ୍ର ବଜାର ଉଦ୍‌ଘାଟିତ

ଧର୍ମଶାଳା, ୨୩/୨ (ନି.ପ୍ର): ଦୀର୍ଘ ୩୦ ବର୍ଷ ଅପେକ୍ଷାର ଅନ୍ତ ଘଟିଛି । ଯାଜପୁର ଜିଲା ରସୁଲପୁର ବ୍ଲକ ପ୍ରଥମଖଣ୍ଡ ପଂଚାୟତ ଗୋପାଳପୁର ଓଡିଶା ଓ ଓଡିଶା ବାହାରେ ହସ୍ତତନ୍ତ ସାମଗ୍ରୀ ପାଇଁ ପ୍ରସିଦ୍ଧ ଲାଭ କରିଥିବା ବେଳେ ଆଜି ଆନୁଷ୍ଠାନିକଭାବେ ହସ୍ତତନ୍ତ ବଜାର ଉଦଘାଟିତ ହୋଇଯାଇଛି । ଯାହାକି ସ୍ଥାନୀୟ ଅଂଚଳରେ ଖୁସିର ଲହରୀ ଖେଳିଯାଇଛି । ଆଜି ଆନୁଷ୍ଠାନିକଭାବେ ଏହାର ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ୧୬ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ପ୍ରଥମଖଣ୍ଡ ପଂଚାୟତ ଗୋପାଳପୁରଠାରେ ଏକ ମହିଳା ସମାବେଶ ଓ ହସ୍ତତନ୍ତ ବସ୍ତ୍ର ବଜାର ଉଦଘାଟିତ ହୋଇଯାଇଛି । ଯାଜପୁର ସାଂସଦ ଉଦଘାଟକ ଓ ସମ୍ମାନୀତ ଅତିଥିଭାବେ ବର ବିଧାୟିକା ସୁନନ୍ଦା ଦାସ ଯୋଗ ଦେଇ ପ୍ରଥମେ ଏହି ବସ୍ତ୍ରବଜାର ଓ ପରେ ମିଶନ ଶକ୍ତ କାଫେ ,ସୁରକ୍ଷା ବଳୟ ଓ ଏହା ପରିସରରେ ଭିତରେ ଥିବା ଶୌଚାଳୟକୁ ଉଦଘାଟନ କରିଥିଲେ। ପରେ ଏହି ବଜାର ପରିସରରେ ଏକ ମହିଳା ସମାବେଶ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବରୀ ବ୍ଲକ ସଭାପତି କେଦାର ନାଥ ସାମଲଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ,ସମ୍ମାନୀତ ଅତିଥିଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀ କେବଳ ସହରାଂଚଳ ନୁହେଁ ଗ୍ରାମାଂଚଳର ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି । ବିଶେଷ କରି ମହିଳାଙ୍କ ଉପରେ ବେଶି ଗୁରୁତ୍ୱ ଦେବା ସହିତ ସବୁ କ୍ଷେତ୍ର ଓ ବର୍ଗ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଯାଜପୁର ସାଂସଦ ଶ୍ରୀମତି ସେଠୀ ପ୍ରକାଶ କରିଥିଲେ । ବରୀରେ ବିକାଶ ଧାରା ଜାରି ରହିଛି । ବରୀ ଅଂଚଳ ଏକ ବନ୍ୟା ଅଂଚଳଭାବେ ପରିଗଣିତ ହେଉଥିବା ବେଳେ ଏବେ ରାସ୍ତା ଘାଟଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ଓ ଶିକ୍ଷାକ୍ଷେତ୍ରରେ ବିକାଶ ଆକାଶ ଛୁଆଁ ହୋଇପାରିଛି । ଏହା କେବଳ ସମ୍ଭବ ହୋଇପାରିଛି ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମ କ୍ରମେ । ବିଶେଷ କରି ଗୋପଳପୁରଠାରେ ଏହି ବଜାର ଆମଗୀ ଦିନରେ ଜିଲା ପାଇଁ ଗୌରବ ଆଣିବ ବୋଲି ବିଧାୟିକା ସୁନନ୍ଦା ଦାସ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ ।

# ଆନ୍ଧ୍ରରେ ବନ୍ଧା ପଡ଼ିଛନ୍ତି ୧୬ ଜଣ ଶ୍ରମିକ : ଉଦ୍ଧାର ପାଇଁ ଏସପିଙ୍କୁ ଗୁହାରି

ବଲାଙ୍ଗୀର, ୨୩/୨ (ନି.ପ୍ର): ସାମ୍ନାକୁ ଆସିଲା ଦାଦନ ଦୁଃଖର କଥା ପୁଣି ଆନ୍ଧ୍ରପ୍ରଦେଶରେ ବନ୍ଧା ପଡ଼ିଛନ୍ତି ୧୬ ଶ୍ରମିକ। ଏବେ ବନ୍ଧା ପଡ଼ିଥିବା ୧୬ ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ବଲାଙ୍ଗିର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ମୁରିବାହାଲ ଥାନା ଅନ୍ତର୍ଗତ କତରଲଗା ଗାଁର ସୀତାକାନ୍ତ ବାଗ ଓ ତାଙ୍କ ପତ୍ନୀ ଅହଲ୍ୟା ବାଗ। ଅହଲ୍ୟା କହିଛନ୍ତି ଯେ, ସେମାନେ ସ୍ୱାମୀ ସ୍ତ୍ରୀ ସହ ୧୮ ଜଣ ଇଟା ଗଢ଼ିବା ପାଇଁ ଆନ୍ଧ୍ରପ୍ରଦେଶର ସାରଗମ୍ ଜିଲ୍ଲା ଅନ୍‌କାପଲିକୁ ଯାଇଥିଲେ। ସେଠାରେ ମାସେ କାଳ ଭଲରେ ରହିବା ପରେ ଭାଟି ମାଲିକ ଦାଉ ସାଧିବା ଆରମ୍ଭ କଲା। ଦିନକୁ ୧୯ ଘଂଟା କାମ କରିବାକୁ ବାଧ୍ୟ କଲା। ଠିକ୍ ଭାବେ ଖାଇବା ପିଇବାକୁ ଦେଲା ନାହିଁ। ମାରପିଟ୍ ମଧ୍ୟ କଲା। ଚିକିତ୍ସା ସୁବିଧା ବି ଦେଲା ନାହିଁ। ଅତି ଅସହ୍ୟ ହେବା ପରେ ସୀତାକାନ୍ତ ଓ ଅହଲ୍ୟା ସେଠାରୁ ଲୁଚି କୌଶଳ କ୍ରମେ ନିଜ ଗାଁକୁ ଚାଲି ଆସିଥିବା ବେଳେ ସେଠାରେ ବନ୍ଧକ ଥିବା ୧୬ ଜଣ ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ବଲାଙ୍ଗିର ଏସ୍‌ପିଙ୍କ ପାଖରେ ଗୁହାରି କରିଛନ୍ତି।

# ଅସହାୟଙ୍କ ଦେବଦୂତ ସାଜିଲେ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପ

କୋରେଇ, ୨୩/୨ (ନି.ପ୍ର): କଥାରେ ଅଛି ଯାହାର କେହି ନାହିଁ ତାକୁ ଭଗବାନ ଭରଷା। ଏହା ପୁଣିଥରେ ପ୍ରମାଣିତ ହୋଇଛି। ଜଣେ ଆଦିବାସୀ ବ୍ୟକ୍ତିର ଶୁଦ୍ଧିକ୍ରିୟା ହୋଇପାରୁନଥିବା ବେଳେ ତା ନିକଟରେ ଦେବଦୂତ ସାଜି ସହାୟତାର ହାତ ବଢାଇଥିଲେ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପ । ଯେତେବେଳେ ପ୍ରଶାସନ ଓ ଜନ ପ୍ରତିନିଧି ଏହାକୁ ଅଣଦେଖା କରିଥିଲେ ସେତେବେଳେ ସହାୟତାର ହାତ ବଢାଇ ଉକ୍ତ ପରିବାରକୁ ଶୁଦ୍ଧିକ୍ରିୟା କରାଇବାରେ ସହାୟକ ହୋଇଛନ୍ତି ହେଲପିଙ୍ଗ ଗ୍ରୁପ। କୋରେଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଂଚାୟତ ତେଲିଆ କେନାଲ ବନ୍ଧ ଆଦିବାସୀ ସାହିରେ ରୁହନ୍ତି ରାହାସ ମୁଣ୍ଡା ଓ ତାଙ୍କ ପତ୍ନୀ ପିଙ୍କି ସହ ଦୁଇପୁଅ ଓ ଦୁଇ ଝିଅ। ଉଭୟ ସ୍ୱାମୀ ସ୍ତ୍ରୀ ମୂଲଲାଗି ପରିବାର ପ୍ରତିପୋଷଣ କରନ୍ତି। ହଠାତ ପିଙ୍କିକୁ ଜର ହେଲା। ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ର ଠୁ ଆରମ୍ଭ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହୋଇ ମଧ୍ୟ କିଛି ସୁଫଳ ମିଳିନଥିଲା । ମାତ୍ର ଦୁଇଦିନ ମଧ୍ୟରେ ଚିକିତ୍ସା ଅବସ୍ଥାରେ କଟକରେ ଜ୍ୱରରେ ପିଙ୍କିର ମୃତ୍ୟୁ ହୋଇଥିଲା । ଭାଙ୍ଗିପଡିଥିଲେ ରାହାସ, ଏକା ରୋଜଗାର କରି ୪ଛୁଆଙ୍କୁ କେମତି ଚଳାଇବେ । ପତ୍ନୀର ଶବକୁ କଷ୍ଟେମଷ୍ଟେ ଆଣି ସତ୍କାର କରିଥିଲେ। ଏପରିସ୍ଥିତିରେ କାମ କରିବାକୁ ଜୁ ନଥାଏ। ଫଳରେ ପହଂଚିଥିଲେ ଗୋଳେଇପୁର ସରପଂଚ ଓ ଜିଲ୍ଲ ଯୁବ ସଭାପତିଙ୍କ ନିକଟରେ। ନିଜର ଅସହୟତା ପ୍ରକାଶ କରିବା ସହ ଶୁଦ୍ଧିକ୍ରିୟା ପାଇଁ କରିଥିଲେ ନିବେଦନ। ମାତ୍ର ୮ଦିନ ଦିନ ବିତିଥିଲେ ମଧ୍ୟେ ସହୟତା ତ ଦୂର କଥା ତାଙ୍କ ଦୁଆରେ କେଉଁ ରାଜନେତା ବା ଜନପ୍ରତିନିଧି ଅବା ପ୍ରଶାସନିକ ଅଧିକାରୀ ପହଂଚିନଥିଲେ । ସରକାରୀ ହରିଶ୍ଚନ୍ଦ୍ର ଯୋଜନା ଅର୍ଥ ମଧ୍ୟ ତାଙ୍କୁ ମିଳିନଥିଲା । ଫଳରେ ୪ ଛୁଆଁଙ୍କୁ ଧରି କିପରି ଶୁଦ୍ଧି ହେବେ ସେହି ଚିନ୍ତାରେ ଥିଲେ ରାହାସ । ଘରେ ଖାଇବାକୁ ଦାନା ବି ନଥିଲା । ଆଶାଥିଲା ରାଜନେତା ଓ ଜନପ୍ରତିନିଧି ତାଙ୍କ ଦୁଖଃ ନଷ୍ଚୟ ବୁଝିବେ । କିନ୍ତୁ ହେ ନବୁଝିବାରୁ ଶେଷରେ ନିରାଶ ହୋଇ ସ୍ୱେଚ୍ଛାସେବୀ ସଂଗଠନର ସାହାରା ନେଇଥିଲେ। ଖବରପାଇ ହେଲପିଙ୍ଗ ଗ୍ରୁପର ସଭାପତି ଅଶୋକ ଦାସ ଓ କୋଷାଧ୍ୟକ୍ଷ ହରେକୃଷ୍ଣ ସାହୁ ଏନେଇ ଗ୍ରୁପର ସମସ୍ତ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ । ସନ୍ଧ୍ୟାରେ ଅସହାୟ ପରିବାର ନିକଟରେ ପହଂଚିଥିଲା ହେଲପିଙ୍ଗ ଗ୍ରୁପ। ଜଳଖିଆ, ରାସନ ସାମଗ୍ରୀ ସହ ଶୁଦ୍ଧିକ୍ରିୟା ହେବା ପାଇଁ ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ ରାହାସଙ୍କୁ। ହସ ଫୁଟିଥିଲା ରାହାସ ପରିବାରରେ । କିଛି ନହେଲେ ବି ପିଙ୍କିର ଶୁଦ୍ଧି କ୍ରିୟା ହେବା ସହ ତାର ଆତ୍ମା ଟିକେ ଶାନ୍ତି ପାଇ ପାରିବାର ଆଶ ଉଦଜୀବିତ୍ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ଅଶୋକ ବଳ, ପ୍ରଦୀପ ମାଝୀ, କୁନା ମହୀ, ରାକେଶ ଶର୍ମାଙ୍କ ସହ ଗ୍ରୁପର ଅନେକ ସଦସ୍ୟ ଯୋଗଦେଇଥିଲେ। ପ୍ରଶାସନିକ କ୍ଷେତ୍ରରେ ରାହାସ ପରିବାରକୁ ସହାୟତା ଯୋଗାଇଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି ।

# ସାରସକ୍ଷେତ୍ର ବିଶ୍ୱଶାନ୍ତି ମହାଯଜ୍ଞ ଓ ନାମ ସଂକୀର୍ତ୍ତନ ଉଦ୍‌ଯାପିତ



ବାରିପଦା, ୨୩/୨ (ନି.ପ୍ର): ସାରସକଣାର ସାରସକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ଏବଂ କ୍ଷେତ୍ରସ୍ଥିତ ପାର୍ଶ୍ୱଦେବାଦେବୀଙ୍କ ଦେଉଳ ପ୍ରତିଷ୍ଠାର ସ୍ୱନକ୍ଷତ୍ର ଦିବସ ପାଳନ ଉପଲକ୍ଷେ ଜଗତର କଲ୍ୟାଣ ନିମନ୍ତେ ଫେବୃଆରୀ ୧୯ ତାରିଖ ୨୦୨୪ ଠାରୁ ୨୨ ତାରିଖ ଆୟୋଜନ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞର ଗତକାଲି ଅପରାହ୍ନ ପୂର୍ଣ୍ଣାହୁତି ହେବା ସହିତ ଆଧାତ୍ମିକ ଉତ୍ସବରେ ଚାଲିଥିବା ନାମ ସଂକୀର୍ତ୍ତନ ମଧ୍ୟ ଉଦଯାପନ ହୋଇ ଯାଇଛି। ଧାର୍ମିକ କାର୍ଯ୍ୟକ୍ରମରେ ପ୍ରତିବର୍ଷ ଭଳି ଏବର୍ଷ ବି ଦୂରଦୂରାନ୍ତ ଓ ନିକଟସ୍ଥ ଗ୍ରାମମାନଙ୍କରୁ ହଜାର ହଜାର ଶ୍ରଦ୍ଧାଳୁ ଆସି ପବିତ୍ର ଯଜ୍ଞର ପୂର୍ଣ୍ଣାହୁତିରେ ଘୃତ, ଶ୍ରୀଫଳ ସମର୍ପଣ ପୂର୍ବକ ଭଗବାନ ଶ୍ରୀଯଜ୍ଞନାରାୟଣଙ୍କୁ ନିଜନିଜର ଭକ୍ତି ଓ ଶ୍ରଦ୍ଧା ନିବେଦନ କରିଥିଲେ। ଉଦଯାପନ ଉତ୍ସବରେ ଯୋଗଦେଇଥିବା ସମସ୍ତ ଶ୍ରଦ୍ଧାଳୁଙ୍କୁ ଅନୁଷ୍ଠାନ ତରଫରୁ ଦଲାଖେଚୁଡି ଅନ୍ନ ଓ ସ୍ୱାଦିଷ୍ଟ ବ୍ୟଞ୍ଜନର ପ୍ରସାଦ ବିତରଣ ହୋଇଥିଲା। ବେଦଜ୍ଞ ପୁରୋହିତ ସର୍ବଶ୍ରୀ ଦୁର୍ଗା ପ୍ରସାଦ ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ହୋତା, ମନୋଜ ରଞ୍ଜନ ଦାଶ, ଅକ୍ଷୟ କୁମାର କର, ରମାକାନ୍ତ ଶତପଥୀ ଓ ଦିବ୍ୟସୁନ୍ଦର କର ଯଜ୍ଞକର୍ମର ହୋମ, ଆହୁତି ପ୍ରଦାନ ତଥା ସକଳ ବୈଦିକ କର୍ମ ସମ୍ପାଦନ କରିଥିବା ବେଳେ କାର୍ଯ୍ୟକର୍ତ୍ତା ପ୍ରତିନିଧି ଭାବେ ପୁଲକ କୁମାର ସାହୁ, ସୁବ୍ରତ କୁମାର ଦତ୍ତ, ସୁରଥ କୁମାର ସାହୁ, ଅତୁଲ ଚନ୍ଦ୍ର ଦାସ ଏବଂ ସୁବାସ ଚନ୍ଦ୍ର ସାହୁ ସସ୍ତ୍ରୀକ ସଂକଳ୍ପରେ ବସି ଯଯମାନ ଦାୟିତ୍ୱ ନିର୍ବାହ କରିଥିଲେ। ନାମ ସଂକୀର୍ତ୍ତନରେ ଭାଗନେଇଥିଲେ କଲ୍ୟାଣ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ନଟା ନୁହାମାଳିଆ, ଦକ୍ଷିଣବାଦି, ନେଦାଭାଡି ଓ ସାରସକଣା ନୁହାମାଳିଆ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ। ଅଧାପକ ଶିଶିର କୁମାର ପଟ୍ଟନାୟକ, ଗୁରୁଜୀ ପ୍ରଶାନ୍ତ କୁମାର ସାହୁ ଓ ଶିକ୍ଷିକା ପ୍ରତିଭା ପଲେଇଙ୍କ ପ୍ରତ୍ୟକ୍ଷ ନିରୀକ୍ଷଣରେ ସ୍ଥାନୀୟ ସୀମାନ୍ତ ମହାବିଦ୍ୟାଳୟ, ଶରତପାଳ ଉଚ୍ଚ ମାଧ୍ୟମିକ ସ୍କୁଲ, ମା'ସୁଭଦ୍ରା ବାଳିକା ଉଚ୍ଚବିଦ୍ୟାଳୟ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସାରସକଣାର ଛାତ୍ରଛାତ୍ର ସମାରୋହର ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ପ୍ରସାଦ ବିତରଣରେ ନିୟୋଜିତ ହୋଇଥିଲେ। ଶ୍ରୀଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସମିତି ସାରସକଣା ଓ ସାରସକ୍ଷେତ୍ର ମନ୍ଦିର ପରିଚାଳନା ଟ୍ରଷ୍ଟର ସଦସ୍ୟ/କର୍ମକର୍ତ୍ତା ସର୍ବଶ୍ରୀ ବାସୁଦେବ ସାହୁ, ଅନ୍ତର୍ଯ୍ୟାମୀ ସାହୁ, ଦୁର୍ଗା ପ୍ରସାଦ ନନ୍ଦୀ , ଯତୀନ ଚନ୍ଦ୍ର ସାହୁ, ପ୍ରଦୀପ କୁମାର ପାଲିତ, ଡ.ଅଜିତ କୁମାର ସାହୁ, ମନୋଜ କୁମାର ସାହୁ, ନବକିଶୋର ସେଠୀ, ଡ. ଉପେନ୍ଦ୍ର ନାଥ ସାହୁ ଏବଂ ଜଗନ୍ନାଥ ସାହୁ ପ୍ରମୁଖ ଧାର୍ମିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଶ୍ୱ କଲ୍ୟାଣାର୍ଥେ କ୍ଷେତ୍ରର ଏହି ଆଧାତ୍ମିକ କାର୍ଯ୍ୟକ୍ରମ ସକୁଶଳେ ସମାପନ ହୋଇଥିବାରୁ ମନ୍ଦିର ପରିଚାଳନା ଟ୍ରଷ୍ଟ ତରଫରୁ ପଦ୍ମନାଭ ସାହୁ ସ୍ଥାନୀୟ ପ୍ରଶାସନ ତଥା ସମଗ୍ର ଅଞ୍ଚଳବାସୀଙ୍କୁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ପୁଲିସ ଇନଫର୍ମର...

ଆସି ସୋଡ଼ି ଓ ମାଡ଼ବିଙ୍କୁ ଘରୁ ଡାକି ନେଇଥିଲେ। ପରେ ଜଙ୍ଗଲରେ ଉଭୟଙ୍କୁ ମାଡ଼ ମାରିବା ସହ ହତ୍ୟା କରିଥିଲେ। ଆଜି ସକାଳେ ଉଭୟଙ୍କ ମୃତଦେହ ଜଙ୍ଗଲରେ ପଡ଼ିଥିବା ସ୍ଥାନୀୟ ଲୋକ ଦେଖିଥିଲେ। ଏନେଇ ପୁଲିସକୁ ଖବର ଦେବା ସହ ସେମାନଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପୁଲିସ ମୃତଦେହକୁ ଉଦ୍ଧାର କରିବା ସହ ସେହି ଅଞ୍ଚଳରେ ପକ୍ଷରୁ କୁମ୍ବିଂ ଅପରେସନକୁ ଜୋରଦାର କରିଛି।

### ମହାରାଷ୍ଟ୍ରରେ ୩୯ ଆସନ...

ଆସନରୁ କଂଗ୍ରେସ ୧୭ଟି ଆସନରେ ପ୍ରାର୍ଥୀ ଦେବ। ସେହିପରି ଦିଲ୍ଲୀର ୭ ଲୋକସଭା ଆସନରୁ କଂଗ୍ରେସ ୩ଟି ଓ କ୍ଷମତାସୀନ ଆପ୍ ୪ଟି ସ୍ଥାନରେ ଲଢ଼ିବ। ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ ଟିଏମସି ସହ ମଧ୍ୟ କଂଗ୍ରେସ ସିଟ୍ ଶେୟାରିଂ ସମ୍ପର୍କରେ ଆଲୋଚନା ଜାରି ରଖିଛି। ରାଜ୍ୟର ୪୨ଟି ଲୋକସଭା ଆସନରୁ ଦିଦି କଂଗ୍ରେସକୁ ୨ଟି ଆସନ ଛାଡ଼ିବେ ବୋଲି ପ୍ରସ୍ତାବ ଦେଇଥିଲେ। ହେଲେ ଏହାକୁ କଂଗ୍ରେସ ଗ୍ରହଣ କରି ନଥିଲା। ଏବେ କିନ୍ତୁ କଂଗ୍ରେସ ପୁଣିଥରେ ଦିଦିଙ୍କ ସହ ମେଣ୍ଟ କରିବାକୁ ଆଲୋଚନା ଜାରି ରଖିଛି। କଂଗ୍ରେସ ୫ଟି ଆସନ ମାଗୁଥିବା ବେଳେ ଟିଏମସି ୨ଟିରୁ ଅଧିକ ଆସନ ଛାଡ଼ିବା ସମ୍ଭବ ନୁହେଁ ବୋଲି କହିଛନ୍ତି। ମହାରାଷ୍ଟ୍ର କଥା ବିଚାରକୁ ନେଲେ ଏଠାକାର ୮ଟି ସିଟ୍‌କୁ ନେଇ ଇଣ୍ଡିଆ ମେଣ୍ଟ ମଧ୍ୟରେ ବିବାଦ ରହିଛି। ମୁମ୍ବାଇ ସାଉଥ-ସେଣ୍ଟ୍ରାଲ ଓ ନର୍ଥ ୱେଷ୍ଟ ଆସନରେ ପ୍ରାର୍ଥୀ ଦେବାକୁ ଉଭୟ କଂଗ୍ରେସ ଓ ଉଦ୍ଧବ ଠାକରେଙ୍କ ଶିବସେନା ଚାହୁଁଛନ୍ତି। ଏହାବାଦ ବଞ୍ଚିତ ବହୁଜନ ଅଘାଡ଼ି ମୁଖିଆ ପ୍ରକାଶ ଆମ୍ବେଦକର ଇଣ୍ଡିଆ ମେଣ୍ଟ ଠାରୁ ମହାରାଷ୍ଟ୍ରରେ ୫ଟି ଆସନ ଚାହୁଁଛନ୍ତି। ୨୦୧୯ରେ ଆମ୍ବେଦକରଙ୍କ ଦଳ ୪୭ଟି ଆସନରେ ପ୍ରାର୍ଥୀ ଦେଇଥିଲେ ହେଁ ଗୋଟିଏ ବି ସ୍ଥାନରେ ଜିତି ନଥିଲା। ବିଧାନସଭା ନିର୍ବାଚନ ବେଳେ ଦଳ ୨୩୬ ଆସନରେ ଲଢ଼େଇ କରି ଖାତା ଖୋଲିବାକୁ ସକ୍ଷମ ହୋଇ ନଥିଲା। ତେଣୁ ଏହି ଦଳକୁ ଇଣ୍ଡିଆ ମେଣ୍ଟ କେତୋଟି ଆସନ ଦେଉଛି, ତା' ଉପରେ ମଧ୍ୟ ସମସ୍ତଙ୍କର ନଜର ରହିଛି।

### ରାହୁଲଙ୍କୁ ମୋଦିଙ୍କ ...

କିନ୍ତୁ ଯେତେବେଳେ ରେଜଲ୍ଟ ଶୂନ ହୋଇଯାଉଛି ସେତେବେଳେ ସେମାନେ ଅଲଗା ହୋଇଯାଉଛନ୍ତି। ଏହାପରେ ପରସ୍ପରକୁ ଗାଳି ଗୁଲଜ କରୁଥିବା ମୋଦି କହିଛନ୍ତି। ଲୋକସଭା ନିର୍ବାଚନରେ ବିଜୟ ନେଇ ସେ ଦମ୍ଭୋକ୍ତି ମଧ୍ୟ କରିଛନ୍ତି। ସେ କହିଛନ୍ତି, "ଏଥର ପୂରା ଦେଶର ମୁଡ ମୋଦି ଗ୍ୟାରେଣ୍ଟୀ ସପକ୍ଷରେ ରହିଛି। ଉତ୍ତର ପ୍ରଦେଶର ସମସ୍ତ ଆସନରେ ଏନଡିଏ ଜିତିବ।"

### ପାରଳାଖେମୁଣ୍ଡି ପାଲଟିଛି ...

ଭବାନୀପାଟଣାରେ ୩୪.୦ ଡିଗ୍ରୀ, ବଲାଙ୍ଗିରରେ ୩୩.୨ ଡିଗ୍ରୀ, କୋରାପୁଟରେ ୩୨୩.୭ ଡିଗ୍ରୀ, ଫୁଲବାଣୀରେ ୩୩.୪ ଡିଗ୍ରୀ, ଟିଟିଲାଗଡ଼ରେ ୩୪.୫ ଡିଗ୍ରୀ, ମାଲକାନଗିରିରେ ୩୪.୦ ଡିଗ୍ରୀ, ସୋନପୁରରେ ୩୨.୪ ଡିଗ୍ରୀ, ଦାରିଙ୍ଗବାଡ଼ିରେ ୨୯.୫ ଡିଗ୍ରୀ, ନୟାଗଡ଼ରେ ୩୩.୨ ଡିଗ୍ରୀ, ଛତ୍ରପୁରରେ ୩୨.୦ ଡିଗ୍ରୀ, ପାରଳାଖେମୁଣ୍ଡିରେ ୩୫.୬ ଡିଗ୍ରୀ, ରାୟଗଡ଼ାରେ ୩୪.୪ ଡିଗ୍ରୀ, ଭଦ୍ରକରେ ୩୦.୫ ଡିଗ୍ରୀ, ଯାଜପୁରରେ ୩୦.୨ ଡିଗ୍ରୀ, ଢେଙ୍କାନାଳରେ ୩୨.୦ ଡିଗ୍ରୀ,ନୂଆପଡ଼ାରେ ୩୪.୦ ଡିଗ୍ରୀ, ନବରଙ୍ଗପୁରରେ ୩୧.୫ ଡିଗ୍ରୀ, ଖୋର୍ଦ୍ଧାରେ ୩୨.୫ ଡିଗ୍ରୀ,ଜଗତସିଂହପୁରରେ ୩୧.୮ ଡିଗ୍ରୀ ଓ ରାଉରକେଲାର ତାପମାତ୍ରା ୩୧.୦ ଡିଗ୍ରୀ ରେକର୍ଡ କରାଯାଇଛି।

## ନିର୍ବାଚନ ପରିଚାଳନା ନେଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମୀକ୍ଷା ବୈଠକ

ଭୁବନେଶ୍ୱର, ୨୩/୨ (ନି.ପ୍ର): ଆଗାମୀ ସାଧାରଣ ନିର୍ବାଚନକୁ ତୃଣମୂଳ ସ୍ତରରୁ ଉଚିତ ରୂପେ ପରିଚାଳନା କରିବା ପାଇଁ ବିଭିନ୍ନ ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି ବିଷୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମସ୍ତ ଅତିରିକ୍ତ ଜିଲ୍ଲାପାଳ ଯୋଗ ଦେଇଥିଲେ। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳମାନେ ଜିଲ୍ଲାମାନଙ୍କର ନିର୍ବାଚନ ପ୍ରସ୍ତୁତିର ବିଭିନ୍ନ ଦିଗ ବିଷୟରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରାଇଥିଲେ।

## ପ୍ରତିଶ୍ରୁତି ପ୍ରତିଷ୍ଠାନ ପକ୍ଷରୁ ସ୍ୱର୍ଗତଃ ବିମଳ ଲୋଚନ ଦାସଙ୍କ ସ୍ମୃତିଚାରଣ ସଭା ଓ ସମ୍ବର୍ଦ୍ଧନା ସମାରୋହ




ବାରିପଦା , ୨୩/୨ (ନି.ପ୍ର): ମୟୂରଭଂଜର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ପ୍ରତିଶ୍ରୁତି ପ୍ରତିଷ୍ଠାନ ପକ୍ଷରୁ ଓଡିଶାର ସମବାୟ ଆନ୍ଦୋଳନର ଅଗ୍ରଦୂତ, ବାରିପଦାର ପୂର୍ବତନ ବିଧାୟକ ତଥା ବିଶିଷ୍ଟ ସମାଜ ସେବୀ ଓ ବରିଷ୍ଠ ସାମ୍ବାଦିକ ବିମଳ ଲୋଚନ ଦାସଙ୍କ ମହା ପ୍ରୟାଣ ଦିବସ ଅବସରରେ ଏକ ସ୍ମୃତି ଚାରଣ ସଭା ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ହୋଟେଲ୍ ଅମ୍ବିକା ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସଭାରେ ଡା. ପାର୍ଥସାରଥି ଜେନା ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ପ୍ରତିଶ୍ରୁତି ପତ୍ରିକାର ସମ୍ପାଦକ ତଥା ବିଶିଷ୍ଟ ସାହିତ୍ୟିକ ଭାଗବତ ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରି ସ୍ୱର୍ଗତ ଦାସଙ୍କ କର୍ମମୟ ଜୀବନ ଆଦର୍ଶଗତ ଆଚରଣ ପରୋପକାରୀ ମନୋବୃତି ତଥା ତ୍ୟାଗପୂତ ଭାବନା ସମ୍ପର୍କରେ କହିଥିଲେ। ଏହି ସ୍ମୃତି ଚାରଣ ସଭାରେ ସମ୍ମାନିତ ଅତିଥି ତଥା ବରିଷ୍ଠ ସାମ୍ବାଦିକ ଓ ଶିଶୁ ସାହିତ୍ୟର ଗବେଷକ ଡ. ବିଜୟ କୁମାର ଅଗରୱାଲା ବିମଳ ବାବୁଙ୍କ ସହିତ ତାଙ୍କ ପାରିବାରିକ ସମ୍ପର୍କ ବିଷୟରେ ବର୍ଣ୍ଣନା କରି ସେ ଜଣେ ମଣିଷ ପରି ମଣିଷ ଥିଲେ ବୋଲି କହିଥିଲେ। ମୁଖ୍ୟ ବକ୍ତା ରାଜକିଶୋର ଆଚାର୍ଯ୍ୟ ସମବାୟ କ୍ଷେତ୍ରରେ ବିମଳ ବାବୁଙ୍କ ବିଚକ୍ଷଣ ଅଭିଜ୍ଞତା ରହିଥିଲା ବୋଲି ବର୍ଣ୍ଣନା କରିଥିଲେ। ଏହି ସ୍ମୃତି ଚାରଣ ସଭାରେ ବାରିପଦା ପୌରପରିଷଦର ନଗରପାଳ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିମଳ ବାବୁଙ୍କ ଜୀବନାଦର୍ଶ ଓ ସୁଗୁଣର ଅବତାରଣା କରି ବାରିପଦାରେ ଛୋଟ ବଡ ବ୍ୟବସାୟୀ କିଭଳି ଭାବେ ଅର୍ବାନ ବ୍ୟାଙ୍କର ସାହାଯ୍ୟ ପାଇ ନିଜର ଗୁଜୁରାଣ ମେଣ୍ଟାଇବା ସହ ପ୍ରତିଷ୍ଠିତ ହୋଇଛନ୍ତି ତାହା ବର୍ଣ୍ଣନା କରି ସେ ବିମଳ ବାବୁଙ୍କ ଆଶିର୍ବାଦ ପାଇଁ ଆଜି ଏହି ସମ୍ମାନର ଅଧିକାରୀ ହୋଇପାରିଛନ୍ତି ବୋଲି କହିଥିଲେ। ଏହି ଅବସରରେ ସମବାୟ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା କରିଆର ଭୁବନ ବିହାରୀ ସାହୁଙ୍କୁ ବିମଳ ଲୋଚନ ଦାସ ସ୍ମୃତି ସମ୍ମାନ-୨୦୨୪ ପ୍ରଦାନ କରାଯାଇଥିଲା ଓ ଶ୍ରୀ ସାହୁ ମଧ୍ୟ ବିମଳ ବାବୁଙ୍କ ଆଦର୍ଶଗତ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ସୁକାନ୍ତ କୁମାର ଜୀଉ, ଡ.ଶ୍ୟାମସୁନ୍ଦର ଦାସ, ଅଧ୍ୟାପକ ଦୋଳ ଗୋବିନ୍ଦ ମହାନ୍ତ ପ୍ରମୁଖ ତାଙ୍କର ସ୍ମୃତି ଚାରଣ କରିଥିବା ବେଳେ ସୁଧାମୟୀ ଦାସ, ଭଗବତୀ ଦାଶ, ପ୍ରଦୀପ କୁମାର ନାୟକ, ରତ୍ନାକର ତ୍ରିପାଠୀ, ଭାସ୍ୱତୀ ପଣ୍ଡା ପ୍ରମୁଖ କବିତା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ସଭାରେ ଅଜିତ କୁମାର କବାଟ, ନରସିଂହ ବାରିକ, ବିଜୟ କୁମାର ମହାନ୍ତି, ରଘୁନାଥ ପଣ୍ଡା, ବଂଶିଧର ପାଲବାବୁ, ବିକ୍ରମ କେଶରୀ ଜେନା, ଅସୀମ କୁମାର ଚକ୍ରବର୍ତୀ, ଦୋଳଗୋବିନ୍ଦ ଦାଶ, ଶ୍ରୀହରି ଦତ୍ତ, ପ୍ରଦୀପ କୁମାର ଦାସ, ସୁରେଶ କୁମାର ପାଣିଗ୍ରାହୀ, ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଦୀପକ କୁମାର ତ୍ରିପାଠୀ, ଡ. ଭକ୍ତହରି ମହା', ଡ. ପ୍ରଦ୍ୟୁମ୍ନ କୁମାର ମହାପାତ୍ର, ଡ. ଦୀପଙ୍କର ମିଶ୍ର ପ୍ରମୁଖ ମଧ୍ୟ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସଭାପତି ଡା. ଜେନା ବିମଳ ବାବୁଙ୍କର ସାଧାରଣ ଲୋକଙ୍କ ପ୍ରତି ଅବଦାନ ସମ୍ପର୍କରେ ବଖାଣିଥିଲେ। ପରିଶେଷରେ ପ୍ରଦୀପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଫେବୃଆରୀ ୨୬ରେ କଂଗ୍ରେସର ସଚିବାଳୟ ଘେରାଉ

ଭୁବନେଶ୍ୱର, ୨୩/୨ (ନି.ପ୍ର): ରାଜ୍ୟରେ ଦୀର୍ଘ ୨୪ବର୍ଷର ଶାସନ କାଳରେ ବିଜେଡି ସରକାର ପ୍ରତ୍ୟେକ କ୍ଷେତ୍ରରେ ବିଫଳ ହୋଇଛନ୍ତି ରାଜ୍ୟର ସବୁ ବ୍ଲକକୁ ୩୫% ଜଳସେଚନ ସୁବିଧା, କୃଷିଜାତ ଦ୍ରବ୍ୟର ସଂରକ୍ଷଣ, ଧାନର ଅଭାବୀ ବିକ୍ରି ସମସ୍ୟାର ସମାଧାନ, ଚାଷୀଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କା ପ୍ରଦାନ କିମ୍ବା ବେକାରୀ ସମସ୍ୟା ସମାଧାନ ଆଦି ସବୁ କ୍ଷେତ୍ରରେ ରାଜ୍ୟ ସରକାର ବିଫଳ। ଅନ୍ୟପକ୍ଷରେ ୧ଲକ୍ଷ କୋଟି ଟଙ୍କାର ଖଣି ଦୁର୍ନୀତି, ୨୦ ହଜାର କୋଟି ଟଙ୍କାର ଚିଟ୍ ଫଣ୍ଡ ଦୁର୍ନୀତି, ପାନୀୟଜଳ ଯୋଗାଣରେ ୩୩ ହଜାର କୋଟିର ଠିକା ଦୁର୍ନୀତି, ବିଦ୍ୟୁତ୍ ସେବା ଭିତିଭୂମି ଆଳରେ ୩୫ ହଜାର କୋଟି ଟଙ୍କାର ଦୁର୍ନୀତି ଏବଂ ନାରୀ ନିର୍ଯ୍ୟାତନା ଓ ନାବାଳିକା ଚାଲାଣ ଆଦି ବିଜେଡି ସରକାରଙ୍କ ସଫଳତାର ଫର୍ଦ୍ଦ କହିଲେ ନ ସରେ । ଏସବୁ ଦୁର୍ନୀତି ଓ ଅନ୍ୟାୟ ପ୍ରତିବାଦରେ ଆସନ୍ତା ୨୬ ତାରିଖ ସୋମବାର ପୂର୍ବାହ୍ଣ ୧୧ଟାରେ କଂଗ୍ରେସ ଭୁବନେଶ୍ୱରସ୍ଥିତ ରାଜ୍ୟ ସଚିବାଳୟ (ଲୋକସେବା ଭବନ) ଘେରାଉ କରିବ ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ କହିଛନ୍ତି । ଶୁକ୍ରବାର କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଟ୍ଟନାୟକ କହିଲେ ଯେ ଗତ ୨୪ବର୍ଷ ହେଲା ବିଜେଡି ସରକାର ଦୁର୍ନୀତିରେ ବୁଡି ରହିଛନ୍ତି । ରାଜ୍ୟର ପ୍ରକୃତ ବିକାଶ କରିବା ପରିବର୍ତେ କେବଳ ନିର୍ବାଚନ ସମୟରେ ବଡ଼ ବଡ଼ ଘୋଷଣା କରି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। କୃଷି କ୍ଷେତ୍ରର ଉପଯୁକ୍ତ ବିକାଶ, ଚାଷଜମିକୁ ଜଳସେଚନ, ବିଧାନସଭାରେ ସର୍ବସମ୍ମତି କ୍ରମେ ହୋଇଥିବା ନିଷ୍ପତି ଅନୁଯାୟୀ ଚାଷୀଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କା ପ୍ରଦାନ କରିବାରେ ସରକାର ଆନ୍ତରିକତା ଦେଖାଉ ନାହାନ୍ତି । ଅଥଚ ନିର୍ବାଚନ ଆସିଲେ କାଳିଆ ଯୋଜନା କରି ଚାଷୀଙ୍କୁ ପ୍ରତାରଣା କରୁଛନ୍ତି । ଓଡ଼ିଶାରେ ମହିଳାଙ୍କ ପ୍ରତି ହେଉଥିବା ନିର୍ଯାତନା ଓ ଅପରାଧ ସାରା ଦେଶରେ ସବୁଠାରୁ ଅଧିକ ବୋଲି ଏନ୍ ସିଆରବି ରିପୋର୍ଟରେ ପ୍ରକାଶ ପାଇଛି । ଉଭୟ ବିଜେଡି ଓ ବିଜେପି ସରକାର ଗୋଟିଏ ମୁଦ୍ରାର ଦୁଇଟି ପାଶ୍ୱର୍ ଭଳି କାର୍ଯ୍ୟ କରୁଛନ୍ତି । ରାଜ୍ୟର ବିକାଶ କଥା ଚିନ୍ତା ନକରି ସେମାନେ ଲୋକଙ୍କୁ ଭଣ୍ଡାଉଛନ୍ତି। ତେଣୁ ଏହାର ପ୍ରତିବାଦରେ ଆସନ୍ତା ୨୬ ତାରିଖରେ ହେବାକୁଥିବା ସଚିବାଳୟ ଘେରାଉ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଶ୍ରୀ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି । ସାମ୍ବାଦିକ ସମ୍ମିଳନୀରେ ପିସିସି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ଡ.ବିଶ୍ୱରଞ୍ଜନ ମହାନ୍ତି କହିଲେ ଯେ ସରକାର ଚାଷୀଙ୍କୁ ୨ ହଜାର ଟଙ୍କା ନିର୍ବାଚନୀ ଲଲିପପ୍ ଦେଇ ଭୁଡାନ୍ତୁ ନାହିଁ । ଓଡ଼ିଶାର ଚାଷୀ ମିଛ ପ୍ରତିଶ୍ରୁତି ନୁହେଁ, ନ୍ୟାୟ ମାଗୁଛନ୍ତି । ଚାଷଜମିକୁ ଜଳସେଚନ ସୁବିଧା, ଉତ୍ପାଦିତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଏବଂ କୃଷିଜାତ ଦ୍ରବ୍ୟ ସଂରକ୍ଷିତ ରଖିବା ପାଇଁ ଶୀତଳଭଣ୍ଡାର ପ୍ରତିଷ୍ଠା କରି ସରକାର ଚାଷୀମାନଙ୍କୁ ସେମାନଙ୍କ ନ୍ୟାଯ୍ୟ ଅଧିକାର ପ୍ରଦାନ କରନ୍ତୁ।

## ମଡର୍ଣ୍ଣ କମ୍ୟୁନିକେସନର ଫ୍ୟୁଚରିଷ୍ଟିକ୍ ସେଣ୍ଟର ହେବ ଢେଙ୍କାନାଳ: ଧର୍ମେନ୍ଦ୍ର ପ୍ରଧାନ




ଢେଙ୍କାନାଳ, ୨୩/୨ (ନି.ପ୍ର): ଆଗାମୀ ଦିନରେ ଢେଙ୍କାନାଳ ମଡର୍ନ କମ୍ୟୁନିକେସନର ଫ୍ୟୁଚରିଷ୍ଟିକ୍ ସେଣ୍ଟର ତଥା ଆଧୁନିକ ଯୋଗାଯୋଗର ଭବିଷ୍ୟତ କେନ୍ଦ୍ର ହେବ ବୋଲି ଶୁକ୍ରବାର ଢେଙ୍କାନାଳରେ ଏନଏସଡିସିର 'ସ୍କିଲ୍ ଇଣ୍ଡିଆ ସେଣ୍ଟର'(ଏସଆଇଏସ)କୁ ଲୋକାର୍ପଣ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଗତ ୨୦ ତାରିଖରେ ଏନଏସଡିସି ଦ୍ୱାରା ସମ୍ବଲପୁରରେ ଦେଶର ପ୍ରଥମ ସ୍କିଲ୍ ଇଣ୍ଡିଆ ସେଣ୍ଟର ଉଦଘାଟନ କରିବା ପରେ ଆଜି ଢେଙ୍କାନାଳରେ ଏହି ସେଣ୍ଟରର ଉଦଘାଟନ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେଓଭବଙ୍କଶଙ୍କକ୍ସବସ୍ପର ଝଳସକ୍ଷକ୍ଷ ଓଭୟସବ ଉରଭସ୍ପକ୍ସର ବସ୍ପ ଉଷରଭଳବଭବକ୍ଷନ୍ଦ୍ର ମୋଦୀଙ୍କ କଳ୍ପନାରେ ଏକବିଂଶ ଶତାବ୍ଦୀର ଯୁବପିଢିଙ୍କ ଆକାଂକ୍ଷା ଓ ରୁଚିକୁ ଦୃଷ୍ଟିରେ ରଖି ସେମାନଙ୍କ ପାଇଁ ରୋଜଗାର ଓ ସ୍ୱରୋଜଗାର ବଢାଇବା ଲକ୍ଷ୍ୟରେ ଏହି କେନ୍ଦ୍ର ସ୍ଥାପନା କରାଯାଇଛି । ଏହି କେନ୍ଦ୍ରରେ ଡିଜିଟାଲ ଦୁନିଆ ତଥା ସର୍ଭିସ ଇଣ୍ଡଷ୍ଟ୍ରିର ଆଧୁନିକ ସ୍କିଲିଂ ଟ୍ରେନିଂର ବ୍ୟବସ୍ଥା ଅଛି । ନିକଟରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟକୁ ସ୍ୱୀକୃତି ଦେଇ ଢେଙ୍କାନାଳ ସ୍ଥିତ ଭାରତୀୟ ଜନ ସଞ୍ଚାର ସଂସ୍ଥାନ (ଆଇଆଇଏମସି)କୁ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଡିମଡ୍ ୟୁନିଭର୍ସିଟିର ମାନ୍ୟତା ଦିଆଯାଇଛି । ଆଜି ଉଦଘାଟିତ ସ୍କିଲ୍ ଇଣ୍ଡିଆ ସେଣ୍ଟର ଆଇଆଇଏମ ଢେଙ୍କାନାଳ ସହ ଯୋଡିହେଲେ ଆଗାମୀ ଦିନରେ ଢେଙ୍କାନାଳ ମଡର୍ନ କମ୍ୟୁନିକେସନର ଫ୍ୟୁଚରିଷ୍ଟିକ୍ ସେଣ୍ଟର ହୋଇପାରିବ ।

## ଦକ୍ଷିଣ ପୂର୍ବ ରେଳପଥ ଟେଣ୍ଡର

**ଟେଣ୍ଡର ନୋଟିସ୍ ନଂ: TRD-KGP-W-2023-24-25, ତାରିଖ: ୨୨.୦୨.୨୦୨୪ ।** ଭାରତର ରାଷ୍ଟ୍ରପତିଙ୍କ ତରଫରୁ ବରିଷ୍ଠ DEE / TRD, ଦକ୍ଷିଣ ପୂର୍ବ ରେଳ, ଖଡ଼ଗପୁର - ୭୨୧୩୦୧ ୧୫.୦୦ ଘଣ୍ଟା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡରକୁ ଆମନ୍ତ୍ରଣ କରିଥାଏ । ନିମ୍ନଲିଖିତ କାର୍ଯ୍ୟପାଇଁ ଉଲ୍ଲେଖ କରାଯାଇଥିବା ତାରିଖ ଏବଂ **୧୫.୩୦ ଘଣ୍ଟାରେ ଖୋଲାଯିବ।** **କାର୍ଯ୍ୟଗୁଡ଼ିକର ବର୍ଣ୍ଣନା:** ଖରାଗପୁର ଡିଭିଜନ୍ ଉପରେ କାର୍ଯ୍ୟ କରୁଥିବା ବିଭିନ୍ନ ପ୍ରକାରର ଇଞ୍ଜିନିୟରିଂ ମେସିନ୍ ସମୟରେ ବିଭିନ୍ନ ପ୍ରକାରର ଟ୍ରାକ୍ସନ୍ ବଣ୍ଟର ସଂଯୋଗ ଏବଂ ପୁନଃ ସଂଯୋଗ। **ଟେଣ୍ଡର ମୂଲ୍ୟ:** ୨୧,୩୧,୧୪୦ EMD: 42,600 ଟେଣ୍ଡର ଡକ୍ୟୁମେଣ୍ଟର **ମୂଲ୍ୟ:** ନିଲ୍ । **ଖୋଲିବାର ତାରିଖ:** ୧୪.୦୩.୨୦୨୪ **ସମାପ୍ତି ସମୟ:** ୦୬ (ଛଅ) ମାସ। **ଦାଖଲ ତାରିଖ:** ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ । ୧୪.୦୩.୨୦୨୪ ର ଇଚ୍ଛୁକ ଟେଣ୍ଡରକାରୀମାନେ ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ଟେଣ୍ଡରର ନିର୍ଦ୍ଦିଷ୍ଟକରଣ ପାଇଁ ୱେବସାଇଟ୍ **www.ireps.gov.in** ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ । କୌଣସି କ୍ଷେତ୍ରରେ ଏହି କାର୍ଯ୍ୟ ପାଇଁ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ଟିପନ୍ତୁ:** ସମସ୍ତ ଟେଣ୍ଡରରେ ଭାଗ ନେବାକୁ ଆଶାୟୀ କର୍ମୀମାନେ ନିୟମିତ ଭାବରେ **www.ireps.gov.in** ପରିଦର୍ଶନ କରିପାରିବେ ।

(PR-1164)

## ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା କମ୍ୟୁନିଷ୍ଟ ନେତା ସ୍ୱର୍ଗତ ବନମାଳୀ ଦାସଙ୍କ ୧୬ ତମ ଶ୍ରାଦ୍ଧବାର୍ଷିକୀ ପାଳିତ




ନୀଳଗିରି , ୨୩/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଅଫିସ ବନମାଳୀ ଭବନ ରେ ନୀଳଗିରି ଜୋନ ସ୍ତରୀୟ ବର୍ଷିଆନ ସାମ୍ୟବାଦୀ ନେତା ତଥା ପୂର୍ବତନ ବିଧାୟକ ବନମାଳୀ ଦାସ ଙ୍କ ୧୬ ତମ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପ୍ରଭାକର ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଜିଲ୍ଲା ସମ୍ପାଦକ ନିରଞ୍ଜନ ବାରିକ, ଜୋନ ସମ୍ପାଦକ ବିଜୟ ସ, ଜିଲ୍ଲା କମିଟି ସଭ୍ୟ ପ୍ରତାପ ଚନ୍ଦ୍ର ମହାନ୍ତି, ପାଟପୁର ଶାଖା ସମ୍ପାଦକ ହରେକୃଷ୍ଣ ପଣ୍ଡିତ, ଉତ୍କଳ ମହିଳା ସମିତିର ନାରୀନେତ୍ରୀ ଅରୁଣା ବାରିକ, ଗାୟତ୍ରି ପଣ୍ଡା, ବିକ୍ରମ ମିଶ୍ର, ପଞ୍ଚାନନ ସ, ଦେବେନ୍ଦ୍ର ବେହେରା, ନିହାର ରଞ୍ଜନ ଜେନା, ଆଦିବାସୀ ନେତା ଜଗନ୍ନାଥ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ବନମାଳୀ ଦାସ ଙ୍କୁ ଶ୍ରଦ୍ଧାଞ୍ଜଳି ପୂର୍ବକ ୨ ମିନିଟ ନିରବ ପ୍ରାର୍ଥନା କରିଥିଲେ ।ପରବର୍ତୀ ମୁହୂର୍ତ ରେ ନିରଞ୍ଜନ ବାରିକ ନୀଳଗିରି ଗଡଜାତର ପ୍ରଜାମେଳି ଆନ୍ଦୋଳନ ଏବଂ ସ୍ୱାଧୀନତା ରେ ବନମାଳୀ ଦାସ ଙ୍କ ଉତ୍ସର୍ଗୀକୃତ ଜୀବନ ବିଷୟରେ ଗଭୀର ଆଲୋକପାତ କରିଥିଲେ। ଶେଷରେ ଜୋନ ସମ୍ପାଦକ ବିଜୟ ସ ଧନ୍ୟବାଦ ଅର୍ପଣ କରିଥିଲେ।

## ବଡ଼ସାହି ନିର୍ବାଚନ ମଣ୍ଡଳୀର ମହାମିଶ୍ରଣ ପର୍ବ ଅନୁଷ୍ଠିତ

ବଡ଼ସାହି, ୨୩/୨ (ନି.ପ୍ର): ବଡ଼ସାହି ନିର୍ବାଚନମଣ୍ଡଳୀ ବିଜେଡିର ମହମିଶ୍ରଣ ପର୍ବ ବଡସାହି ବ୍ଲକର ଦୁର୍ଗାପୁର ଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବଡ଼ସାହି ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ବିଧାୟକ ମନୋରଞ୍ଜନ ସେଠୀ ବିଜେଡିକୁ ପୁଣି ଫେରିଛନ୍ତି। ଶ୍ରୀ ସେଠି ଗତକାଲି ବିଜେପି ଦଳରୁ ଇସ୍ତଫା ଦେଇଥିବା ବେଳେ ଶୁକ୍ରବାର ବିଜେଡିରେ ମିଶିଛନ୍ତି। ଯାହାକି ବଡ଼ସାହି ରାଜନୀତିରେ ହଟଚମଟ ସୃଷ୍ଟି କରିଛି। ମହାମିଶ୍ରଣ କାର୍ଯ୍ୟକ୍ରମରେ ବିଜେଡିର ସହ ପର୍ଯ୍ୟବେକ୍ଷକ ଜନ୍ମେଜୟ ଲେଙ୍କା, ରାଜ୍ୟସଭା ସାଂସଦ ମମତା ମହାନ୍ତ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ, ମୋରଡ଼ା ବିଧାୟକ ରାଜକିଶୋର ଦାସ, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡା ଦେବାଶିଷ ମାରାଣ୍ଡି, ମୟୁରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ସୁବ୍ରମଣ୍ୟମ ମହାନ୍ତି, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳ ସୀମା ଦାସ, ସବିତା ହାଁସଦା, ପୂର୍ଣ୍ଣିମା ମିଶ୍ର, ଜିଲ୍ଲା ପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ସୁବାସିନୀ ନାଏକ, ଧାନୀ କିସ୍କୁ, ବଡସାହି ବ୍ଲକ ଅଧ୍ୟକ୍ଷା ମିନତୀ ସିଂ, ଉପାଧ୍ୟକ୍ଷା କାଞ୍ଚନ ପ୍ରଧାନ, ବେତନଟୀ ବ୍ଲକ ଅଧ୍ୟକ୍ଷା କୌଶଲ୍ୟା ମାଝୀ, ଉପାଧ୍ୟକ୍ଷ ଦେବଦତ୍ତ ତିଆଡି, ବିଜେଡି ଜିଲ୍ଲା ଛାତ୍ର ସଭାପତି ସୁନୀଲ ନାୟକ, ଲଲାଟେନ୍ଦୁ ବେହେରା, କରମଚାନ୍ଦ କାଳନ୍ଦୀ, ଯାମିନକାନ୍ତ ନାଏକ, ତପନ ପତି, ସନ୍ତକ ଲେଙ୍କା, ରାକେଶ ମହାପାତ୍ର, ନିହାର ରଞ୍ଜନ ମହାପାତ୍ର, ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଉକ୍ତ ମିଶ୍ରଣ କାର୍ଯ୍ୟକ୍ରମରେ ଜେଏମଏମ , ବିଜେପି, କଂଗ୍ରେସ ଆଦି ଦଳର ୧ହଜାରରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ମାନେ ବିଜେଡିରେ ଆନୁଷ୍ଠାନିକ ଭାବେ ଯୋଗଦାନ କରିଛନ୍ତି। କାର୍ଯ୍ୟକ୍ରମରେ ବଡ଼ସାହି ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମ ପଞ୍ଚାୟତର ୮ହଜାର ଦଳୀୟ କର୍ମୀ ଯୋଗ ଦେଇଥିଲେ । ସୂଚନା ଥାଉକି, ବଡ଼ସାହି ନୂତନ ବିଧାନସଭା କ୍ଷେତ୍ର ଭାବେ ଗଠିତ ହେବା ପରେ ଶ୍ରୀ ସେଠୀ ୨୦୦୯ ମସିହାରେ ବିଜେଡି ଦଳରୁ ଟିକଟ ପାଇ ପ୍ରଥମ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ତେବେ ୨୦୧୪ ନିର୍ବାଚନରେ କଂଗ୍ରେସ ଦଳରୁ ଇସ୍ତଫା ଦେଇ ବିଜେଡିରେ ମିଶିଥିବା ଗଣେଶ୍ୱର ପାତ୍ରଙ୍କୁ ଟିକଟ ଦେବାରୁ ଶ୍ରୀ ସେଠୀ ଦ୍ୱିତୀୟ ଥର ବିଧାୟକ ଭାବେ ନିର୍ବାଚନ ଲଢିବା ଆଶା ମଉଳିଯାଇଥିଲା। ଫଳରେ ଅଭିମାନରେ ନିଜର ସମର୍ଥକଙ୍କ ସହିତ ଶ୍ରୀ ସେଠୀ ବିଜେଡି ଛାଡି ବିଜେପିରେ ମିଶିଥିଲେ ସୁଦ୍ଧା ସେଠାରେ ତାଙ୍କୁ ଗୁରୁତ୍ୱ ଦିଆନଯାଇ ତାଙ୍କୁ ଅଣଦେଖା କରି ଚାଲିଥିଲେ। ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ଓ ବଡ଼ସାହି ନିର୍ବାଚନ ମଣ୍ଡଳୀ ପ୍ରତି ସେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେବା ପ୍ରଭାବିତ କରିଥିଲା। ଏହାକୁ ନେଇ ତାଙ୍କର ସମର୍ଥକଙ୍କ ସହ ସେ ବିଜେଡି ଯୋଗଦାନ କରିଛନ୍ତି।







# ହିମାଚଳ ପ୍ରଦେଶର ବନବିଭାଗ ଟିମ୍ ବେତନଟୀ ରେଞ୍ଜ ପରିଦର୍ଶନ



ବେତନଟୀ , ୨୩/୨ (ନି.ପ୍ର): ହିମାଚଳ ପ୍ରଦେଶର ଏକ ବନବିଭାଗର ସ୍ୱତନ୍ତ୍ର ଟିମ ଆଜି ବେତନଟୀ ରେଞ୍ଜ ପରିଦର୍ଶନ ପାଇଁ ଆସିଥିଲେ। ଏହି ଟିମ ରେ ଡିଏଫଓ, ଏସିଏଫ ଓ ରେଞ୍ଜ ଅଫିସର ମାନେ ସାମିଲ ଥିଲେ । ଏହି ଟିମ୍ ବେତନଟୀ ରେଞ୍ଜ ଅଧୀନ ମେରଦା ପଞ୍ଚାୟତର ବର୍ଚନା ଗ୍ରାମ ରେ ଚାଲିଥିବା ଏକ ଶାଳପତ୍ର କ୍ଲଥଷ୍ଟୋର ବୁଲି ଦେଖିଥିଲେ। ସେଠାରେ କିଭଳି ଶାଳପତ୍ର ରୁ ଦୋନା ପତ୍ର ମହିଳା ମାନେ ପ୍ରସ୍ତୁତ କରୁଛନ୍ତି ସେହି ବିଷୟରେ ମହିଳା ମାନଙ୍କୁ ପଚାରି ବୁଝିଥିଲେ। ସ୍ଥାନୀୟ ଅଞ୍ଚଳରୁ ଗ୍ରାମବାସୀ ମାନେ ସେଠାକୁ ଆସିଥିବା ବେଳେ ହିମାଚଳ ପ୍ରଦେଶ ର ବନବିଭାଗ ଟିମ ଏକ ସ୍ୱତନ୍ତ୍ର ବୈଠକ ରେ ମଧ ଯୋଗ ଦେଇଥିଲେ। ସେହିଭଳି ଓଡିଶା୍ନ ଉନ୍ନୟନ ପ୍ରକଳ୍ପ ପର୍ଯ୍ୟାୟ -୨ ମାଧମରେ ପୁରିନ୍ଦା ପଞ୍ଚାୟତ ର ବାଗ୍ୱସା ଠାରେ ଛତୁ ଚାଷ ଓ କୁକୁଡ଼ା ଚାଷ ହେଉଛି ତାହା ମଧ ପରିଦର୍ଶନ କରିଥିଲେ। ହିମାଚଳ ପ୍ରଦେଶ ର ବନ ବିଭାଗ ଟିମ୍ ସହିତ ବାରିପଦା ବାରିପଦା ଏସିଏଫ ଅରୁଣ ବିଶ୍ୱାଳ , ବେତନଟୀ ରେଞ୍ଜ ଅଫିସର ମନୋଜ୍ୱର ଖାଁ , ବେତନଟୀ ଫରେଷ୍ଟର ପ୍ରଶାନ୍ତ ସିଂ ସାମନ୍ତ, ବଡାମପୁର ଫରେଷ୍ଟର ଦୀପକ ପାତ୍ର, ଫରେଷ୍ଟ ବାର୍ଡ ଉତ୍ତମ କୁମାର ଦାସ, ରତିକାନ୍ତ ଢ୍ୱେହୁରିଆ, ସୁବାଶୀଷ ସାହୁ, ନିହାର ସାମଲ ପ୍ରମୁଖ ବନବିଭାଗ ର ଅଧିକାରୀ ମାନେ ଏହି ପରିଦର୍ଶନ ରେ ସହଯୋଗ କରିଥିଲେ।




# ବାହାନଡାରେ ଇଣ୍ଡୋର ଷ୍ଟାଡିୟମ ଉଦ୍‌ଘାଟନ

ବେତନଟୀ , ୨୩/୨ (ନି.ପ୍ର): ବେତନଟୀ ସ୍ଥିତ ବାହାନଡା ଗ୍ରାମରେ ହିନ୍ଦୁସ୍ତାନ ପେଟ୍ରୋଲିୟମର ସିଏସଆର ପକ୍ଷରୁ ୨୫ଲକ୍ଷ ଟଙ୍କା ଅନୁଦାନରେ ପ୍ରଥମ କରି ବେତନଟୀ ରେ ବ୍ୟାଡ଼ମିଣ୍ଟନ ଖେଳ ପାଇଁ ଇଣ୍ଡୋର ଷ୍ଟାଡିୟମକୁ ଆଜି ଆନୁଷ୍ଠାନିକ ଭାବରେ ଉଦଘାଟନ କଲେ ମାନ୍ୟବର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ବିଭାଗର କେନ୍ଦ୍ରମନ୍ତ୍ରୀ ଇଂ ବିଶ୍ୱେଶ୍ୱର ଟୁଡୁ । ସର୍ବପ୍ରଥମେ ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସମ୍ମାନୀତ କରାଯାଇ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଶିକ୍ଷକ ତୋଶିଲ କୁମାର ବେହେରା ଙ୍କ ମଞ୍ଚ ପରିଚାଳନା ରେ ଆୟୋଜିତ କାର୍ଯ୍ୟକ୍ରମରେ ହିନ୍ଦୁସ୍ତାନ ପେଟ୍ରୋଲିୟମର ମ୍ୟାନେଜର ଫାଲ୍ଗୁନୀ ସାହୁ, ହିନ୍ଦୁସ୍ତାନ ପେଟ୍ରୋଲିୟମର କ୍ଷେତ୍ରଅଧିକାରୀ ରଞ୍ଜନ ଚଉରାସିୟା, ସମ୍ମାନୀତ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ରାଧାମୋହନ ବେହେରା, ବାହାନଡା ବ୍ୟାଡ଼ମିଣ୍ଟନ କ୍ଲବ ର ସଭାପତି ନିରଞ୍ଜନ ମହାନ୍ତି, ଭାଜପା ଜିଲ୍ଲା ଉପସଭାପତି ପ୍ରଦୀପ ପରିଡା, ୩୫ ନମ୍ବର ମଣ୍ଡଳସଭାପତି ରାଜକିଶୋର ଶାହା, ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ବ୍ରଜମୋହନ ବେହେରା, ପ୍ରାକ୍ତନ ବେତନଟୀ ମହାବିଦ୍ୟାଳୟ ର ଅଧକ୍ଷ ରମାକାନ୍ତ ସିଂ , ପ୍ରାକ୍ତନ ବ୍ଲକଉପାଧକ୍ଷା ଅମ୍ବିକା ବାରିକ ପ୍ରମୁଖ ଅତିଥି ଓ ଅଧିକାରୀଗଣ ମଞ୍ଚାସୀନ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମକୁ ଯୁ ରଞ୍ଜିତ ପ୍ରଧାନ , ଯୁବ ନେତା ସଞ୍ଜୟ ବେହେରା, ଅଲୟ ପ୍ରଧାନ, ତପନ ନାୟକ, ଖଗେନ୍ଦ୍ର ସାହୁ, ଶିଶିର ବେହେରା, ବିଶ୍ୱଜିତ ନାୟକ, ପଙ୍କଜ କୁମାର ସାହୁ, ମନୋଜ କୁମାର ଜେନା, ଦ୍ୱେନାରାୟଣ ପାତ୍ର, ପ୍ରିୟଜିତ ନାୟକ, ସୁବ୍ରତ ପଣ୍ଡିତ, ସନ୍ଦୀପ ବେହେରା, ସୁଦୀପ ନାୟକ ଙ୍କ ସମେତ ବେତନଟୀ ଅଞ୍ଚଳ ର ବହୁତ ବ୍ୟାଡ଼ମିଣ୍ଟନ ଖେଳାଳି ମାନେ ଉପସ୍ଥିତି ରହି ସହଯୋଗ କରିଥିଲେ । ଏହି ଅବସରରେ ଶତାଧିକ ଗ୍ରାମବାସୀ ମାନେ ଉପସ୍ଥିତ ରହିଥିଲେ ।

# ନୀଳଗିରି ବ୍ଲକର ବିଭିନ୍ନ ପଞ୍ଚାୟତରେ ସେତୁ ଓ ରାସ୍ତାର ଶିଳାନ୍ୟାସ କଲେ ମାନ୍ୟବର ସାଂସଦ ଓ ବିଧାୟକ



ନୀଳଗିରି , ୨୩/୨ (ନି.ପ୍ର): ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଆନୁକୂଲ୍ୟରେ ନୀଳଗିରି ବ୍ଲକର ଭିନ୍ନ ଭିନ୍ନ ସ୍ଥାନରେ ନଦୀ ଉପରେ ପୋଲ ନିର୍ମାଣ ସହିତ ରାସ୍ତା ନିର୍ମାଣର ଶୁଭ ଶିଳାନ୍ୟାସ ହୋଇଯାଇଛି। ନୀଳଗିରି ନିର୍ବାଚନ ମଣ୍ଡଳୀରେ ସାଧାରଣଜନତା ଗମନାଗମନରେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଜଣେ ଜନତାର ସେବକ ଭାବରେ ସେମାନଙ୍କର ଦାବୀକୁ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ବିଧାନସଭାରେ ବାରମ୍ବାର ଦାବୀ ଉପସ୍ଥାପନ କରିଥିଲେ। ଫଳରେ ସରକାର ବିଧାୟକଙ୍କ ଦାବୀକୁ ଯଥାର୍ଥ ଭାବି ନୀଳଗିରି ନିର୍ବାଚନ ମଣ୍ଡଳୀରେ ବହୁ ଜନ ହୈତେଶୀ କାର୍ଯ୍ୟକୁ ମଞ୍ଜୁର କରିଛନ୍ତି। ଏଥିପାଇଁ ବିଧାୟକ ଶ୍ରୀଯୁକ୍ତ ନାୟକ ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଇଛନ୍ତି। ନୀଳଗିରି ବ୍ଲକର ବେଗୁନିଆ ଗ୍ରାମପଞ୍ଚାୟତର ବେଗୁନିଆ ଯୋର ଉପରେ ସେତୁ ନିର୍ମାଣ, ମହିଷାପଟା ପଞ୍ଚାୟତ ବଣିଆ ଗାଁ ଠାରୁ ଅଯୋଧା ପଞ୍ଚାୟତର ଜୁଣୁକୋଇଲି ସୋନ ନଦୀ ଉପରେ ସେତୁ ନିର୍ମାଣ, ଅଯୋଧା- କାଂଶ ମଧରେ ପୋଲ, ସିଙ୍ଗିରି -ବରହମପୁର ପୋଲ ନିର୍ମାଣ ସହିତ ରାଧାକିଶୋରପୁର ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୪୪କୋଟି ଟଙ୍କା ଅର୍ଥ ମଞ୍ଜୁର ହୋଇଛି। ତେବେ ଏ ସମସ୍ତ କାର୍ଯ୍ୟର ଶିଳାନ୍ୟାସ ଶୁକ୍ରବାର ମାନ୍ୟବର ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକଙ୍କ ସହିତ ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟ, ଜିଲ୍ଲାପରିଷଦ ସଭ୍ୟଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିଳାନ୍ୟାସ ଉତ୍ସବରେ ୧୩ନଂ ଜିଲ୍ଲାପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ, ବିଜେପି ଜିଲ୍ଲା ଉପସଭାପତି ଗଙ୍ଗାଧର ମିଶ୍ର, ତାପସ ମହାନ୍ତି, ସୁଶାନ୍ତ ଖୁଣ୍ଟିଆ, ହେମେନ୍ଦ୍ର ରାଜ,ରଜନୀ ଗିରି, ରବି ସିଂ, ଦୁଃଶାସନ ପୃଷ୍ଟି, ତାରିଣୀ ସିଂ, ଶୁକଦେବ ସିଂ, ପ୍ରଦୀପ ଦାସ, ରମେଶ ମହାନ୍ତି, ବସନ୍ତ ସିଂ, ସାବିତ୍ରୀ ସିଂ, ସତ୍ୟ ବାରିକ, ସୂର୍ଯ୍ୟକାନ୍ତ ସିଂ, ରମାକାନ୍ତ ମହାଲିକ, ସାରଦା କର ପ୍ରମୁଖ ଉପସ୍ଥିତ ରହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

# ଓଲି ତଳେ ଚାଲୁଛି ଅଙ୍ଗନୱାଡ଼ି: ପାଣି, ପାଇଖାନା ଓ ରୋଷେଇ ପାଇଁ ଦେଖାଯାଉଛି ନାହିଁନଥିବା ସମସ୍ୟା




ଉଦଳା , ୨୩/୨ (ନି.ପ୍ର): ୟେ ହେଉଛି ଉଦଳା ବ୍ଲକର କୋଚିଲାଡ଼ିହା ପଂଚାୟତ ଅନ୍ତର୍ଗତ ପ୍ରଫୁଲଚନ୍ଦ୍ରପୁର ଗ୍ରାମରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରର ଦୃଶ୍ୟ । ଗ୍ରାମରେ ବାସ କରୁଥିବା ଶତାଧିକ ପରିବାର ଏହି ଅଙ୍ଗନୱାର୍ଡ଼ି କେନ୍ଦ୍ର ଉପରେ ନିର୍ଭର କରୁଥିବା ବେଳେ ବର୍ତମାନ ଏଠାରେ ୩୦ରୁ ଉର୍ଦ୍ଧ ପିଲା ପଢୁଛନ୍ତି । ଅଙ୍ଗନୱାଡ଼ି ପାଇଁ ଥିବା ଗୃହଟି ଭାଙ୍ଗିଯିବା ଫଳରେ ଦିର୍ଘଦିନ ହେବ ଲୋକଙ୍କ ଘର ଓଳି ତଳେ ଏହା ଚାଲୁଛି । ସେହିପରି ପାଣି, ପାଇଖାନା ଓ ରୋଷେଇ ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି ବୋଲି ଏଠାରେ କାର୍ଯ୍ୟରତ ଅଙ୍ଗନୱାଡ଼ି ଦିଦି ଜଣାଇଛନ୍ତି । ନିକଟରେ ଏହି ଗ୍ରାମରେ ସ୍ୱେଚ୍ଛାସେବୀ ସଂଗଠନ 'ଜନଜାଗୃତି ମଂଚ' ତରଫରୁ ଚାଲିଥିବା 'ଆମ ଅଧିକାର ଯାତ୍ରା' ସମୟରେ ଗ୍ରାମବାସୀ ମାନେ ମଂଚର କର୍ମି ମାନଙ୍କ ସମ୍ମୁଖରେ ଏହା ବ୍ୟକ୍ତ କରିଥିଲେ । ଏଥିପ୍ରତି ସରକାର ତୁରନ୍ତ ଦୃଷ୍ଟି ଦିଅନ୍ତୁ ବୋଲି ଗ୍ରାମବାସୀ ମାନେ ଦାବି ଜଣାଇଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo